


ମାସିକ ପତ୍ରିକା

# ଆମରି ସତ୍ୟ

AMARI SATYA

₹. 25

ତ୍ରୟୋଦଶ ବର୍ଷ
ଚତୁର୍ଥ ସଂଖ୍ୟା, ଅକ୍ଟୋବର ୨୦୨୨

RNI Regn. No. ODI/ODI/2010/350521
Postal Regd. No. PURI-33/2022-24


## ଭାରତର ପ୍ରଥମ
## ଶିଶୁ ସାହିତ୍ୟ ମହୋତ୍ସବ

MUSKAAN
LITERATURE
FESTIVAL
for Child Authors

Winter 2022

# ଆମରି ସତ୍ୟ

## ଦ୍ୱାଦଶତମ ବାର୍ଷିକ ଉତ୍ସବ - ୨୦୨୨

ପ୍ରାଣନାଥ ସଙ୍ଘଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା - ତା୧୮.୯.୨୦୨୨ରିଖ



# ଆମରି ସତ୍ୟ
# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...
ତ୍ରୟୋଦଶ ବର୍ଷ ◆ ଚତୁର୍ଥ ସଂଖ୍ୟା ◆ ଅକ୍ଟୋବର ୨୦୨୨

**ପ୍ରତିଷ୍ଠାତା**
**ଡ. ପ୍ରମୋଦ ଚନ୍ଦ୍ର ଦାଶ**
୯୪୩୭୨୮୧୬୫୫

ସମ୍ପାଦକ
**ଡ. ପ୍ରସନ୍ନ କୁମାର ଜେନା**
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
**ଶ୍ରୀ ସତ୍ୟବାଦୀ ବଳଆରସିଂହ**
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
**ଶ୍ରୀ ତ୍ରିଲୋଚନ ମହାପାତ୍ର**
୯୯୩୮୯୯୪୮୨୨

ସହ ସମ୍ପାଦକ
**ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ**
୯୪୩୮୭୩୪୮୧୬
**ଡ. ଅଜୟ କୁମାର ସ୍ୱାଇଁ**
୯୪୩୭୨୮୧୪୮୨
**ଡ. ଭବାନୀ ଶଙ୍କର ଦାଶ**
୯୪୩୭୧୩୧୯୯୬
**ଶ୍ରୀମତୀ ରଶ୍ମିତା ନାୟକ**
୯୪୩୮୩୬୩୦୩୦

**ସଂଯୋଜକ**
**ଡ. ନିରଞ୍ଜନ ମହାନ୍ତି**
୯୪୩୭୧୬୦୩୫୫
**ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ**
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
**ଶ୍ରୀ ସର୍ବେଶ୍ୱର ମହାପାତ୍ର**
୯୯୩୮୪୪୨୪୨୮
**ଶ୍ରୀ ସମରଜିତ୍ ପଟ୍ଟନାୟକ**
୯୮୬୧୧୨୧୨୦୫
**ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ**
୭୦୭୭୯୮୩୮୪୦
**ଡ. ପ୍ରେମଚାନ୍ଦ ମହାନ୍ତି**
୯୪୩୭୧୨୭୮୨୦
**ଡ. ରଶ୍ମିରଞ୍ଜନ ନାଥ**
୯୯୮୬୧୪୭୭୧୯୫
**ଡ. ଗୌରହରି ମିଶ୍ର**
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
**ଶ୍ରୀ ରାଜୀବ ରଥ**
୭୫୦୪୬୬୯୭୯୨
**ଶ୍ରୀ ପ୍ରୀତମ୍ ବଳୀୟାରସିଂହ**
୯୯୩୭୫୮୧୩୧୮

**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍, ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ତଥା UPI ପଠାଇବାକୁ ଅନୁରୋଧ
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ । ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
**Website: www.amarisatya.in Email:amarisatya@gmail.com, amarisatya@rediffmail.com**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ଭାରତର ପ୍ରଥମ ଶିଶୁ ସାହିତ୍ୟ ମହୋତ୍ସବ | | ୫ |
| ୫. | ହିଲାରୀ ମେରି ମଣ୍ଟେଲ : ଆଧୁନିକ ସାହିତ୍ୟର ରାଣୀ ଥିଲେ | | ୫ |
| ୬. | ସାର୍ଥକ ସାହିତ୍ୟ | ତୁଳସୀ ଜୈନ | ୬ |
| ୭. | ସିଆଚେନ ଗ୍ଲେସିୟର | ଡ. ଭବାନୀ ଶଙ୍କର ଦାଶ | ୭ |
| ୮. | ତେଜସ୍ୱୀ ସନ୍ନ୍ୟାସୀ... | ହରୀଶଚନ୍ଦ୍ର ପୃଷ୍ଟି | ୮ |
| ୯. | ଦଶରା ଆସିଛି ଦୁଆରେ | ପ୍ରିୟମ୍ୱଦା ସାହୁ | ୯ |
| ୧୦. | ପୁଅର ବାପା – ୧ | ସତ୍ୟନାରାୟଣ ସାମନ୍ତରାୟ | ୧୦ |
| ୧୧. | ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର | ଆଦ୍ୟାଶା ପ୍ରିୟଦର୍ଶିନୀ | ୧୧ |
| ୧୨. | ରାଧାନାଥ ରାୟ ଥିଲେ... | ଉମା ଶଙ୍କର ପ୍ରସାଦ୍ର | ୧୨ |
| ୧୩. | ରୂପ ଓ ପ୍ରେମର ଦେବୀ ଉର୍ବଶୀ | ଡ. ପୂର୍ଣ୍ଣଚନ୍ଦ୍ର ଓଝା | ୧୪ |
| ୧୪. | କାମରେ ଫରକ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇ | ୧୬ |
| ୧୫. | "ସଞ୍ଚତାର୍ଥଃ ବିନଶ୍ୟତି" | ରମାକାନ୍ତ ମିଶ୍ର | ୧୭ |
| ୧୬. | ଦିଲିପ ତିର୍କୀ... | ଆଶିଷ କୁମାର ରାୟ | ୧୮ |
| ୧୭. | ବାପା | ଭକ୍ତିଲତା ସାହୁ | ୧୯ |
| ୧୮. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୦ |
| ୧୯. | ସମ୍ବାଦ ବିଚିତ୍ରା | | ୨୩ |
| ୨୦. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

**ରମେଶ ମଙ୍ଗରାଜ**



ଜୀବନ ଯୁଦ୍ଧରେ ହାରିଯାଇଥିବା
ମୁଁ ଏକ ମଣିଷ ଛାର
ଶରଣ ମାଗୁଛି ତମରି ଚରଣେ
ଦିଅ ହେ'କଳାଠାକୁର ॥୦॥
ଅହମିକା ନେଇ ଅହଂକାରୀ ହୋଇ
ଧରା ମଣୁ ଥିଲି ସରା
ଇଚ୍ଛା ହେଉଥିଲା ଆକାଶ ଛାତିରୁ
ତୋଳି ଆଣିବି ମୁଁ ତାରା
ବୟସର ସେହି ଅମନିଆ ଢେଉ
ଏବେ ଶାନ୍ତ ଆଉ ସ୍ଥିର ॥୧॥
ଜୀବନ ଯୁଦ୍ଧରେ ...
ବୁଝିସାରିଲିଣି ମିଛ ଏ ଗରବ
ଧନଜନ ସନମାନ
ହାରିବା ଲୋକର ବଂଚିବା ପାଇଁକି
ତମେ ସାହା ଭଗବାନ
ହାତଟେକି ଦେଲି ତମପାଖେ ପ୍ରଭୁ
ରଖାଅବା ତମେ ମାର ॥୨॥
ଜୀବନ ଯୁଦ୍ଧରେ...


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦




ଗୋଟିଏ ଉପାଦେୟ ପୁସ୍ତକ ପ୍ରକୃତରେ ଅଜେୟ, ତାକୁ ଈର୍ଷା ବା ନିର୍ବୋଧତା କେବେହେଲେ ଧ୍ୱଂସ କରିପାରି ନାହିଁ।



# ସମ୍ପାଦକୀୟ....

ଶାରଦୀୟ ପୂଜାତ୍ସବର ଏହି ଶୁଭ ଅବସରରେ ଆମରିସତ୍ୟର ପାଠକ/ପାଠିକା, ଲେଖକ ସର୍ବୋପରି ଏହାକୁ ଭଲପାଉଥିବା ଅଗଣିତ ଶୁଭେଚ୍ଛୁମାନଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା। ଦୁର୍ଗତିନାଶିନୀ, ଶୁଭଫଳ ପ୍ରଦାୟିନୀ ମାଆ ଦୁର୍ଗା ସମସ୍ତଙ୍କ ପାଇଁ ଏହି ଆତଙ୍କକ୍ଲିଷ୍ଟ ବିଶ୍ୱରେ ଶାନ୍ତି ପ୍ରଦାୟିନୀ ହୁଅନ୍ତୁ, ଏତିକି ପ୍ରାର୍ଥନା କରିବି। ସଭିଙ୍କ ମନରେ ନୂତନ ଆଶା ସଞ୍ଚାରକରି ଜୀବନକୁ ମଧୁମୟ କରି ତୋଳିବାର ଯଥେଷ୍ଟ ସାହସ ଦିଅନ୍ତୁ, ବିଶ୍ୱ ସମୁଦାୟର କର୍ଣ୍ଣଧାରମାନଙ୍କ ମନରେ ଶାନ୍ତି, ମୈତ୍ରୀ ଓ ଭାତୃଭାବର ଚେତନା ଭରିଦିଅନ୍ତୁ, ଏ ବିଶ୍ୱ ସହାବସ୍ଥାନର ଐଶ୍ୱରୀୟ ବାଣୀରେ ଉଦ୍‌ବୁଦ୍ଧ ହେଉ, ଏହି ଆଶା କରି ଆସନ୍ତୁ ସଭିଏଁ ଦେବୀଙ୍କର ଆବାହନ କରିବା। ଏଥିସହ ଏ ବିଶ୍ୱ ପୁନଃ ବସୁଧୈବ କୁଟୁମ୍ବକମ୍‌କୁ ସକାରାତ୍ମକତାର ସହ ବିଚାରକରୁ, ଏହି ଆଶା କରିବା।

ଗତ ହୋଇଯାଇଥିବା ଲଗାତର ଦୁଇବର୍ଷ ଏ ବିଶ୍ୱ ପାଇଁ ଗୋଟିଏ କାଳିମାମୟ ସମୟ ଥିଲା ବୋଲି ସମସ୍ତେ ସ୍ୱୀକାର କରିବେ। ମହାମାରୀ କରୋନାର କରାଳଗ୍ରାସରେ ବିଶ୍ୱ ତ୍ରାହି ତ୍ରାହି ଡାକୁଥିଲା। ଅନେକ ସମୁନ୍ନତ ଦେଶ ଏପରି ଦୁର୍ଦ୍ଦିନରେ କରୋନାର ଭୀଷଣ ଆଁ ଆଗରେ ପ୍ରାୟ ନିଜକୁ ସମର୍ପି ଦେଇ କେବଳ ସମୟକୁ ଅପେକ୍ଷା କରିଥିଲେ। ଆଗରେ ଭୀଷଣ ବିଭୀଷିକା, ପାଖରେ କୌଣସି ସାଧନ ନାହିଁ। ଜନତାର ଜୀବନ ଓ ଜୀବିକା ଭିତରେ ଅହରହ ସଂଘର୍ଷ। ସମସ୍ତେ ଅସହାୟ। ଅଜଣା ଆତଙ୍କ ସଭିଙ୍କୁ ଘେରିରହିଥିଲା। କିଛି ଉପାୟ ନାହିଁ। କୁଆଡ଼େ ପଳେଇଯାଇ ଜୀବନ ରକ୍ଷା କରିବାର ବାଟ ନାହିଁ। କାରଣ, ସବୁଆଡ଼େ କରୋନା ରାକ୍ଷସର ପ୍ରବଳ ଆତଙ୍କରାଜ। ତଥାପି ମଣିଷ ବଞ୍ଚିବାକୁ ଚାହେଁ। ଏଭଳି ଅସହାୟ ଭାବରେ ସେ ନିଜକୁ ମୃତ୍ୟୁ ପାଖରେ କେବେବି ସମର୍ପଣ କରିପାରିବନି। କାରଣ, ସେ ଅମୃତର ସନ୍ତାନ !

ବଞ୍ଚିବାକୁ ଚାହିଁଲେ ମଣିଷ ବଞ୍ଚିଯାଏ। ସାଧନ ଆପେ ଆପେ ପାଖକୁ ଚାଲିଆସେ। ଆଶାର ବିକଳ୍ପ କିଛିନାହିଁ। ମାତ୍ର ତାହା କେବଳ ସକାରାତ୍ମକ ହେବା ଲୋଡ଼ା।

ସେଇଆ ଘଟିଲା। ଜୀବନ ଜିଇଁବାପାଇଁ ଆଶା ଫଳବତୀ ହେଲା। ଉଦ୍ୟମ ବହୁମୁଖୀ ହେଲା। ସେଇଥିରୁ ସାଧନମାନେ ଉବୁରି ଆସିଲେ। ପ୍ରତିଷେଧକ ଟିକା ବାହାରିଲା।

କାଳେକାଳେ ସେଇଆ ଘଟିଛି। ଦୁର୍ଗତି ଆଗରେ ନିଜକୁ ସମର୍ପଣ ନକରି ମୁହାଁମୁହିଁ ଆହ୍ୱାନ କରିବାରେ ମାଆ ଦୁର୍ଗାଙ୍କର ଆବିର୍ଭାବ ଘଟେ। ସେଇଆ ଘଟିଲା, ଯେମିତି ସେଦିନ ଘଟିଥିଲା !

ଏଇତ ଦୁର୍ଗତିନାଶିନୀ ମାଆ ଦୁର୍ଗା ! ଏଇମିତି ଏକ ଅସହାୟତାରେ ସାରା ସଂସାର ବଞ୍ଚିବାର ରାହା ଖୋଜୁଥିବାବେଳେ ମାଆ ଦୁର୍ଗାଙ୍କର ଆବିର୍ଭାବ ଘଟିଥିଲା। ମହିଷାସୁରର ନିଧନ ହେଲା। ସଂସାରରେ ଶାନ୍ତି ପ୍ରତିଷ୍ଠା ହେଲା। ସେହିକଥାକୁ ଆମେ ପ୍ରତିବର୍ଷ ମନେ ପକେଇବାପାଇଁ ମାଆ ଦୁର୍ଗାଙ୍କର ଆବାହନ କରୁ। ଆମ ଦୁର୍ଗତିକାଳରେ ମାଆ ଦୁର୍ଗା ଆମକୁ ସହାୟ ହେବେ, ଏହି ଆଶାରେ ସ୍ୱସ୍ତିରେ ନିଃଶ୍ୱାସ ମାରୁ।


ଯାହାହେଉ, କରୋନା ସଂତ୍ରସ୍ତ ବିଶ୍ୱ ଏବେ ଏକପ୍ରକାର ଆଶ୍ୱସ୍ତ। ତଥାପି, ଯୁଦ୍ଧରଙ୍କା କତିପୟ ରାଷ୍ଟ୍ରନେତା ସେମାନଙ୍କର ସାମ୍ରାଜ୍ୟବାଦୀ ଚିନ୍ତାଧାରାରେ ବିଶ୍ୱକୁ ଆତଙ୍କ ଭିତରେ ବୁଡ଼ାଇ ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏଭଳି ଦୁର୍ଦ୍ଦିନରେ ମାଆ ଦୁର୍ଗା ନିଶ୍ଚିତଭାବେ ସେମାନଙ୍କୁ ସଦ୍‌ବୁଦ୍ଧି ଦେବେ, ବିଶ୍ୱରେ ଚିରଶାନ୍ତି ବଜାୟ ରହିବ, ଏହି ବିଶ୍ୱାସ ରଖି ଆସନ୍ତୁ ସଭିଏଁ ମାଆଙ୍କର ଏହି ଅକାଳବୋଧିନୀ ଉତ୍ସବକୁ ଶାନ୍ତିର ସହ ଉପଭୋଗ କରିବା।

ଡଃପ୍ରସନ୍ନ କୁମାର ଜେନା



ଗଛରେ ଯଦି ବସନ୍ତ ଆରମ୍ଭରେ ବଉଳ ଧରି ନାହିଁ, ଗ୍ରୀଷ୍ମ ଶେଷ ବେଳକୁ ଆମ୍ବ ପାଚିବ ବୋଲି ଆଶା ରଖିବା ବୃଥା। - ହାରେ

# ହିତ ବାଣୀ



## ଗୀତା

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ
କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।
ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠ ।
ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ।।

ଦ୍ରୋଣାଚାର୍ଯ୍ୟ, ଭୀଷ୍ମପିତାମହ, ଜୟଦ୍ରଥ ଓ କର୍ଣ୍ଣ ତଥା ମୋ ଦ୍ୱାରା ନିହତ ହୋଇଥିବା ଅନ୍ୟାନ୍ୟ ଶୂରବୀର ଯୋଦ୍ଧାଙ୍କୁ ମଧ୍ୟ ତୁମେ ମାର । ଭୟ କର ନାହିଁ। ନିଃସନ୍ଦେହ ତୁମେ ଯୁଦ୍ଧରେ ଶତ୍ରୁମାନଙ୍କୁ ଜିଣିବ। ଅତଏବ ତୁମେ ଯୁଦ୍ଧ କର।

## ଭାଗବତ ବାଣୀ

ଯେ ପ୍ରାଣୀ ପର ହିଂସା କରେ। ଦେବତା ପୂଜି ସେ ନ ତରେ।।
ସାଧୁଜନଙ୍କ ମତ ଏହି। ଯେ ପର ଦୁଃଖେ ଦୁଃଖ ସହି।।
କରନ୍ତି ପର ଉପକାର। ଧନ୍ୟ ଜୀବନ ତାହାଙ୍କର।।

## କୁହତ ଦେଖି

ଆକାଶ ମାର୍ଗରୁ କରଇ ଲକ୍ଷ୍ୟ , ମାଛ ଧରିବାରେ ଅଟଇ ଦକ୍ଷ
ଚଢ଼େଇଟେ ପରା ଅଟଇ ସେହି , କିଏ ସେ ପାରିବ ନାମ ତା କହି।

ଉତ୍ତର- ବଗ

## ପ୍ରବାଦ

କଣ୍ଟାରେ ବସନ ପକାଇ
ଛାଟି ହେଉଛି କାହିଁ ପାଇଁ ?

କଣ୍ଟା ବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏପରି କୁହାଯାଇଥାଏ।

## ଚାଣକ୍ୟ ନୀତି

କିଏ କେଉଁ ଗୁଣ ଦ୍ୱାରା ଶୋଭିତ ହୁଏ-
କୋକିଳାନାଂ ସ୍ୱରୋ ରୂପଂ ସ୍ତ୍ରୀଣାଂ ରୂପଂ ପତିବ୍ରତମ୍।
ବିଦ୍ୟା ରୂପଂ କୁରୂପାଣାଂ କ୍ଷମା ରୂପଂ ତପସ୍ୱିନାମ୍ ।।

କୋଇଲୀ ସ୍ୱର ଦ୍ୱାରା ଶୋଭାପାଏ, ସ୍ତ୍ରୀ ଲୋକମାନେ ପାତିବ୍ରତ୍ୟ ଗୁଣଦ୍ୱାରା ଶୋଭାପାଇଥାଆନ୍ତି। କୁରୂପ ବିଦ୍ୟା ଦ୍ୱାରା ଶୋଭାପାଏ ଓ ତପସ୍ୱୀଜନ କ୍ଷମା ଗୁଣଦ୍ୱାରା ଶୋଭା ପାଆନ୍ତି।

## ଅମର ଲେଖନୀରୁ

ପଦ ପାଇଁ ଲୋକେ ହୋଇ ଲାଳାୟିତ
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିତ୍ତ।
ଭ୍ରମନ୍ତି ମନୁଷ୍ୟ-ପାଦ ଅନୁସରି
ସେହି ମନୁଷ୍ୟର ପୋଷା ଶ୍ୱାନ ପରି।

କବିବର ରାଧାନାଥ ରାୟ

## ରୁଢ଼ି ପ୍ରୟୋଗ

ବେଠି ଖଟିବା - ତୁଚ୍ଛାରେ ଖଟଣି, ମାଗଣା ଖଟିବା
ଭାଲୁ ଲାଙ୍ଗୁଡ ଧରିବା - ଅସୁବିଧାରେ ପଡିବା
ଭୁଆଁ ବୁଲାଇବା - ବୃଥା ଭ୍ରମରେ ବୁଲାଇବା



ଗୋଟିଏ କର୍ତ୍ତବ୍ୟର ପୁରସ୍କାର ହେଲା, ଆଉ ଗୋଟିଏ କର୍ତ୍ତବ୍ୟ ସମ୍ପାଦନ ପାଇଁ ଶକ୍ତି ଆହରଣ। - ଜର୍ଜ ଏଲିଅଟ୍

# ଭାରତର ପ୍ରଥମ ଶିଶୁ ସାହିତ୍ୟ ମହୋତ୍ସବ




ସାରାଦେଶରେ ଯୁବ ଲେଖକ ଓ ପାଠକ ସଂଖ୍ୟା ବୃଦ୍ଧି ପାଇଁ ୨୦୨୨ରେ ଭାରତର ରାଜଧାନୀ ଦିଲ୍ଲୀରେ ପିଲାମାନଙ୍କ ପାଇଁ ଭାରତର ପ୍ରଥମ ସାହିତ୍ୟ ମହୋତ୍ସବ ଆୟୋଜନ ହେବାକୁ ଯାଉଛି।

'ମୁସ୍କାନ ସାହିତ୍ୟ ମହୋତ୍ସବ' ନାମରେ ଏହି କାର୍ଯ୍ୟକ୍ରମ ଶିଶୁ ଲେଖକମାନଙ୍କୁ କେନ୍ଦ୍ର କରି ଚଳିତ ବର୍ଷ ଡିସେମ୍ବରରେ ପ୍ରଭାସ ଖୈତାନ ଫାଉଣ୍ଡେସନ ଏବଂ ଏଜୁକେସନ ଫର ଅଲ ଟ୍ରଷ୍ଟ ଦ୍ୱାରା ତିନିଦିନ ଧରି ଆୟୋଜନ କରାଯିବ।

ଏହି ପ୍ରଥମ ପ୍ରକାରର ସାହିତ୍ୟ ମହୋତ୍ସବରେ ଭାରତର ବିଭିନ୍ନ ସ୍ଥାନରୁ ୮-୧୪ ବର୍ଷ ବୟସର ପ୍ରାୟ ୨୫ ଶିଶୁ ଲେଖକ ଯୋଗଦେବେ।

ପ୍ରଖ୍ୟାତ ଶିଶୁ ଲେଖକ ରୁସ୍କିନ ବଣ୍ଡ୍ ଚଳିତମାସ ଆରମ୍ଭରେ ଶିଶୁ ଲେଖକମାନଙ୍କ ପାଇଁ 'ମୁସ୍କାନ ସାହିତ୍ୟ ମହୋତ୍ସବ' ଲୋଗୋ ଉନ୍ମୋଚନ କରିଥିଲେ।

ଭେଟେରାନ ଲେଖକ କହିଛନ୍ତି, "ମୁଁ ପିଲାମାନଙ୍କ ପାଇଁ ଏହି ଉତ୍ତମ ତଥା ପ୍ରଥମ ପଦକ୍ଷେପକୁ ପ୍ରଶଂସା କରୁଛି। ପ୍ରତିବର୍ଷ ସାହିତ୍ୟ ମହୋତ୍ସବ ଆୟୋଜନ କରାଯାଏ, କିନ୍ତୁ ଏହି ଅନନ୍ୟ ପର୍ବ ପିଲାମାନଙ୍କୁ ଏବଂ ସେମାନଙ୍କର ଲେଖା ପ୍ରଦର୍ଶନ କରିବ ଏବଂ ଆମେ ଯୁବ ମନ ସହିତ ଶୁଣିବା ଏବଂ ଜଡିତ ହେବାର ସୁଯୋଗ ପାଇବୁ।"

ଏହି ଉତ୍ସବ ଅନ୍ୟମାନଙ୍କ ମଧ୍ୟରେ ଆକର୍ଷଣୀୟ ଅଧିବେଶନ, ପାରସ୍ପାରିକ କାର୍ଯ୍ୟକଳାପ, କର୍ମଶାଳା, କାହାଣୀ ବୁଥ୍, ହସ୍ତଶିଳ୍ପ, ଖେଳ ମାଧ୍ୟମରେ ଯୁବ କାହାଣୀକାରଙ୍କ ସାହିତ୍ୟକ ସୃଷ୍ଟିକୁ ଉତ୍ସାହିତ କରିବ ଏବଂ ପ୍ରଶଂସା ତଥା ପୁରସ୍କୃତ କରିବ।

ଜଣେ ଉତ୍ସାହିତ ଲେଖକ, ଇନ୍ଦୋରର ୧୦ ବର୍ଷୀୟ ଦେବନି ଭରଦ୍ୱାଜ ପ୍ରତିକ୍ରିୟାରେ କହିଛନ୍ତି, ମୁସ୍କାନ ସାହିତ୍ୟ ମହୋତ୍ସବରେ ମୁଁ ଏବଂ ମୋର ଯାଆଁଳା ଭଉଣୀ ଶିବରାଜାନୀଙ୍କ ଦ୍ୱାରା ଲିଖିତ ଏବଂ ଚିତ୍ରିତ ଦୁଇଟି ପୁସ୍ତକ ବିଷୟରେ ଆଲୋଚନା କରିବାର ସୁଯୋଗ ପାଇ ମୁଁ ଖୁସି ଅଟେ। ମୋର ଆଠ ବର୍ଷ ବୟସରେ ପ୍ରଥମ ପୁସ୍ତକ 'ସୂର୍ଯ୍ୟ ନମସ୍କାର' ପ୍ରକାଶିତ ହୋଇଥିଲା।

ପିଲାମାନଙ୍କ ପାଇଁ ଯୋଗ ସମ୍ବନ୍ଧୀୟ ପୁସ୍ତକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତରଫରୁ ଏକ ପ୍ରଶଂସା ପତ୍ର ଗ୍ରହଣ କରାଯାଇଥିଲା ଓ ତାକୁ ଦଲାଇ ଲାମା ଅନ୍ୟମାନେ ପ୍ରଶଂସା କରିଥିଲେ। ଏହି ଉତ୍ସବକୁ ଶ୍ରୀ ସିମେଣ୍ଟ ଲିମିଟେଡ୍ ସମର୍ଥିତ ଏବଂ ଆଇ.ଜି.ଏନ.ସି.ଏ (ଇନ୍ଦିରା ଗାନ୍ଧୀ ନ୍ୟାସନାଲ୍ ସେଣ୍ଟର ଫର୍ ଆର୍ଟ) ସହଯୋଗରେ 'ସାହିତ୍ୟ ଏକାଡେମୀ' ଜ୍ଞାନ ସହଭାଗୀ ଭାବରେ ଆୟୋଜିତ କରିବାକୁ ଯାଉଛି।

**ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ**




ହିଲାରୀ ମେରି ଥମ୍ପସନ୍ (୬ ଜୁଲାଇ ୧୯୫୯-୨୨ ସେପ୍ଟେମ୍ବର ୨୦୨୨) ଜଣେ ବ୍ରିଟିଶ ଲେଖକ ଥିଲେ, ଯାହାଙ୍କର କାର୍ଯ୍ୟରେ ଐତିହାସିକ କଳ୍ପନା, ବ୍ୟକ୍ତିଗତ ସ୍ମୃତି ଏବଂ କ୍ଷୁଦ୍ରଗଳ୍ପ ଅନ୍ତର୍ଭୁକ୍ତ। ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ "ଏଭ୍ରି ଡେ ଇଜ ଏ ମଦର୍ସ ଡେ (ପ୍ରତ୍ୟେକ ଦିନ ହେଉଛି ମାତୃଦିବସ)" ୧୯୮୫ ରେ ମୁକ୍ତିଲାଭ କରିଥିଲା। ସେ ୧୨ଟି ଉପନ୍ୟାସ, ଦୁଇଟି କ୍ଷୁଦ୍ରଗଳ୍ପ ସଂଗ୍ରହ, ବ୍ୟକ୍ତିଗତ ସ୍ମୃତି ଏବଂ ଅନେକ ପ୍ରବନ୍ଧ ସହ ମତାମତ ଲେଖିଛନ୍ତି।

ମଣ୍ଟେଲ ଦୁଇଥର ବୁକର୍ ପୁରସ୍କାର ଜିତିଥିଲେ : ପ୍ରଥମଟି ତାଙ୍କର ୨୦୦୯ ଉପନ୍ୟାସ "ଓଲଫ୍ ହଲ୍" ଏବଂ ଦ୍ୱିତୀୟଟି ଏହାର ୨୦୧୨ରେ ପ୍ରକାଶିତ ପରବର୍ତ୍ତୀ ଭାଗ "ବ୍ରାଇଙ୍ଗ ଅପ୍ ଦି ବଡି" ପାଇଁ ପାଇଥିଲେ। ସେଥିପାଇଁ ସେ "ଆଧୁନିକ ସାହିତ୍ୟର ରାଣୀ" ଭାବରେ ପରିଚିତ ଥିଲେ। ତାଙ୍କର ଅଭାବନୀୟ ବିୟୋଗରେ ସମଗ୍ର ଆଧୁନିକ ସାହିତ୍ୟ ଜଗତ ସ୍ତବ୍ଧ ତଥା ଶୋକସନ୍ତପ୍ତ।



ଗୋଟିଏ ଦୁର୍ଦ୍ଦଶା ଭିତରେ ଶହେ ସୌଭାଗ୍ୟ ହୁଏତ ଲୁଚି ରହିଛି, ତେଣୁ ନିରାଶ ହେବାର ନାହିଁ। - ଟାଲମେଡ୍

# ସାର୍ଥକ ସାହିତ୍ୟ



ତୁଳସୀ ଜୈନ

ବର୍ତ୍ତମାନ ହେଉଛି ସଂକ୍ରମଣ କାଳ। ଆମେ ସମାଜରେ ପ୍ରାଚୀନ ମୂଲ୍ୟବୋଧର ସୁରକ୍ଷା କରିପାରୁ ନାହୁଁ କିମ୍ବା ନୂତନ ମୂଲ୍ୟବୋଧର ସ୍ଥାପନା କରିବାରେ ମଧ୍ୟ ସଂପୂର୍ଣ୍ଣ ବିଫଳ। ବେଞ୍ଜାମିନ ଫ୍ରାଙ୍କଲିନ କହୁଥିଲେ - ମରି , ଅମର ରହିବାର ଅଭିଳାଷ ଯଦି ରହିଛି ତେବେ ପଠନଯୋଗ୍ୟ ଲେଖନ କରିବାକୁ ହେବ ବା ଅନ୍ୟମାନଙ୍କ ଦ୍ୱାରା ଲେଖନ ଯୋଗ୍ୟ କର୍ମ କରିବାକୁ ପଡିବ। ବ୍ୟକ୍ତି ଚେତନାର ମଳିନତା, ସମାଜର ରୁଗ୍ଣତା ଏବଂ ଦେଶର ଅବ୍ୟବସ୍ଥାକୁ ପରିଷ୍କାର କରିବା ସକାଶେ ଜଣେ ଲେଖକଙ୍କ ମନରେ ସର୍ବଦା ବ୍ୟାକୁଳତାଟିଏ ରହିଥିବା ଆବଶ୍ୟକ। ଅନ୍ୟଥା ଶବ୍ଦଶିଳ୍ପ ସମୃଦ୍ଧ ହୋଇପାରେ କିନ୍ତୁ ପ୍ରାଣବତ୍ତା ଶୂନ୍ୟ କଳେବର ହୋଇ ରହିଯିବ। କେବଳ ଟାଇମ୍ ପାସ କିମ୍ବା ଯଶ, ଖ୍ୟାତି, ବୃତ୍ତି ବା ପୁରସ୍କାର ଦୃଷ୍ଟିରୁ ନ ଲେଖି ଏକ ମହତ୍ତର ଉଦ୍ଦେଶ୍ୟ ପ୍ରତି ନିଷ୍ଠା ରଖି ଲେଖିବା ଆବଶ୍ୟକ। ଆମ କଲମ ମଣିଷର ମୌଳିକ ମନୋବୃତ୍ତି ବା ଆଦିମ ସଂସ୍କାର ପରିମାର୍ଜନ କରିପାରୁଥିବା କଥା। ଶବ୍ଦର ପ୍ରସ୍ତୁତି ଏପରି ହେଉ ଯେ ତାହା ଅଭିମନ୍ତ୍ରିତ ହୋଇ ସମାଜ ଓ ସତ୍ତାର ତନ୍ଦ୍ରା ଦୂର କରୁ। ଜୀବନ ଓ ଜାଗରଣର ବାର୍ତ୍ତା ଦେଉ। କବି, ଲେଖକ ଓ ସାହିତ୍ୟିକମାନେ ସମସ୍ୟା ସମାଧାନରେ ଆପଣା ଦାୟିତ୍ୱକୁ ବିସ୍ମୃତ କରିବା ଉଚିତ ନୁହେଁ। ହତାଶା, ଯନ୍ତ୍ରଣା, ଅନ୍ଧକାର ଓ ବିପର୍ଯ୍ୟୟ ଅନ୍ତିମ ସତ୍ୟ ନୁହନ୍ତି। ସୂର୍ଯ୍ୟୋଦୟ ଅବଶ୍ୟ ହେବ ବିଶ୍ୱାସ କରନ୍ତୁ। ଅନନ୍ତ ସମ୍ଭାବନା ଆମ ସମ୍ମୁଖରେ ଦଣ୍ଡାୟମାନ। ସମାଜରେ ସାହିତ୍ୟ ପାଇଁ ସ୍ଥାନଟିଏ ସୃଷ୍ଟି କରିବାକୁ ହେବ। ଏହି ଭାବନାର ଅଭାବ ହେତୁ ସଂପ୍ରତି ବୈଚାରିକ ସ୍ଥାଣୁତା ଉତ୍ପନ୍ନ ହୋଇଛି।

ପ୍ରୟାଗ ସାହିତ୍ୟ ସମାରୋହ... ରାଷ୍ଟ୍ରକବି ରାମଧାରୀ ସିଂହ ଦିନକର ଓ ପଣ୍ଡିତ ନେହରୁ ସାହିତ୍ୟ ସର୍ବଦା ରାଜନୀତିକୁ ଆଲମ୍ବନ ଦେଇଥାଏ.....

ତେଣୁ ଆମେମାନେ ନୈରାଶ୍ୟର କଥା ନ କହି ସୃଷ୍ଟି ଓ ସମ୍ଭାବନାର ସଙ୍ଗୀତ ଗାନ କରିବା ଉଚିତ। ଆମକୁ ଆତ୍ମକୈନ୍ଦ୍ରିକତାରୁ ବାହାରି ବ୍ୟାପକ, ସାର୍ବଜନୀନ ଓ ବିଶ୍ୱସ୍ତ ହେବାକୁ ପଡିବ। ମୂଲ୍ୟହୀନତାର ଅନ୍ଧକାରକୁ ଦୂରକରି ନୈତିକତା ଓ ଆଧ୍ୟାତ୍ମିକତାର ଆଲୋକ ବାଣ୍ଟିଲେ ମାନବିକତା କୃତକୃତ୍ୟ ହେବ ଏବଂ ସମାଜ ସୁସ୍ଥ ଏବଂ ସୃଜନୀ ହେବ ସାର୍ଥକ। ପରିମାଣଗତ ପ୍ରାଚୁର୍ଯ୍ୟ ଏବଂ ଭାଗବତ ଦାରିଦ୍ର୍ୟ ମଧ୍ୟରୁ ସାହିତ୍ୟ ନିଜେ ମୁକୁଳି ପାରିଲେ ସ୍ରଷ୍ଟା ହେବ ଯଥାର୍ଥ ସୁଖୀ। କିଛିଦିନ ତଳେ ଜାଣିବାକୁ ପାଇଲି ଯେ ଜଣେ ଲେଖକଙ୍କ ୧୬୦୦ତମ ପୁସ୍ତକ ପ୍ରକାଶିତ ହୋଇଛି। ସେ ପାଠକ ସମାଜକୁ କି ଆଳୁ, ବାଇଗଣ ପରଷିଛନ୍ତି ଜାଣି ନାହିଁ। ତାଙ୍କ ନାମ ମଧ୍ୟ ମନେରଖି ପାରିନି। କିନ୍ତୁ ହିନ୍ଦୀ କଥା ସାହିତ୍ୟର ଆଦ୍ୟସ୍ରଷ୍ଟା ଚନ୍ଦ୍ରଧର ଶର୍ମା ଗୁଲେରି ତାଙ୍କ ଜୀବନକାଳ ମଧ୍ୟରେ ମାତ୍ର ଦୁଇଟି କାହାଣୀ ଲେଖିଯାଇଛନ୍ତି। ତନ୍ମଧ୍ୟରୁ "ଉସନେ କହାଥା" ଗଳ୍ପ ବିଶ୍ୱ ସାହିତ୍ୟ ରୂପରେ ଗଣ୍ୟ ହୋଇଥାଏ। ପାଠକୀୟ ମାନସିକତା ଓ ପଠନ ରୁଚି ସହିତ ତାଳ ଦେଇ ସାହିତ୍ୟିକମାନେ ଆପଣା ଦୃଷ୍ଟିରେ ପରିବର୍ତ୍ତନ କରିପାରିଲେ। ପାଠକବର୍ଗର ସ୍ନେହ ଓ ବିଶ୍ୱାସ ଉଭୟ ଲାଭ କରିପାରିବ।

ଉନ୍ନବିଂଶ ଶତାବ୍ଦୀରେ ଶକ୍ତିଶାଳୀ ଓଡିଶା ଖଣ୍ଡବିଖଣ୍ଡିତ ହୋଇସାରିଥାଏ। ଓଡିଆ ଭାଷାକୁ ବିଲୋପ କରିବାର କୁଚେଷ୍ଟା ମଧ୍ୟ ଅଳ୍ପ ସମୟ ଲାଗି ସଫଳ ହୋଇଥାଏ। ସେହି ସମୟରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ଆଦି ଯୁଗପୁରୁଷମାନଙ୍କ ଅଭ୍ୟୁଦୟ ଘଟେ। They were created an atmosphere to conqure Bangla literature. ସେହି ସମସ୍ୟା ଜର୍ଜରିତ କାଳଖଣ୍ଡରେ ବି ଏହି ମାଟିର ମହାକବି ଗଙ୍ଗାଧର ମଧୁମୟ ବିଶ୍ୱର ପରିକଳ୍ପନା ଓ ଅନୁଭୂତି କରିବାରେ ହୋଇଥିଲେ ସଫଳ। ବାକ୍‌ବିତଣ୍ଡା ଓ କାଦୁଅ ଫିଙ୍ଗାରୁ ବିରତ ରହି ଆପଣା ଭାଷାକୁ ସମୃଦ୍ଧ କରିବାର ସଫଳ ପ୍ରଚେଷ୍ଟା ଏହି ପୂର୍ବ ସୂରୀମାନେ କରିଯାଇଛନ୍ତି। ଯୁଗ ପ୍ରବାହରେ ନ ବହି, କେବଳ ମନୋରଞ୍ଜନର ଲକ୍ଷ୍ୟ ନ ରଖି ନୈତିକ ଓ ଆଧ୍ୟାତ୍ମିକ ଅବକ୍ଷୟ ରୋକିବା ସକାଶେ ଏମାନେ ଲେଖନୀ ଚାଳନା କରିଛନ୍ତି। ପ୍ରଚୁର ପ୍ରତିଭା ସତ୍ତ୍ୱେ ମହତ୍ୱାକାଂକ୍ଷାରୁ ଦୂରେଇ ରହୁଥାନ୍ତି। ସେଥିପାଇଁ ପିଢ଼ିପିଢ଼ି ଧରି ନିଜ ଉତ୍ତରଦାୟାଦମାନଙ୍କୁ ଏମାନେ ପ୍ରଭାବିତ ପ୍ରେରିତ ଓ ପ୍ରଚୋଦିତ କରି ଆସିଛନ୍ତି। ବ୍ୟାସ, ବାଲ୍ମୀକୀ ଓ କାଳିଦାସଙ୍କ କୋଳରେ ଏମାନଙ୍କ ଲାଳନପାଳନ ହୋଇଛି। ତେଣୁ ଜୀବନର ଉଦ୍ଦେଶ୍ୟର ସନ୍ଧାନ ତଥା ଅର୍ଥବୋଧର ଅନ୍ୱେଷଣରେ ଆମର ଏହି ନିଖୁଣ ଶିଳ୍ପୀମାନେ ରହିଥାନ୍ତି ଚିରମଗ୍ନ।

ଏହିଯୁଗର ଅନ୍ୟତମ ପ୍ରଜ୍ଞାବାନ୍ ମନୀଷୀ ମନୋଜ ଦାସ ଲେଖିଥିଲେ– ଆମର ଆବେଗ, ଅନୁଭବ,ଭାବୋଚ୍ଛ୍ୱାସ, ପ୍ରେମ, ଘୃଣା, ହିଂସା, ପ୍ରତିହିଂସା– ହଜାର ହଜାର ବର୍ଷ ତଳେ ଯେଉଁ ଅବସ୍ଥାରେ ଥିଲା ଏବେ ବି ସେହି ରୂଢ଼ତା ରୁକ୍ଷତା ଓ କର୍କଶତା ରହିଛି। ଅଭିବ୍ୟକ୍ତିର ଶୈଳୀ ଓ ଢଙ୍ଗଢ଼ାଙ୍ଗରେ ପରିବର୍ତ୍ତନ ଘଟିଛି ମାତ୍ର ମଣିଷ ସେମିତି ଆଦିମ ସ୍ୱାର୍ଥପର ହୋଇ ରହିଛି। କେବଳ ଆଧୁନିକତାର ଆବରଣଟିଏ ଓଢ଼ି ପକାଇଛି। ତେବେ ଏହା ମଧ୍ୟ ସତ୍ୟ ଯେ ସମୟର ଚକ ଘୁରୁଛି। ତାକୁ ରୋକିବାର ସାମର୍ଥ୍ୟ କେବଳ ଅକ୍ଷର ପାଖରେ ହିଁ ରହିଛି। ତେଣୁ

ଉତ୍‌ଥାତ ଉତ୍‌ଥାୟ ବୋଧାୟ କିମଦ୍ୟ ସୁକୃତଂ କୃତ।
ଆୟୁଷଃ ଖଣ୍ଡମାଦାୟ ରବିରସ୍ତମୟଂ ଗତଃ।।

ପ୍ରତିଦିନ ସୂର୍ଯ୍ୟ ଆମ ଆୟୁଷର ପୁଳାଏ ଭକ୍ଷଣ କରି ଅସ୍ତାଚଳାଗାମୀ ହେବାଟା ସାର। ଆମେ ଆଜି କି ସୁକୃତ କରିଛୁ ଏହାର ଆକଳନ ପ୍ରତିଦିନ କରିବା ଉଚିତ। ବନ୍ଧୁଗଣ !

ସାହିତ୍ୟ ହେଉଛି ସମାଜର ଚେତନା ଏବଂ ଆମେମାନେ ସମସ୍ତେ ସେହି ସମାଜର ଆତ୍ମା। ଆଶା ଆକାଂକ୍ଷା ଓ ସ୍ୱପ୍ନ ମଣିଷ ହୃଦୟରେ ବଞ୍ଚିଥିବା ଯାଏ ସାହିତ୍ୟ ମଧ୍ୟ ମରିପାରିବ ନାହିଁ। ମହତ ସାହିତ୍ୟର କିଛି କ୍ଷତି ହେବ ନାହିଁ। ଯାହା ପ୍ରକୃତରେ ଉତ୍ତୀର୍ଣ୍ଣ ସାହିତ୍ୟ, ତାହା ନିଜେ ନିଜର ରକ୍ଷା କରିବ। କିନ୍ତୁ ଏହା ବି ସତ୍ୟ ଯେ



ଗୋଟିଏ ଭଲ ଲୋକର ଭାବନା କେବେ ବୃଥା ହୁଏ ନାହିଁ। – ଜୀମରମାନ୍

ପରବର୍ତ୍ତୀ ପିଢ଼ିର ଅନାଗ୍ରହ ତଥା ଯୁବ ସମାଜର ଉଦାସୀନତା ଦେଖି ଜଣେ ଲେଖକ କେବଳ ଦୀର୍ଘଶ୍ୱାସ ହିଁ ଛାଡ଼ିଥାଏ। ବଙ୍ଗଳା ଔପନ୍ୟାସିକ ଶରତ୍‌ଚନ୍ଦ୍ର କହୁଥିଲେ- ପାଦଥିଲେ ଚାଲିହୁଏ, ମାତ୍ର ହାତ ଥିଲେ ଯେ ସମସ୍ତେ ଲେଖିପାରିବେ ଏହା ସତ୍ୟ ନୁହେଁ। ସମସ୍ତଙ୍କୁ ସ୍ରଷ୍ଟା ହେବାର ସୌଭାଗ୍ୟ ମିଳିନଥାଏ। ଅତି ଅଳ୍ପ ଲୋକଙ୍କୁ ମିଳିଥାଏ। ଆମ ବ୍ୟାଙ୍କ ବ୍ୟାଲେନସ୍ ବା ସଞ୍ଚୟ କେତେ କେହି ଜାଣି ନଥାନ୍ତି କିନ୍ତୁ ଆମ ଘରେ ଲାଇବ୍ରେରୀଟିଏ ଅଛି କି ? କିଭଳି ପୁସ୍ତକ ସବୁ ରହିଛି ? ଏହା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରକୁ ନିରାମୟ କରିବ।

ତେବେ ନୈତିକତାର ଅବକ୍ଷୟ ବର୍ତ୍ତମାନ ସେତେଚିନ୍ତାର ବିଷୟ ନୁହେଁ। ନୈତିକତା ପ୍ରତି ଆସ୍ଥା ହ୍ରାସ ପାଇବା ହେଉଛି ବାସ୍ତବିକ ଚିନ୍ତାର କାରଣ। ସମାଜ ଏମିତି ଚାଲୁଥିବ। କିଛି ସୁଧୁରିବାର ନାହିଁ। ମୁଁ ଏକାକୀ କ'ଣ ବା କରିପାରିବି। ନିରୋଉମ ଦାସ କହେ କୌନ...। ଏହି ଅନାସ୍ଥା ଏବଂ ନିରାଶାର ଗାଢ଼ ଅନ୍ଧକାର ମଧ୍ୟରେ ଆମେ ଥଳକୂଳ ପାଉନା। ଆମେ କବିଟିଏ ହେବା, ଉଦାର ମଣିଷଟିଏ ହେବା। କିନ୍ତୁ ନିନ୍ଦୁକ ସାଜି ଅନ୍ୟପ୍ରତି ତର୍ଜନୀ ଉତ୍ତୋଳନ କରିବା ନାହିଁ। ଅନ୍ୟକୁ ବାମନ ସିଦ୍ଧ କରିବାର ଚେଷ୍ଟା ନ କରି ନିଜର ଉଚ୍ଚତା ଟିକିଏ ବଢ଼ାଇବାର ପ୍ରଯତ୍ନ କରିବା। ତେଣୁ ଯେଉଁମାନେ ଲେଖୁଛନ୍ତି ବା ଲେଖକମାନଙ୍କୁ ଭଲ ପାଉଛନ୍ତି ସେମାନଙ୍କୁ ଉତ୍ସାହ ଓ ପୃଷ୍ଠପୋଷକତା ପ୍ରଦାନ କରିବା ଆମର ପରମ କର୍ତ୍ତବ୍ୟ। ପାଶ୍ଚାତ୍ୟ ଦାର୍ଶନିକମାନେ କହିଥାନ୍ତି ଯାତ ଜୀବନର ସଫଳତା ପାଇ ହେବ ଅଥବା ଜୀବନକୁ ସାର୍ଥକ କରି ହେବ। ଏକ ସଂଗେ ଦୁଇଟିର ପ୍ରାପ୍ତି ସମ୍ଭବ ନୁହେଁ। ଯେଉଁମାନେ ଜୀବନର ପ୍ରଚୁର ସଫଳତା ପାଇଛନ୍ତି ସେମାନଙ୍କ ଜୀବନ କ୍ୱଚିତ ସାର୍ଥକ ହୋଇପାରିଥାଏ। ଅନ୍ୟପକ୍ଷରେ ଯେଉଁମାନେ ଜୀବନକୁ ସାର୍ଥକ କରି ଗଢ଼ି ତୋଳିଛନ୍ତି ସେମାନଙ୍କୁ ପ୍ରତି ପଦକ୍ଷେପରେ ଅସଫଳତାର ତ୍ରୀବ ସ୍ୱାଦ ଚାଖିବାକୁ ପଡିଥାଏ। ମୁଁ ଏହି ସାରସ୍ୱତ ମଞ୍ଚରୁ ଆହ୍ୱାନ କରୁଛି- ଆସନ୍ତୁ ଏହି ପାଶ୍ଚାତ୍ୟ ସିଦ୍ଧାନ୍ତକୁ ମିଥ୍ୟା ପ୍ରମାଣିତ କରିବା। ଜୀବନରେ ପୂର୍ଣ୍ଣ ସଫଳତା ଓ ଜୀବନକୁ ସବୁମନ୍ତେ ସାର୍ଥକ କରି ଗଢ଼ିତୋଳିବା ହେଉ ଆମ ଜୀବନର ଅଭିପ୍ରାୟ। ଏଥି ସକାଶେ Meaningful and durable ଜୀବନଟିଏ ଜିଇଁବାକୁ ପଡିବ। ଏହା କିପରି ସମ୍ଭବ ତାର ମାର୍ଗ ଆପଣମାନେ ଉଦ୍ଭାବନ କରିବେ।

ପୋ. ତୁଷୁରା, ଜି. ବଲାଙ୍ଗିର
ଦୂରଭାଷା - ୭୯୭୮୦୮୨୭୬୬

ଡାକଟିକଟରୁ ଜ୍ଞାନ




# ସିଆଚେନ ଗ୍ଲେସିୟର

ଡ. ଭବାନୀ ଶଙ୍କର ଦାଶ



ଭାରତର ଏକ ପ୍ରମୁଖ ଗ୍ଲେସିୟର ବା ହିମବାହର ନାମ ସିଆଚେନ ଗ୍ଲେସିୟର ଯାହାକି ଜାମ୍ମୁକାଶ୍ମୀରରେ ଅବସ୍ଥିତ। ଏହାକୁ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ରର ମାନ୍ୟତା ମିଳିଛି। ଏହି ଅଞ୍ଚଳର ପ୍ରାକୃତିକ ପରିବେଶ ଅଧିକ ପ୍ରତିକୂଳ ଓ ଦୁର୍ଗମ ଅଟେ। ଏହି ଅଞ୍ଚଳ ଭାରତ ଓ ପାକିସ୍ଥାନର ସୀମାରେ ଥିବାରୁ ଏହାର ସୁରକ୍ଷା ପାଇଁ ଥିବା ଭାରତୀୟ ସୈନ୍ୟମାନେ ଅସୀମ ସାହସ ଓ ଧୈର୍ଯ୍ୟ ଦେଖାଇଥାନ୍ତି। ବାଲଟୀ ଭାଷାରେ 'ସୀଆ' ର ଅର୍ଥ ଏକ ବଣୁଆ ଗୋଲାପ ଫୁଲର ପ୍ରଜାତି ଓ 'ଚେନ'ର ଅର୍ଥ ସ୍ଥାନ ଯେଉଁଠି ପ୍ରଚୁର ପରିମାଣରେ। ତେଣୁ ସିଆଚେନ ର ଅର୍ଥ ଯେଉଁଠି ଏହି ଫୁଲ ଅଧିକ ପରିମାଣରେ ଏହି ଉପତ୍ୟକାରେ ମିଳିଥାଏ।

ଏହି ହିମବାହ ଇନ୍ଦିରାକୋଲରୁ ଆରମ୍ଭ ହୋଇ ଦକ୍ଷିଣ ପୂର୍ବ ଦିଗରେ ପ୍ରାୟ ୭୬.୪ କିଲୋମିଟର ପର୍ଯ୍ୟନ୍ତ ନୁବ୍ରା ନଦୀର ଉତ୍ସ ପର୍ଯ୍ୟନ୍ତ ବ୍ୟାପିଛି। ଏହା ଉତ୍ତର ଓ ପଶ୍ଚିମ ଦିଗରେ ସାଲଟୋରୋ ରିଜଲାଇନ ଠାରୁ ପୂର୍ବରେ କାରାକୋରମ ମଧ୍ୟରେ ରହିଛି। ସାଲଟୋରୋ ପର୍ବତମାଳାର ୪ଟି ମୁଖ୍ୟ ଗିରିପଥ ରହିଛି ଯଥା-ସିଆ ଲା, ବିଲାଫଣ୍ଡ ଲା, ଚୁଲୁଙ୍ଗ ଲା ଓ ଗୟଙ୍ଗ ଲା। ଦକ୍ଷିଣ ଦିଗରୁ ଏହି ଅଞ୍ଚଳକୁ ସେଓକ ନଦୀରୁ ଦେଖାଯାଇଥାଏ। ବର୍ଷତମାମ ଏହି ଅଞ୍ଚଳଟି ହିମବାହରେ ପରିପୂର୍ଣ୍ଣ ଥାଏ। ଏହାର ଉଚ୍ଚତା ପ୍ରାୟ ୧୨୦୦୦ ଫୁଟରୁ ୨୧୦୦୦ ଫୁଟ ମଧ୍ୟରେ ରହିଛି। ୧୯୮୪ ପୂର୍ବରୁ ଭାରତ ବା ପାକିସ୍ଥାନର ସ୍ଥିତି ଏହି ଅଞ୍ଚଳରେ ନଥିଲା। ପୂର୍ବରୁ ଏହି ଅଞ୍ଚଳରେ ପର୍ବତାରୋହୀମାନଙ୍କୁ ପାକିସ୍ତାନ ଅନୁମତି ଦେଉଥିଲା। ଏହାର ଉଦ୍ଦେଶ୍ୟ ଥିଲା ଏହାକୁ ବେଆଇନ ଭାବେ ଦାବୀ କରିବା। ୧୯୮୩-୮୪ ରେ ପାକିସ୍ଥାନୀ ସେନା ଏହାକୁ ଅଧିକୃତ କରିବାକୁ ବୁର୍ଜିଲ ଫୋର୍ସ ମାଧ୍ୟମରେ ଅପରେସନ ଅବାବିଲ କରିଥିଲା। ଯାହାକୁ ଭାରତୀୟ ସେନା ମେଘଦୂତ ମାଧ୍ୟମରେ ପ୍ରତିହତ କରି ଏହି ଅଞ୍ଚଳକୁ ଅଧିକୃତ କରିପାରିଥିଲା। ୧୩ ଅପ୍ରେଲ ୧୯୮୪ରେ ଏହା ଆରମ୍ଭ ହୋଇଥିଲା।

ଯେଉଁ ସୈନ୍ୟମାନେ ଏଠାରେ କାର୍ଯ୍ୟରତ ସେମାନଙ୍କୁ ସିଆଚେନ ଯୋଦ୍ଧା କୁହାଯାଏ। ରାଷ୍ଟ୍ରପାଇଁ ଏମାନଙ୍କର ବଳିଦାନ ଅତୁଳନୀୟ। ଏହି ଯୋଦ୍ଧାମାନଙ୍କ ମଧ୍ୟରୁ ଜଣେ ପରମବୀର ଚକ୍ର, ଜଣେ ଅଶୋକ ଚକ୍ର, ୫ଜଣ ମହାବୀର ଚକ୍ର, ଆଠଜଣ କୀର୍ତ୍ତୀଚକ୍ର, ୩୫ଜଣ ବୀର ଚକ୍ର, ୩୦ଜଣ ଶୌର୍ଯ୍ୟ ଚକ୍ର, ୨୨ଜଣ ଯୁଦ୍ଧ ସେବା ପଦକ, ୨୧୯ ଜଣ ସେନା ମେଡାଲ ହାସଲ କରିଛନ୍ତି। ପାକିସ୍ତାନ ପକ୍ଷରୁ ବିଭିନ୍ନ ସମୟରେ ଏହି ଅଞ୍ଚଳ ଉପରେ ଆକ୍ରମଣ ହେଉଥିଲେ ମଧ୍ୟ ଭାରତୀୟ ସିଆଚେନ ଯୋଦ୍ଧା ଏହାକୁ ପ୍ରତିରୋଧ କରିଆସୁଛନ୍ତି। ୧୦୫୦ ରୁ ଊର୍ଦ୍ଧ୍ୱ ସାହାସୀ ଭାରତୀୟ ସୈନ୍ୟ ଏହି ପ୍ରତିକୂଳ ପରିବେଶରେ ଦେଶପାଇଁ ପ୍ରାଣବଳୀ ଦେଇଛନ୍ତି। ଭାରତୀୟ ଡ଼ାକ ତରଫରୁ ସିଆଚେନ ଯୋଦ୍ଧାଙ୍କ ସ୍ମୃତିରେ ଅକ୍ଟୋବର ୨୫, ୨୦୧୯ ରେ ଏକ ସ୍ମରଣୀୟ ଡ଼ାକଟିକଟ ଉନ୍ମୋଚନ କରଛନ୍ତି ଯାହାକି ଏହି ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବ।

ଜେକେପୁର, ରାୟଗଡ଼ା



ଗୁଣୀ ଲୋକଙ୍କୁ ଆଦର କରିବାରେ ଓ ସମ୍ମାନ ଦେଖାଇବାରେ ଯେଉଁ ଆନନ୍ଦ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେ ନାହିଁ। - ଟିଟିର୍‌ସନ୍

# ତେଜସ୍ୱୀ ସନ୍ନ୍ୟାସୀ - ଆନନ୍ଦ ଭାରତୀ



ହରୀଶଚନ୍ଦ୍ର ପୃଷ୍ଟି

ଇଂରେଜ ସରକାରଙ୍କ କ୍ରୂର ଚକ୍ରାନ୍ତ ଓ ଦମନଲୀଳା ଯୋଗୁଁ ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମ,ସିପାହୀ ବିଦ୍ରୋହ ବିଫଳ ହୋଇଥାଏ। ଫଳରେ ଇଂରେଜମାନେ ଗର୍ବରେ ଉତ୍‌ଫୁଲ୍ଲ ହୋଇପଡ଼ିଥାନ୍ତି। ସେହିବର୍ଷ ମହାବୀର ହନୁମାନ ଭକ୍ତ,ସିଦ୍ଧ ସାଧକ ଓ ପୁଣ୍ୟାତ୍ମା ଆନନ୍ଦ ଭାରତୀ ସନ୍ଥମାନଙ୍କର ଗୋଟିଏ ତୀର୍ଥଯାତ୍ରୀ ଦଳସହ କାଶୀତୀର୍ଥ ଭ୍ରମଣରୁ ଫେରି କଲିକତାରେ ଅବସ୍ଥାନ କରୁଥାନ୍ତି।

ଏକଦା ସଂଧ୍ୟା ଆଳତି ସମୟ। ଦେଢ଼ଶହ ସନ୍ଥ ଏକତ୍ର ହୋଇଥାନ୍ତି। ଶଙ୍ଖ,ଘଂଟା,ଝାଞ୍ଜ,ଖୋଳ ଓ ମହୁରି ଧ୍ୱନି ସହ ସନ୍ଥଙ୍କ 'ଅଲେଖ ନିରଞ୍ଜନ' ନାଦରେ ଇଂରେଜ ସରକାରଙ୍କ ସୈନ୍ୟ ଛାଉଣୀ ନିକଟ ପରିବେଶ ପ୍ରକମ୍ପିତ ହୋଇଉଠିଲା। ସଂଧ୍ୟା ଆଳତିର ଶବ୍ଦ ଇଂରେଜମାନଙ୍କ ପାଇଁ ଅସହ୍ୟ ହେଲା। ଅତିଷ୍ଠ ଇଂରେଜ ଅଫିସର ମେକ୍‌ଦାନ୍ କେତେଜଣ ସିପାହିଙ୍କ ଗହଣରେ ସନ୍ଥଙ୍କ ପୂଜାସ୍ଥଳରେ ପହଂଚି ଗର୍ଜନକରି କହିଲେ- "ଏ କୋଳାହଳ ବନ୍ଦ କର ଓ ତୁରନ୍ତ ଏ ସ୍ଥାନ ଛାଡ଼ି ଚାଲିଯାଅ।" ଚିତ୍କାର ଶୁଣି ଆନନ୍ଦ ଭାରତୀ ଆଗକୁ ଆସି ଇଂରେଜ ଅଫିସରଙ୍କୁ କହିଲେ- "ଭଗବାନଙ୍କ ଆଳତି ସମୟରେ ଏଭଳି ଆଚରଣ ଅଶୋଭନୀୟ।" ସନ୍ଥଙ୍କ ଶିଷ୍ଟତାପୂର୍ଣ୍ଣ ବ୍ୟବହାର ଇଂରେଜ ଅଫିସରଙ୍କୁ ଆଦୌ ପ୍ରଭାବିତ କଲା ନାହିଁ। କ୍ରୋଧାନ୍ୱିତ ଇଂରେଜ ଅଫିସର ରୁକ୍ଷ କଣ୍ଠରେ କହିଲେ- "ଚୁପ୍ କର। ଏବେ ବ୍ରିଟିଶ ଶାସନ ଚାଲିଛି। ତୋ ଶାସନ ନୁହେଁ। ଜାଣିଛୁ ତ ?"

ଏ କଥାର ପ୍ରତିବାଦ କରି ଆନନ୍ଦ ଭାରତୀ ଉଚ୍ଚସ୍ୱରରେ କହିଲେ- "ଭଗବାନଙ୍କ ଆଳତି ବନ୍ଦ କରିବାକୁ ତୁମେ କିଏ ?" ତତ୍‌କ୍ଷଣାତ୍ ଏକ ଅଲୌକିକ ଘଟଣା ଘଟିଲା। ଇଂରେଜ ଅଫିସରଙ୍କ ବାକ୍‌ଶକ୍ତି ବିଲୁପ୍ତ ହୋଇଗଲା। ତାଙ୍କ ତୁଣ୍ଡରୁ ଶବ୍ଦଟିଏ ବି ସ୍ଫୁରିତ ହେଲା ନାହିଁ। ନିରାଶ ହୋଇ ସିପାହିମାନଙ୍କ ସଙ୍ଗରେ ସେ ଶିବିରକୁ ଫେରିଗଲେ ଏବଂ ପ୍ରଚୁର ମଦ୍ୟପାନ କଲେ। ସେଥିରେ ମଧ୍ୟ ତାଙ୍କ ଅବସ୍ଥାରେ ଉନ୍ନତି ହେଲା ନାହିଁ। ଶେଷରେ ଅନନ୍ୟୋପାୟ ଇଂରେଜ ଅଫିସର ବାଧ୍ୟ ହୋଇ ପୁନର୍ବାର ଆନନ୍ଦ ଭାରତୀଙ୍କ ନିକଟକୁ ଆସି ହାତଯୋଡ଼ି ସଂକେତ ଦ୍ୱାରା କ୍ଷମା ମାଗିଲେ। କ୍ଷମାଶୀଳ ଆନନ୍ଦ ଭାରତୀ କହିଲେ- "ଯାଅ,ପରମାତ୍ମାଙ୍କ ଉପାସକ ସାଧୁସନ୍ଥଙ୍କ ପ୍ରତି କେବେ ଅନ୍ୟାୟ ଆଚରଣ କରିବ ନାହିଁ।" ସଂଗେସଂଗେ ଇଂରେଜ ଅଫିସରଙ୍କ ବାକ୍‌ଶକ୍ତି ଫେରିଆସିଲା ଓ ସ୍ୱତଃ ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହେଲା- "ଓ ମାଇଁ ଗଡ୍!" ବିସ୍ମିତ ଇଂରେଜ ଅଫିସର ସନ୍ଥଙ୍କ ଅସାଧାରଣ ଶକ୍ତିର ପରିଚୟ ପାଇ ତୁରନ୍ତ ସେଠାରୁ ସୈନ୍ୟଛାଉଣୀକୁ ପ୍ରସ୍ଥାନ କଲେ।

ଏହି ସମ୍ବାଦ ଭାରତର ତତ୍କାଳୀନ ଗଭର୍ଣ୍ଣର୍ ଜେନେରାଲ୍ ବା ବଡ଼ଲାଟ୍ ଉଆରେନ୍ ହେଷ୍ଟିଂସ୍‌ଙ୍କ ନିକଟରେ ପହଂଚିବା ମାତ୍ରେ ସେ ଅତିଶୟ କ୍ରୁଦ୍ଧ ହୋଇଉଠିଲେ। ଏଭଳି ଆଚରଣ ଇଂରେଜ ଜାତି ପ୍ରତି ଅପମାନଜନକ,ଏହା ଭାବି ସେ ସଂଗେସଂଗେ କଡ଼ା ଆଦେଶ ଜାରିକଲେ- "ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉଠାଇବାକୁ ସାହସ କରୁଥିବା ସାଧୁମାନଙ୍କ ମୁଖିଆଙ୍କୁ ନିଆଁ ଲଗାଇ ଜୀବନ୍ତ ଜାଳିଦିଅ।"

ବଡ଼ଲାଟ୍‌ଙ୍କ ଆଦେଶ ଅନୁଯାୟୀ କାଠ ଜଳାଇ ଆନନ୍ଦ ଭାରତୀଙ୍କୁ ଜିଅନ୍ତା ପୋଡ଼ି ଦେବାକୁ ଇଂରେଜ ସିପାହିମାନେ ତତ୍ପର ହୋଇଉଠିଲେ। ଆନନ୍ଦ ଭାରତୀଙ୍କୁ ସୁରକ୍ଷା ଦେବାକୁ ସାଧୁମାନେ ହାତରେ ତ୍ରିଶୂଳ ଓ ଚିମୁଟା ଧରି ଆଗେଇ ଆସିଲେ। ଆନନ୍ଦ ଭାରତୀ ସାଧୁମାନଙ୍କୁ ଅଟକାଇ ଇଂରେଜ ସିପାହିମାନଙ୍କୁ କହିଲେ- "ତୁମ ସରକାର ଭାରତର ଆଧ୍ୟାତ୍ମିକ ଶକ୍ତି ଦେଖିବାକୁ ଚାହୁଁଛି। ମୁଁ ଏଥିପାଇଁ ପ୍ରସ୍ତୁତ। ତୁମ୍ଭେମାନେ ବିଳମ୍ବ ନ କରି ବଡ଼ଲାଟ୍‌ଙ୍କ ଆଦେଶ ପାଳନ କର।" ସଂଗେସଂଗେ ସିପାହିମାନେ କାଠ ଗଦା କରିବାରେ ଲାଗିପଡ଼ିଲେ। ଠିକ୍ ଏହି ସମୟରେ ଗଭର୍ଣ୍ଣର୍ ଜେନେରାଲ୍ ଘଟଣାସ୍ଥଳରେ ପହଂଚି ଭାବୁଥାନ୍ତି,ସର୍ବସାଧାରଣ ସ୍ଥାନରେ ଏଭଳି ଦଣ୍ଡବିଧାନ ଦ୍ୱାରା ଭାରତୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯିବ,ଫଳରେ ଆଉ କେହି ବ୍ରିଟିଶ ସରକାର ବିରୋଧରେ ଠିଆ ହେବାକୁ ସାହସ ଜୁଟାଇ ପାରିବେ ନାହିଁ।

ସନ୍ଥ ଆନନ୍ଦ ଭାରତୀ ମହାବୀର ହନୁମାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ପଦ୍ମାସନରେ ବସିଗଲେ। ତାଙ୍କ ଶରୀରକୁ କାଠରେ ଆଚ୍ଛାଦିତ କରି ନିଆଁ ଲଗାଇ ଦିଆଗଲା। ସମବେତ ଲୋକେ ଅଶ୍ରୁସିକ୍ତ ନୟନରେ ଏ ଦୃଶ୍ୟ ଦେଖୁଥାନ୍ତି ଏବଂ ସନ୍ଥଙ୍କ ପ୍ରତି ଏଭଳି ଅନ୍ୟାୟ ଆଚରଣ ପାଇଁ ଇଂରେଜ ସରକାରଙ୍କ ଉପରେ ଗାଳିବର୍ଷଣ କରୁଥାନ୍ତି। ଘଂଟା ଘଂଟା ଧରି ସବୁ କାଠ ଜଳି ଭସ୍ମସାତ୍ ହେବାପରେ ଚିତା ମଧ୍ୟରୁ ଆନନ୍ଦ ଭାରତୀ ହସହସ ବଦନରେ ବାହାରି ଆସିଲେ। ଦେଖଣାହାରି ଆଶ୍ୱସ୍ତ ହେଲେ।

ଆଖି ଆଗରେ ଏ ବିସ୍ମୟକର ଘଟନା ଦେଖି ଗଭର୍ଣ୍ଣର୍ ଜେନେରାଲ୍ ବି ତଟସ୍ଥ ହୋଇଗଲେ। ବିନମ୍ରତା ସହ ଆନନ୍ଦ ଭାରତୀଙ୍କ ଚରଣରେ ପ୍ରଣାମ କରି ସେ କ୍ଷମା ପ୍ରାର୍ଥନା କଲେ। ଆନନ୍ଦ ଭାରତୀ ବଡ଼ଲାଟ୍‌ଙ୍କୁ କ୍ଷମାଶୀଳ ଦୃଷ୍ଟିରେ ଚାହିଁ କହିଲେ- "ସନ୍ଥମାନେ ପରମାର୍ଥୀ । ସେମାନେ ପ୍ରତ୍ୟହ ଆଧ୍ୟାତ୍ମିକ ସାଧନାରେ ନିମଗ୍ନ ରହନ୍ତି ଏବଂ ସର୍ବଦା ଜଗତର ମଙ୍ଗଳ କାମନା କରନ୍ତି। ଯିଏ ସେମାନଙ୍କ ବିରୁଦ୍ଧାଚରଣ କରେ,ତାଙ୍କୁ ଦୈବଦଣ୍ଡ ଭୋଗ କରିବାକୁ ପଡ଼ିଥାଏ।"

ଏହାପରେ ଆନନ୍ଦ ଭାରତୀ ସିପାହିମାନଙ୍କୁ ପଚାରିଲେ- "ଆଚ୍ଛା କୁହ, ମୋତେ ପୋଡ଼ିବା ପାଇଁ କେତେ ମହଣ କାଠ ଆଣିଥିଲ ?" ସିପାହିମାନେ ସଂକୋଚ ସହକାରେ କହିଲେ- "ନବେ ମହଣ।" ସନ୍ଥ କହିଲେ- "ଯେମିତି ନବେ ମହଣ କାଠ ଜଳି ଭସ୍ମୀଭୂତ ହୋଇଗଲା ଅଥଚ ଏ ଦେହରେ ସାମାନ୍ୟ ଆଂଚ ଆସିଲା ନାହିଁ,ସେହିଭଳି ଆଉ ନବେ ବର୍ଷ ପରେ ତୁମ୍ଭମାନଙ୍କର ଅନ୍ୟାୟ-ଅତ୍ୟାଚାରର ଶାସନ ଜୁଇରୁ ଭାରତ ଜାଜ୍ୱଲ୍ୟମାନ ହୋଇ ବାହାରି ଆସିବ, ସ୍ୱାଧୀନ ହେବ।"

ନବେ ବର୍ଷ ପରେ ବ୍ରିଟିଶ ଶାସନ ସମାପ୍ତ ହେବା କଥା ଶୁଣି ବଡ଼ଲାଟ୍‌ଙ୍କ ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା।

ଏହି ଚମକପ୍ରଦ ସତ୍ୟ ଘଟନାଟି ସେତେବେଳେ 'ଲଣ୍ଡନ ଟାଇମ୍‌ସ' ସମ୍ବାଦପତ୍ରରେ ପ୍ରକାଶ ପାଇ ଭାରତ ଓ ଇଂଲଣ୍ଡରେ ଚାଂଚଲ୍ୟ ଖେଳାଇ ଦେଇଥିଲା।

ଦିବ୍ୟଦ୍ରଷ୍ଟା ସନ୍ଥ ଆନନ୍ଦ ଭାରତୀଙ୍କ ବାଣୀ ଅନୁସାରେ ସତକୁ ସତ ୧୮୫୭ର ନବେ ବର୍ଷ ପରେ ୧୯୪୭ରେ ଭାରତ ସ୍ୱାଧୀନ ହୋଇଥିଲା।

ଯଶସ୍ୱୀ ସନ୍ଥ ଆନନ୍ଦ ଭାରତୀ ଅନ୍ତିମ ଜୀବନରେ ଗୁଜୁରାଟ ରାଜ୍ୟରେ ଆଧ୍ୟାତ୍ମିକ ସାଧନା ସହ ଲୋକ ହିତୈଷୀ କାର୍ଯ୍ୟରେ ଜଡ଼ିତ ରହି ସେଠାରେ ମହାସମାଧି ଲାଭ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକ
ଭୁବନେଶ୍ୱର
ସଂପର୍କ - ୮୧୪୪୧୩୦୩୮୫

# ଦଶରା ଆସିଛି ଦୁଆରେ

ପ୍ରିୟମ୍ବଦା ସାହୁ



ସାଥୀ ଦଶରା ଆସିଛି ଦୁଆରେ
ମୋର ପାଦ ପଡୁ ନାଇଁ ଭୂଇଁରେ
ମୋର ମନ ଉଡ଼ି ଉଡ଼ି ଯାଉଛି
ମେଘ ଛୁଇଁ ଛୁଇଁ ଫେରି ଆସୁଛି
ପୂରୁବେ କେ ରଙ୍ଗ ମାରି ଦିଏରେ ସାରା ଦୁନିଆଁ ଝଲସି ଯାଏରେ..॥୧॥

ଆକାଶରେ ଯେ କୁହୁକ ଭରିଛି
ଘଡ଼ି ଘଡ଼ି କେ ରଙ୍ଗ ବଦଳୁଛି
ଖଣ୍ଡ ଖଣ୍ଡ ବାଦଲ ଭାସୁଥାଏ
କେତେ ଚିତ୍ର ବିଚିତ୍ର ଆଙ୍କିଯାଏ
ପୃଥ୍ୱୀ ନିରିମଳ ଶରତ୍ ଋତୁରେ ଭବ୍ୟ କୁଆଁର ପୂନେଇଁ ଜହ୍ନରେ....॥୨॥

ଧରଣୀ ବକ୍ଷେ ସବୁଜ କ୍ଷେତ
ଦେଖି ପୁରି ଯାଉଛି ମୋ ନେତ୍ର
ଯେବେ ପବନ ଲହଡ଼ା ମାରେ
କାଶତଣ୍ଡି ମୁଣ୍ଡକୁ ଟୁଙ୍ଗାରେ
ସମୀରଣ ଗତି ଈଷତ୍ ଚଞ୍ଚଳ ଧରା ଉଡ଼ାଏ ସବୁଜ ଅଞ୍ଚଳ ...॥୩॥

ଥୋକେ କରନ୍ତି ବେଉସା ବିଶ୍ରାନ୍ତି
ସଜ ବସାଇ ପରବ ପାଳନ୍ତି
ଧାନ ଶିଷା ଫୁଟେ ଚଷୀ ହର୍ଷିତ
ବର୍ଷେ ଆହାର ଯୋଗାଏ ତା କ୍ଷେତ
ବସୁଧାରେ ଭରା ସବୁଜିମାରେ ଖୁସି ବିହରେ ପତରେ ପତରେ ... ॥୪॥

ସ୍କୁଲ-କଲେଜ ସବୁଠି ଛୁଟି
ଗାଡ଼ି-ମୋଟରର ଛୁଟାଛୁଟି
ଆନନ୍ଦେ ପିଲାଏ ଖେଳି ବୁଲନ୍ତି
ଠାଏ ଠାଏ ଭୋଜି ଭାତ ରାନ୍ଧନ୍ତି
ତାଙ୍କ ମନେ ଡେଣା ଲାଗିଯାଏରେ ଜାଣ ଶୂନ୍ୟରେ ଭଉଁରି ଖାଏରେ... ॥୫॥

ଘରେ ଘରେ ନୂଆ ବସ୍ତ୍ର ପିନ୍ଧନ୍ତି
ବନ୍ଧୁବାନ୍ଧବ ସଙ୍ଖୋଳି ଆଣନ୍ତି
ପିଠା ପ୍ରସ୍ତୁତି ଚଳେ ଜାତି ଜାତି
ସେ ତ ଓଡ଼ିଆ ଘରର ସଂସ୍କୃତି
ଭଳି ଭଳି ମିଷ୍ଟାନ୍ନ ଅଗଣତି ଭାଳି ଭାଳି ନାମ ମନେପକାନ୍ତି ...॥୬॥

ଝିଅ ଘରେ ପଠାଯାଏ ମିଠାଇ
ଆଈ ଦଶରା ଖର୍ଚ୍ଚ ଦିଏ ପଠାଇ
ପାଞ୍ଚଦିନ ଲାଗେ ଜୋର ଯାତରା
ଦଶମୀଦିନ ପଡ଼େ ଦଶହରା
ମା ଦୁର୍ଗା ଆସନ୍ତି ଧରାପୃଷ୍ଠରେ ଧରା ଶୋଭାର ପସରା ଖୋଲେରେ ...॥୭॥

ଦୁର୍ଗା ମଣ୍ଡପେ ବାଜଇ ବାଜା
ଷଷ୍ଠୀଠାରୁ ହୁଏ ଦେବୀ ପୂଜା
ନାନା କଳା କଉଶଳେ ସଜା
ଦୃଶ୍ୟ ମନୋହାରୀ ବଡ଼ ମଜା
ଦାଣ୍ଡ କୋଳାହଳେ ଫାଟି ପଡ଼େରେ ସଭିଙ୍କ ହୃଦେ ଉଲ୍ଲାସ ବଢ଼େରେ .. ॥୮॥

ଦଶରା ବାସି ହୁଅଇ ଭସାଣି
ମାଆ ନିଅନ୍ତି ଆମଠୁ ମେଲାଣି
ମେଢ଼ ଧାଡ଼ି, ନାଚି, ବାଜା ବଜାଇ
ଜନଗହଣେ ଦିଅନ୍ତି ବିଦାୟୀ
ସାଥୀ ଉଦାସ ନ ହୁଅ କେହିରେ ଆଗ ବରଷକୁ ଥାଅ ଚାହିଁରେ ... ॥୯॥



ଗୋଟିଏ ମନ୍ଦଗୁଣ ଆଉ ଗୋଟିଏ ମନ୍ଦଗୁଣକୁ ଖୁବ୍ ସହଜରେ ଟାଣି ଆଣେ, ଏକଥା ମନୁଷ୍ୟ ହଠାତ୍ ଜାଣିପାରେ ନାହିଁ। - କୁଲଲ୍



# ପୁଅର ବାପା - ୧

**ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଜ୍ଜ)**

ମନେଅଛି, ନୀଳାମ୍ବରର ଯୋଉଦିନ ପୁଅଟିଏ ଜନ୍ମ ହେଲା, ସେଦିନ ସିଏ ପ୍ରଥମକରି ମୋରି ପାଖକୁ ଆସିଥିଲା । ମିଠା ପୁଡ଼ିଆଟିଏ ମୋ ହାତକୁ ବଢ଼େଇ ଦେଇ ହସି ହସି କହିଲା, ଆଜ୍ଞା ମୋର ପୁଅଟିଏ ହେଇଛି । ସେଦିନ ଏକଥା ସିଏ କହିଲାବେଳେ ଏତେ ଖୁସିଥିଲା ଯେ, ସେହି ଖୁସିକୁ ମାପିବାକୁ ମୋ ମନର ମାନଦଣ୍ଡ ବି ଊଣା ପଡ଼ିଗଲା । ତେବେ, ସଅଳ ସଅଳ ଏ ଖବରଟା ମୋତେ ଜଣେଇଦେଇ ଠିଆରେ ଠିଆରେ ମୋ ଉପରେ ଆଉଟିକିଏ ଖୁସିର ହସ ବିଞ୍ଚିଦେଇ ଚାଲିଗଲା । ହୁଏତ, ଆଉ କେଉଁ ହିତୈଷୀ ଅବା ବନ୍ଧୁଜନଙ୍କୁ ଏହି ଖୁସି ଖବରଟା ଜଣେଇବାକୁ ସେ ତରତର ହୋଇ ପଳେଇଲା ।

ଜଣେ, ପୁଅର ବାପା ହେବା ପୂର୍ବରୁ ବାପାର ପୁଅ ହୋଇସାରିଥାଏ ଓ ଏହା ନିଧାର୍ଯ୍ୟ କଥା । ପୁଅର ବାପା ହୋଇଗଲେ ଜଣେ ହୁଏତ ପିତୃତ୍ୱକୁ ବୁଝିଯାଏ ଓ ସେହି ଖୁସିରେ ସିଏ ବିକଳ ପ୍ରଳାପକରେ । ନଇଲେ ସେଦିନର କ୍ରୂର ତଥା ଅବୁଝା ଅଜାତଶତ୍ରୁ ବିମ୍ବିସାରଙ୍କୁ ଏକ ଅଜଣା ଆବେଗରେ ପିତା ବୋଲି ସମ୍ବୋଧନକରି ପିତୃତ୍ୱର ସନ୍ଧାନ ପାଇଥିବାର ଚିରନ୍ତନ ସତ୍ୟକୁ ଘୋଷିଘୋଷି ଏଭଳି ପ୍ରଳାପ କରିନଥା'ନ୍ତେ । ତୁହାଇ ତୁହାଇ କହିନଥା'ନ୍ତେ, "ପିତା ମୁଁ ଆଜି ପାଇଛି ପିତୃତ୍ୱର ସନ୍ଧାନ, ପିତା ମୁଁ ଆଜି ପାଇଛି. . . . . . . . . . .

ତେବେ ବିମ୍ବିସାର କଣ ପୁତ୍ର ଜନ୍ମର ଖୁସିରେ ଏଭଳି ପ୍ରଳାପ କରିଥିଲେ ? କେବେ ବି ଖୁସିରେ ସିଏ ଏଭଳି କରିନଥିବେ । ପିତୃତ୍ୱର ଚରମ ଅନୁଭବକୁ ସିଏ ପୁତ୍ରଜନ୍ମର ପରେପରେ ଉପଲବ୍ଧି କରିଥିବେ ସିନା, ମାତ୍ର ଅନେକ ଅନୁଶୋଚନା ଓ ପଶ୍ଚାତାପ ତାଙ୍କୁ ଏଭଳି ପ୍ରଳାପ କରିବାକୁ ବାଧ୍ୟ କରିଥିବ । ବନ୍ଦୀଘର ପର୍ଯ୍ୟନ୍ତ ତାଙ୍କୁ ଦଉଡ଼ାଇ ନେଇଥିବ । ହେଲେ ସେତେବେଳକୁ ସବୁ ଶେଷ ହୋଇଯାଇଥିଲା । ବିମ୍ବିସାର ପୁତ୍ରକୁ ପିତୃତ୍ୱର ଶେଷ ସନ୍ଦେଶ ଦେଇସାରିଥିଲେ ।

ଏହା ଇତିହାସର ଏକ ନିଚ୍ଛକ ଓ ନିର୍ଭେଜାଲ କଥା ! ଇତିହାସରେ ଏମିତି ଅନେକ କଥା, ଅନେକ ବ୍ୟଥା ଭରିରହିଛି । ଅନେକ ପରାହତ ପିତୃତ୍ୱ ନିରବରେ ଲୁହ ନିଗାଡ଼ିଛି । ସବୁ ଲୁହ ଅଜାତଶତ୍ରୁ ଭଳି ପାଷାଣ ହୃଦୟକୁ ତରଳେଇ ପାରିନି । ପିତୃତ୍ୱ ଲୁଣ୍ଠିତ ହୋଇଛି, ହେଲେ ପୁତ୍ର ପିତୃତ୍ୱକୁ ବୁଝିପାରିନି । ପିତୃତ୍ୱର ଲୁଣିଲୁହରେ ଅବଗାହନକରି ପୁତ୍ର ତୃପ୍ତିର ସଇତାନୀ ହସ ହସିଛି ।

ସୁତରାଂ, ପିତୃତ୍ୱ ଏତେ ସହଜ କଥା ନୁହେଁ ଯେ ଜଣେ ଏତେ ସରଳରେ ବୁଝିପାରିବ ? ଏତେ ସହଜରେ କଣ ଅଜାତଶତ୍ରୁ ପିତୃତ୍ୱର ସନ୍ଧାନ ପାଇଗଲେ ? ବାପା ହେବା ସହଜ, ମାତ୍ର ପିତୃତ୍ୱ ଏତେ ସୁଲଭ୍ୟ ନୁହେଁ । ପିତୃତ୍ୱ ଏକ ଅଦୃଶ୍ୟ ଓ ଅଜଣା ଅନୁଭବ । ଏଥିପାଇଁ ଏକ ଦୀର୍ଘ ଜୀବନର ସାଧନା କରିବାକୁ ପଡ଼େ । ସେ ସାଧନା କେବଳ ଅପେକ୍ଷାର । ନିଜେ ସମୟର କଷଟିରେ ମୂଲ୍ୟାୟନ ହେବା ପର୍ଯ୍ୟନ୍ତ ଜଣକୁ ଅପେକ୍ଷା କରିବାକୁ ପଡ଼େ ।

ଅପେକ୍ଷାର ଗୋଟିଏ ଦିନ ଗତ ହୋଇଗଲେ ଅନୁଭୂତିଟିଏ ସାଉଁଟିହୁଏ । ପୁଣି ପରଦିନକୁ ଅପେକ୍ଷା କରିବାକୁ ପଡ଼େ । ସେଦିନ ବି ଆଉ ଗୋଟିଏ ଅନୁଭୂତି । ଯେତେ ଦିନ ସେତେ ଅନୁଭୂତି, ସେତେ ଅନୁଭବ । ଅନୁଭୂତିସବୁ ସ୍ମୃତି ହୁଏ । ମନେରହେ । ଝୁରି ହୁଏ । ବେଳେବେଳେ ଲୁହ ହୋଇ ଝରିଯାଏ । ସେ ଲୁହ ଆନନ୍ଦର ଅବା ବିଷାଦର । ତାହା ହୋଇପାରେ ହର୍ଷ ଅବା ବିମର୍ଷର । ସବୁ ନିର୍ଭରକରେ ବ୍ୟକ୍ତିର ସାଉଁଟା ଅନୁଭୂତି ଓ ତା' ସ୍ମୃତିସବୁର ଗଭୀରତାକୁ ନେଇ ।

କାହିଁକି କେଜାଣି ପୁଅଟିଏ ପାଇଁ ସଭିଙ୍କର ଅଭିଳାଷ ଥାଏ । ଦାମ୍ପତ୍ୟ ଜୀବନର ପୂର୍ଣ୍ଣତାପାଇଁ ସମସ୍ତେ ପୁଅଟିଏ ଆଶା କରନ୍ତି । ପରିବାର ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ସମସ୍ତେ ପୁଅଟିଏକୁ ଅପେକ୍ଷା କରିଥାନ୍ତି । କୁଆଁକୁଆଁ ଡାକ ଶୁଣିଲେ ସଭିଙ୍କ ମନରେ ଉତ୍ସୁକତା ବଢ଼ିଯାଏ । ପଚାରନ୍ତି, କଣ ହେଇଚି, ପୁଅ ନା ଝିଅ !

ପୁଅ ହୋଇଛି ବୋଲି ଶୁଣିଲେ ଖୁସି ଗୁଣାତ୍ମକଭାବେ ବଢ଼ିଯାଏ । ଆନନ୍ଦର ଲହରୀ ଖେଳିଯାଏ । ବନ୍ଧବାଡ଼ ମାନେନି । ହାତଖୋଲା ଖର୍ଚ୍ଚହୁଏ । ଘରକୁ ଘର ମିଠା ବଣ୍ଟାଯାଏ । ଭୋଜିଭାତର ଆସର ଲାଗେ ।

ସତେକି ସରଗର ଚାନ୍ଦଟା ଘର ଅଗଣାରେ ଖସିପଡ଼ିଛି ।

ପୁଅବାପାର ଛାତି ଫୁଲିଯାଏ । ମନେ ମନେ ନିଜକୁ ନିଜେ ନିରେଖି ଦେଖେ । ନିଜକୁ ନିଜେ ପ୍ରଶଂସା କରେ । ନିଜ ପୌରୁଷ ପାଇଁ ଲୁଚି ଲୁଚି ହସିଦିଏ ।

ସାଇପଡ଼ିଶା କହନ୍ତି, ତୋର ଚିନ୍ତାଗଲାରେ ! ପୁଅଟିଏ ହୋଇଗଲା, ତାପରେ ଯାହାହେଲେ ବି ଚଳିବ । ପ୍ରଥମ ମୁହଁରେ ପୁଅ ହେଲେ ବାପମା' ଦୀର୍ଘାୟୁ ହୁଅନ୍ତି ।

ଏ କଥା ଶୁଣି ନୂଆନୂଆ ବାପା ହୋଇଥିବା ପୁରୁଷଟି ଟିକିଏ ହସିଦିଏ ଓ ସେହି ହସର ପରିତୃପ୍ତିରେ ନିଜକୁ ନିଜେ ଭୁଲିଯାଏ ।

ଇଏ ହେଲା ପୁଅର ବାପା !

– ଆରେ ତୋର ପୁଅଟିଏ ହେଇଚି ପରା ? ସାଙ୍ଗସାଥୀଙ୍କ ଫୋନ୍ ଆସେ । ତାସହ ତୁ କି ଭାଗ୍ୟବାନରେ ବୋଲି ଧାଡ଼ିକିଆ ପ୍ରଶଂସାଟିଏ !



ଗୋଟିଏ ପ୍ରତିଶ୍ରୁତି ଦେଇ ତାକୁ କାର୍ଯ୍ୟରେ ପରିଣତ ନକରି, ପୁଣି ଗୋଟିଏ ପ୍ରତିଶ୍ରୁତି ଦେବା ଏକ ଅବିବେକୀ କାର୍ଯ୍ୟ । - ଡ. ରାଧାକୃଷ୍ଣନ

ଭାଗ୍ୟବାନ ଶବ୍ଦ ଶୁଣି ବାପାନାମକ ବ୍ୟକ୍ତିସତ୍ତାଟି ଉଛୁଳି ଉଠେ ସିଏ ବାପା ହୋଇଛି, ପୁଣି ପୁଅର ବାପା ! ନିଜଉପରେ ପ୍ରେମଫୁଲ ଗଦେଇ ହୋଇପଡୁଥିବାର ଅନୁଭବ ହୁଏ !

ମାଆ-ବାପା ଉଭୟେ ପରସ୍ପରକୁ ଚାହିଁ ପରମତୃପ୍ତିରେ ପୂରିଉଠନ୍ତି । ପୂର୍ଣ୍ଣ ହୋଇଯାଆନ୍ତି । ପୂର୍ଣ୍ଣ ଆହୁରି ପୂର୍ଣ୍ଣ ହୋଇଯାଏ । ପୂର୍ଣ୍ଣରୁ ପୂର୍ଣ୍ଣ ଉଛୁଳି ଆଉ ଏକ ପୂର୍ଣ୍ଣତାର ସ୍ୱାଭାବିକତାରେ କିଏ ବା ଖୁସି ନହେବ ?

ସ୍ୱାମୀ ବାପା ହୋଇଯାଏ ! ସ୍ତ୍ରୀ ହୋଇଯାଏ ମାଆ ! ନିଜ ସୃଷ୍ଟିରେ ଉଭୟ ଈଶ୍ୱର-ଈଶ୍ୱରୀ ଲୀଳା ରଚନାରେ ବ୍ୟସ୍ତରହନ୍ତି !

ପୁଅର ମାଆ-ବାପାଭାବରେ ଉଭୟେ ଖୁସିମନାନ୍ତି । ଠିକ୍ ସେହି ସମୟରେ ଝିଅର ମାଆ-ବାପା ଏକ ଅଦୃଶ୍ୟ ଭବିଷ୍ୟତ ଓ ଅନାଗତ ଆଶଙ୍କାରେ ଜଡ଼ସଡ଼ ହେଉଥାନ୍ତି ।

ହେବାବି ସ୍ୱାଭାବିକ ! କଥାରେ ନାଇଁ ପୁଅ ପିତଳ ମାଠିଆ, ହେଲେ ଝିଅଟା ପରା ମାଟି ମାଠିଆ । ଛୁଇଁଦେଲେ ମାରା ହୋଇଯାଏ । ଖପରା ହୋଇଯାଏ । ତେଣିକି ତା ଭାଗ୍ୟ ଗାଁ ମୁଣ୍ଡ ଖପରାବଣିଆ ! ସେ ଖପରାକୁ ଆଉ ଯିଏ ଛୁଇଁଦେବ, ସିଏ ମାରା ହୋଇଯିବ । ସାତତୀର୍ଥ ସ୍ନାନ କରି ପବିତ୍ର ହେବାକୁ ପଡ଼ିବ !

ମାତ୍ର, ପୁଅ ! ଯେତେ ଯାହା କରୁ, ଘରକୁ ଫେରିଆସିଲେ ସଜ ତୁଳସୀ । ତା ସ୍ଥାନ ଚଉରା ମଥାନରେ ନଇଲେ ଦେବତା ମସ୍ତକରେ ! ତାକୁ ଛୁଇଁଦେଲେ ଛୁଇଁବା ଲୋକ ପବିତ୍ର ହୋଇଯାଏ । ପାଦ ଠାରୁ ତଳିପା ପର୍ଯ୍ୟନ୍ତ ତାର ସବୁ ପବିତ୍ର ।

ସେଇଥିପାଇଁ ସିଏ ପୁଅ ! ପୁତ, ପବିତ୍ର, ପରିତୃପ୍ତିର ପରମକାରଣ !

ସେଇଥିପାଇଁ ବୋଧେ ସମସ୍ତେ ପୁଅ ଖୋଜନ୍ତି, ଆଉ ପୁଅ ପାଇଗଲେ ନିଜର ସୌଭାଗ୍ୟ ବୋଲି ଭାବନ୍ତି ।

କହିବୁଲନ୍ତି, ମୁଁ ପୁଅର ବାପା ! (କ୍ରମଶଃ)

ବେଗୁନିଆ, ଖୋରଧା

# ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର



ଆଦ୍ୟାଶା ପ୍ରିୟଦର୍ଶିନୀ

୦୧. ପକାଏ ପଥର ବୁହଇ ପାଣି, ଗର୍ଜନ କରି ସିଂହକୁ ଜିଣି, ନାହିଁ ଶିର ଯା'ର ଶୂନ୍ୟେ ଜୀବନ, ଶୂନ୍ୟରେ ସଦା କରେ ଗମନ। - ମେଘ

୦୨. ଦେଇ ମଲା କିଏ, ନ ଦେଇ ମଲା କିଏ, ଦେଖି ମଲା କିଏ, ନ ଦେଖି ମଲା କିଏ । - ବଳୀ, ରାବଣ, ଦଶରଥ

୦୩. ପାଣି ନାହିଁ ପଙ୍କ ଲହଡ଼ା ମାରୁଛି, ପକ୍ଷୀ ନାହିଁ ଘୋଡ଼ା ଶୂନ୍ୟରେ ଉଡୁଛି, କହରେ ବାଳକ ମୂର୍ଖ ପଚାରୁଛି । - ବାଳ

୦୪. ତା' ଗଛ ବେଢ଼ାପରି, ତା' ପତ୍ର କୁଲାପରି,
ତା' ଫଳ କାଙ୍କଣ ପରି, ଏହା ଯେ ନ କହିବ,
ତା ମୁହଁ ମାଙ୍କଡ଼ ପରି । - ଗବ ଓ ଜଡ଼ା ଗଛ

୦୫. ଜୀବକୁ ଅଜୀବ ଝାଙ୍କିଲା, ଜୀବ ତଳ ଘରେ ଥାଇ କମ୍ପିଲା, ଜୀବ ମୁଣ୍ଡବାଟେ ତା'ର ବାହାର ନାମ କହବାକୁ ଶକ୍ତି କାହାର। - ମାଛ

୦୬. ଝାଇଁ ଝାଇଁ ଝାଇଁ, ମୁଣ୍ଡରେ ଗୋଟିଏ ବାଳ ନାହିଁ । - କଂସା

୦୭. ଏକ କାଳିଗାଈ ଶୋଇଛି, ଷାଠିଏ ବାଛୁରି ଲାଗିଛି। - ଘରର ଶେଣି

୦୮. ଆଁ କଲା ଭାଁ କଲା, ସଁ କରି ଛାଡ଼ି ଦେଲା। - ଶିଙ୍ଘାଣି

୦୯. ହଳଧର ପଚାରିଲେ ଜଳଧରକୁ, ଚକ୍ରଧର କିପରି ମଲେ, ସ୍ୱର୍ଗରୁ ଆସି ପାଞ୍ଚ ପାଣ୍ଡବେ ମାରି ବନବାସ ଗଲେ ।
- ଓଉ ଗଛରୁ ପଡ଼ି ସାପକୁ ମାରି ପାଣିକୁ ଗଲା

୧୦. ସ୍ୱର୍ଗଦେଶ ରାଜା ଝିଅକୁ ହସ୍ତଦେଶ ନେଲା, କାନ୍ଥ ଦେଶେ ରାଜାଘରେ ଶୁଖି ଶୁଖି ମଲା । - ଶିଙ୍ଘାଣି

୧୧. ସିଂହ ନୁହେଁ ସିଂହ ଠାଣିରେ ବସେ, ବାଘ ନୁହେଁ ସେ କ୍ଷେପି କ୍ଷେପି ଆସେ, ତପୀ ନୁହେଁ ଓ ବଡ଼ ଭୋଜନୀ, ନିଶା ରାତିରେ ସେ ବୁଲେ ମେଦିନୀ । - ବେଙ୍ଗ

୧୨. ଲୋମଯୁକ୍ତ ଦେହ ଅଟେ କାଳିଆ, ନୁହେଁ ହରିହର ଅଟେ ଜଟିଆ, ସୀତା ହରଣରେ ଅଟଇ କ୍ଷମ, ନୁହଇଁ ରାବଣ ଅବା ସେ ରାମ । - କମ୍ବଳ

୧୩. ରଙ୍ଗ ରଙ୍ଗତା, ପାଣି ଦେଲେ ଗଛ ମରି ଯାଆନ୍ତା । - ନିଆଁ

୧୪. ଭଲ ରାଜାଝିଅକୁ ତ କାକ ରାଜା ନେଲା,
ତା'ର ପରା ସୁନ୍ଦରିତ କାନ୍ତ ଆଉଜିଲା । - ଶିଙ୍ଘାଣି

୧୫. ତୋଡ଼ି ମାଛଟିଏ ମାଇଲି, ମୋଡ଼ି ମାଡ଼ିକି ଖାଇଲି । - ପାନ

୧୬. ଖାଇଲେ ମଲା, ନ ଖାଇଲେ ଗଣ୍ଡି ଭୁଷୁଣ୍ଡା କଲା । - ବାଳ


୧୭. ଯାଇଥିଲି ଉତ୍ତର, ଦେଖି ଆସିଲି ଫଳ ଉପରେ ପତର । - ସପୁରୀ

୧୮. ମା'କୁ ହୋଇଛି ବାରବରଷ, ଝିଅ ତ ହେଲାଣି ବୁଢ଼ୀ,
ନାତୁଣୀ ମୁଣ୍ଡରେ ବାଳ ପାଚିଲାଣି, ଦେଖିବ ଆସେ ଖୁଡ଼ୀ। - ମକା



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁକୁ ଜୟ କରିପାରିବା ସମ୍ଭବ। - କାଳନ୍ଦୀଚରଣ

# ରାଧାନାଥ ରାୟ ଥିଲେ ନୂତନ ଯୁଗର ପ୍ରବର୍ତ୍ତକ



ଉମା ଶଙ୍କର ପ୍ରସାଦ

**ଊନବିଂଶ** ଶତାବ୍ଦୀର ମଧ୍ୟଭାଗରେ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବରେ ଆଧୁନିକ ସାହିତ୍ୟ ଗଢିବାରେ ଯେଉଁମାନେ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ, ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ଥିଲେ କବିବର 'ରାଧାନାଥ ରାୟ'। ତାଙ୍କର ସାରସ୍ୱତ ସାଧନାର ଜୀବନ ଥିଲା ଅନେକ କଷ୍ଟସାଧ୍ୟ ତଥା ସଙ୍କଟମୟ। ତଥାପି ସ୍ଥିତପ୍ରଜ୍ଞ ଭାବେ ବିଚଳିତ ନହୋଇ ସେ ଯାହା ସୃଷ୍ଟିକଲେ ତାହା ହେଲା ଅନନ୍ୟ ସାଧାରଣ।

ସେହି କିମ୍ବଦନ୍ତୀ ପୁରୁଷ ବାଲେଶ୍ୱର ଜିଲ୍ଲାର ସୋର ନିକଟସ୍ଥ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ପିତା ସୁନ୍ଦର ନାରାୟଣ ଓ ମାତା ତାରିଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ପାଂଚବର୍ଷ ବୟସରେ ସେ ହୋଇଥିଲେ ମାତୃହୀନା। ଯଦିଓ ବିମାତା ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ତଥାପି ମାତୃବିୟୋଗ ଦୁଃଖ ତାଙ୍କର ସହଚର ହୋଇ ରହିଥିଲା। ମାଟିବଂଶ ଅବଧାନଙ୍କଠୁ ଶିକ୍ଷା ଆରମ୍ଭ କରି ପିତାଙ୍କ କଠୋର ଶାସନ ଭିତରେ ସେ ଶିକ୍ଷା ଲାଭ କରି ଜଣେ ମେଧାବୀ ଛାତ୍ର ଭାବେ ନିଜକୁ ଗଢିଥିଲେ। ୧୮୬୩ ମସିହାରେ ପ୍ରବେଶିକା ପରୀକ୍ଷାରେ ସର୍ବୋଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାସହ ୧୪ ଟଙ୍କା ବୃତ୍ତି ପାଉଥିଲେ। ବାଲ୍ୟ କାଳରୁ ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ରୁଗ୍ଣ ଶରୀର ଥିଲା। ୧୮୬୪ ମସିହାରେ ରାଧାନାଥ ବାଲେଶ୍ୱର ଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକ ଭାବେ ଯୋଗଦେବା ସହ ସେ ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ଗ୍ରନ୍ଥମାନ ଅଧ୍ୟୟନ କରିଥିଲେ। ସେତେବେଳେ ସେ ଫକୀର ମୋହନ ସେନାପତି, ରାଜା ବୈକୁଣ୍ଠନାଥ ଦେବ ପ୍ରଭୃତି ବହୁମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମ୍ପର୍କରେ ଆସିଥିଲେ। ସେ ପୁରୀ ଜିଲ୍ଲା ସ୍କୁଲରେ ଯୋଗଦେବା ସମୟରେ ମଧୁସୂଦନ ରାଓ ସେ ସ୍କୁଲର ଛାତ୍ର ଥିଲେ।

୧୮୭୦ ମସିହାରେ ତାଙ୍କର ପରଶମଣୀ ଦେବୀଙ୍କ ସହିତ ବିବାହ ହୋଇଥିଲା।

ବାଙ୍କୁଡା ବିଦ୍ୟାଳୟରୁ ବିଦାୟ ନେବାବେଳେ ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା ଯାହା ଥିଲା ତାଙ୍କପାଇଁ ସର୍ବଶ୍ରେଷ୍ଠ ସମ୍ମାନ। ୧୯୭୨ ଜୁଲାଇ ୨୬ ତାରିଖରେ  ସେ ବାଲେଶ୍ୱର ଜିଲା ସମୂହର ଡେପୁଟି ଇନ୍‌ସପକ୍ଟେର ଭାବେ ଯୋଗଦେଲେ। ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ଶିକ୍ଷକ ଭାବେ ମଧୁସୂଦନ ଯୋଗ ଦେଇଥାନ୍ତି। ଉଭୟଙ୍କର ପୁନର୍ବାର ମିଳନ ୧୮୭୩ ମସିହାରେ ପ୍ରକାଶ ପାଇଥିବା 'ଉତ୍କଳ ଦର୍ପଣ' ପତ୍ରିକାରେ ଉଭୟଙ୍କର ସାରସ୍ୱତ ପ୍ରତିଭାର ବିକାଶ ଘଟିଲା। ୧୮୭୭ ମସିହ ନଭେମ୍ବର ମାସ ୨୬ ତାରିଖରେ ରାଧାନାଥ ଓଡିଶାର ଶିକ୍ଷା ବିଭାଗର ଜଏଂଟ ଇନ୍ସପେକ୍ଟର ଭାବେ ନିଯୁକ୍ତ ହେଲେ। ଉତ୍କଳର ଅପରୂପ ସୌନ୍ଦର୍ଯ୍ୟ ତାଙ୍କ କବିପ୍ରାଣକୁ ବିମୋହିତ କରିଥିଲା। ସେ ବଙ୍ଗଳାରେ କବିତା ଲେଖା ଛାଡି ଓଡିଆ କାବ୍ୟ କବିତା ରଚନାରେ ସମ୍ପୂର୍ଣ୍ଣ ମନୋନିବେଶ କଲେ। ୧୮୮୩ ରେ ସେ ଓଡିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ୧୮୮୬ ରେ ସେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ଆତିଥ୍ୟ  ଗ୍ରହଣ କରିବା ସହ ବିଶିଷ୍ଟ କବିଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ୧୮୯୬ ମସିହାରେ ଓଡିଶା ସରକାର ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ।

ରାଧାନାଥ ପ୍ରଥମେ ବଙ୍ଗଳାରେ କବିତା ରଚନା କରିଥିଲେ। ସେ ଜାଣି ନଥିଲେ ଯେ ଓଡିଆ ସାହିତ୍ୟ ସାଧନା କ୍ଷେତ୍ରରେ ସେ ଦିନେ ଯଶସ୍ୱୀ ହେବେ। ମଧ୍ୟଯୁଗୀୟ ଶ୍ରେଷ୍ଠ ରୀତି କବି ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ଥିଲା। ଯଦିଓ ତାଙ୍କର କବିତାଗୁଡିକ ମାଇକେଲ ମଧୁସୂଦନ ଦତ୍ତଙ୍କ କାବ୍ୟ ଆଦର୍ଶରେ ରଚନା କରାଯାଇଥିଲା ତଥାପି ତାଙ୍କ କବିତା ମାଇକେଲ ମଧୁସୂଦନ ଦତ୍ତଙ୍କଠୁ ଉଚକୋଟିର ଥିଲା। ଉପେନ୍ଦ୍ର ଭଞ୍ଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସେ ବଙ୍ଗଳାରେ ଲେଖିଥିଲେ " ଧନ୍ୟ ରାଜକବି ତୁମି! ଜନମି ସୁକ୍ଷଣେ- ଗ୍ରହନିଲା ପ୍ରଦେଶେ ହେ କବୀନ୍ଦ୍ର ମଣି। ସାଜାୟେଛ ବୈଦେହୀଶ ହେ କବି ରତନ, ତୋମା ବିନା ସାଧ୍ୟକାର ସାଜୟ ଏମନ।" ଓଡିଶାରେ ସେତେବେଳେ ଫକୀରମୋହନ କେବଳ ଓଡିଆରେ ଲେଖା ଲେଖି କରୁଥିଲେ ଯାହା ଓଡିଆ ହିତୈଷୀ ମାଜିଷ୍ଟ୍ରେଟ ଜନ୍ ବୀମସ୍ ଙ୍କ ଦୃଷ୍ଟିକୁ ଆସୁଥାଏ। ଦିନେ ବୀମସ୍ ରାଧାନାଥଙ୍କୁ କହିଲେ "ଫକୀର ମୋହନ ଏକାକି ଓଡିଆରେ ଲେଖୁଛି। ତୁମେମାନେ ସବୁ ଲେଖୁନାହିଁ। ବଡ ଲଜ୍ଜାର ବିଷୟ।" ବୀମସ୍‌ଙ୍କ ସେହି କଥା ପଦକ ତାଙ୍କ ହୃଦୟରେ ଝଙ୍କୃତ ହେଲା। ସେ ମଧ୍ୟ ଓଡିଆରେ ଲେଖିବା ପାଇଁ ଅଭ୍ୟାସ ଜାରି ରଖିଲେ।

ସେତେବେଳେ ଫକୀର ମୋହନଙ୍କ ଉଦ୍ୟମରେ ବାଲେଶ୍ୱରରୁ 'ବାଲେଶ୍ୱର ସମ୍ବାଦ ବାହିନୀ' ଓ 'ବୋଧଦାୟିନୀ' ପ୍ରକାଶ ପାଇଲା। ଗୌରୀଶଙ୍କର ପ୍ରକାଶ କଲେ "ଉତ୍କଳ ଦୀପିକା" ଓ ଉତ୍କଳ ଦର୍ପଣ ଯାହାର ପ୍ରଧାନ ଉଦ୍ୟୋଗୀ ହେଲେ ରାଧାନାଥ। 'ବିବେକୀ' ଥିଲା ତାଙ୍କର ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ରଚନା। ଯେଉଁଥିରେ ସେ ମଣିଷର ଚରିତ୍ର ଓ ପ୍ରବୃତ୍ତି ବିଷୟରେ ଆଲୋଚନା କରିଚନ୍ତି। ବିବେକର ଯଥାର୍ଥ ପ୍ରୟୋଗ ଦ୍ୱାରା ମଣିଷ ସବୁ ପ୍ରକାର ଦୁଃଖ, ଯନ୍ତ୍ରଣା, ବାଧା, ଭୟ, ପ୍ରଶଂସା ଓ ନିନ୍ଦାକୁ ସହଜରେ ଅତିକ୍ରମ କରିପାରେ। ରାଧାନାଥଙ୍କର ଏହା ଥିଲା ପ୍ରଜ୍ଞା ଓ ପ୍ରତିଭାର ନିଦର୍ଶନ। 'ବିଶିଷ୍ଟ କବି ମାୟାଧର ମାନସିଂ ତାଙ୍କର ଓଡିଆ ସାହିତ୍ୟ ଇତିହାସ ରେ ଲେଖିଛନ୍ତି 'ସମଗ୍ର ଓଡିଆ ଭାଷାରେ ଦୈନନ୍ଦିନ ଜୀବନର ନୀତି ବିଚାର ନେଇ ଏକମାତ୍ର ପୁସ୍ତକ ଏ ପର୍ଯ୍ୟନ୍ତ "ବିବେକୀ"। ୧୮୭୪ ରେ ଏକ ବିଦେଶୀ କଥାବସ୍ତୁ ଅବଲମ୍ବନରେ ପ୍ରଣୟଭିତ୍ତିକ ଗଳ୍ପ 'ଇଟାଲୀୟ ଯୁବା'। ରାଧାନାଥ କବି କାଳିଦାସଙ୍କ କାବ୍ୟ ମେଘଦୁତକୁ ଓଡିଆରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଓଡିଆ ସାହିତ୍ୟରେ ମେଘଦୂତ କାବ୍ୟର ବହୁ ଅନୁବାଦ ହୋଇଥିଲେ ମଧ୍ୟ ରାଧାନାଥଙ୍କ 'ମେଘଦୂତ' ଗୌରବ ଅକ୍ଷୁର୍ଣ୍ଣ ରହିଛି। ରାଧାନାଥଙ୍କ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ସ୍ପଷ୍ଟ ଯାହା କବିଙ୍କର ସାରସ୍ୱତ ପ୍ରତିଭାର ବୈଶିଷ୍ଟ୍ୟ।

ଇଂରେଜୀ ସାହିତ୍ୟ ଓ ତା' ମାଧ୍ୟମରେ ସମୃଦ୍ଧ ପ୍ରାଚୀନ ଗ୍ରୀକ୍ ଓ ଲାଟିନ ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା। ପାଶ୍ଚାତ୍ୟ କାବ୍ୟ ବା ନାଟକ ବିଷୟ ଅବଲମ୍ବନରେ ସେ ପାଂଚଟି କାବ୍ୟ ରଚନା କରିଚନ୍ତି, ଯାହା ହେଲା 'କେଦାର ଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ଉଷା ଓ ପାର୍ବତୀ'। ରାଧାନାଥ ଏହି



ଗୁଡ଼ିଏ କାମ ଯେଉଁ ଲୋକ ଏକ ସମୟରେ ହାତକୁ ନିଏ , ତାହା ଭାଗ୍ୟରେ କେବଳ ନୈରାଶ୍ୟ ହିଁ ଥାଏ। – ବଲ୍‌ୱର୍

କାବ୍ୟର ବିଷୟକୁ ଗ୍ରୀସ ଦେଶର କବି ଓଭିଡଙ୍କର ମେଟାମରଫସିସ କାବ୍ୟରୁ ନେଇଛନ୍ତି।

କେଦାର ଓ ଗୌରୀ ଦୁଇ କିଶୋରକିଶୋରୀଙ୍କ ପ୍ରଣୟକୁ ଗୁରୁଜନମାନଙ୍କ ବିରୋଧ ଓ ବାଧାକୁ ଅତିକ୍ରମଣ ପୂର୍ବକ ଯେଉଁ ଅପୂର୍ବ ସାହସ ଓ ତ୍ୟାଗ ଦେଖାଇଲେ କବି ତାକୁ ଅତି ନିପୁଣ ଭାବେ ଚିତ୍ରଣ କରି ଗୌରୀର ମର୍ମ ବେଦନାକୁ ନିଜ ଭାଷାରେ ଫୁଟାଇଛନ୍ତି ଯାହା ହେଲା:- "ମୁଣ୍ଡେ କର ମାରି ବିଧିକି ଧିକ୍କାରି-ଧରାରେ ଲୋଟିଲା ଧନୀ, କାନ୍ତ ତନୁ କୋଳେ ଧରି ଦୁଃଖ ଭୋଳେ-ଚୁମ୍ବ ଦେଲା ଚନ୍ଦ୍ରାନନୀ"। ସେହି ଦୁର୍ଲଭ ପ୍ରେମୀ ଯୁଗଳଙ୍କୁ ଆଜି ସମସ୍ତ ହିନ୍ଦୁ ସମାଜ କେଦାରେଶ୍ୱର ମହାଦେବ ଓ ଗୌରୀ ଦେବୀ ଭାବେ ପୂଜା କରୁଚନ୍ତି।

ତା'ପରେ ରାଧାନାଥଙ୍କ କଲମରୁ ଫୁଟିଉଠିଲା "ଚନ୍ଦ୍ରଭାଗା"। ଏହାର ବିଷୟ ବସ୍ତୁ ମଧ୍ୟ ସେହି ଓଭିଡଙ୍କର ମଟୋମରଫସିସ୍ କାବ୍ୟ ବର୍ଣ୍ଣିତ 'ଆପୋଲ ଓ ଡାଫନୀ' କାହାଣୀରୁ ଆଣିଛନ୍ତି। ଗ୍ରୀକ ପୁରାଣରେ ସୂର୍ଯ୍ୟ ହେଉଛନ୍ତି ଆପୋଲ ଓ ସୁନ୍ଦରୀ ଡାଫନୀ ହେଉଛନ୍ତି ଜଳଦେବତାଙ୍କ କନ୍ୟା। ସେ ଅନନ୍ୟ ସୁନ୍ଦରୀ ହେଲେ ମଧ୍ୟ ପ୍ରେମ ପ୍ରତି ଉଦାସୀନା ଥିଲେ। ସେ ପ୍ରକୃତିକୁ ଉପଭୋଗ କରି ଆନନ୍ଦ ଅନୁଭବ କରୁଥିଲେ।

ଏକଦା ଆପୋଲ ଶିକାର ସମୟରେ ଡାଫନୀଙ୍କୁ ଦେଖି ତାଙ୍କର ରୂପ ଲାବଣ୍ୟରେ ବିମୋହିତ ହୋଇ ପ୍ରଣୟ ପ୍ରାର୍ଥୀ ହେଲେ। ମାତ୍ର ଡାଫନୀ ତାଙ୍କୁ ଦେଖି ଭୟରେ ଦୌଡୁ ଦୌଡୁ ବୃକ୍ଷ ପାଲଟି ଯାଇଥିଲେ। ଏହି କଥାବସ୍ତୁ ଅବଲମ୍ବନରେ ରାଧାନାଥ ଚନ୍ଦ୍ରଭାଗା ରଚନା କରିଛନ୍ତି। ଏଥିରେ ସୂର୍ଯ୍ୟ କାମଦେବଙ୍କୁ ଭର୍ତ୍ସନା କରିଛନ୍ତ ଯାହାକୁ କବି ଅତି ଚମତ୍କାର ଭାବେ ଲେଖିଛନ୍ତି "ହର କୋପାନଳେ ଥରେ ତୁ ଜଳିଥିଲୁ ମଦନ, ପୁଣି ଜଳିବାକୁ ଏ ଦେହେ ପରା ବଳିଲା ମନ"। ସେହିପରି ଚନ୍ଦ୍ରଭାଗା ସାଗର ଜଳରେ ନିମଗ୍ନ ହେଲାବେଳେର ଦୃଶ୍ୟକୁ କବି ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି ଯାହାହେଲା "ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ, ମିଶିଯାଏ ଯଥା ଜୀବାତ୍ମା ବିଶ୍ୱଆତ୍ମା ଚରଣେ"।

ସେହିପରି ୧୮୮୭ ରେ ସେ ପ୍ରକାଶ କଲେ 'ନନ୍ଦିକେଶ୍ୱରୀ'। ଓଭିଡଙ୍କର ଅଷ୍ଟମ କବିତା "ଦି କିଙ୍ଗ ମିନସ୍ ଆଣ୍ଡ ସିଲା ଓ ବାଇରନଙ୍କ ସିଜ ଅଫ କୋରିନ୍ଥ ଗ୍ରନ୍ଥରୁ କଥାବସ୍ତୁ ଆହରଣରେ" କବି ରାଧାନାଥ ଏହି କାବ୍ୟ ରଚନା କରିଛନ୍ତି। ନନ୍ଦିକେଶ୍ୱରୀ ଇତିହାସର ଚରିତ୍ର ନୁହଁନ୍ତି। କୌଣସି ଐତିହାସିକ ମଧ୍ୟ ଏହି ପ୍ରସଙ୍ଗର ଉଲ୍ଲେଖ କରିନାହାଁନ୍ତି। ମାଦଳା ପାଞ୍ଜିର ଏକ କିମ୍ବଦନ୍ତୀ ଉପରେ ନିର୍ଭର କରି ଓଭିଡଙ୍କ ଗ୍ରନ୍ଥରୁ କଥାବସ୍ତୁ ଆଣି ସେ ଏହି କାବ୍ୟ ରଚନା କରିଛନ୍ତି ଏବଂ ମୂଳ ଗଳ୍ପ ସହିତ ଓଡିଶା ଇତିହାସକୁ ଏପରି ଭାବରେ ମିଶାଇ ଦେଇଛନ୍ତି ଯେ ସିଲାର ସତ୍ତା ହଜି ଯାଇଛି। ଗଢା ହୋଇଛି ଓଡିଶା ମାଟିରେ ଏକ ପ୍ରେମାସକ୍ତା ନାରୀର କରୁଣ କାହାଣୀ। ତାଙ୍କର ଏହି କାବ୍ୟ କ୍ରମେ ପରଂପରା ସୃଷ୍ଟି କରିଛି।

ସେହିପରି ୧୮୮୮ ରେ ତାଙ୍କର ପ୍ରକାଶ ପାଇଲା 'ଉଷା' କାବ୍ୟ। ଏହି କାବ୍ୟର କେନ୍ଦ୍ରସ୍ଥଳୀ ବାଲେଶ୍ୱର ସହର। ବାଲେଶ୍ୱର ନୃର ରାଜାଙ୍କର ଏକମାତ୍ର ଅଲିଅଳି କନ୍ୟା ଉଷା ସୁନ୍ଦରୀ, ବୁଦ୍ଧିମତୀ, ଓ ଶିକାର ନିପୁଣା। ପଣ କରିଥିଲେ ତାଙ୍କୁ ଯିଏ ଦୌଡରେ ପରାସ୍ତ କରିବ ସେହି ପୁରୁଷକୁ ସେ ପତିଭାବେ ବରଣ କରିବେ। ହେମପୁରର ରାଜକୁମାର ଜୟନ୍ତ କନ୍ଦର୍ପ ଭଳି ସୁନ୍ଦର। ସେ ଉଷାକୁ ପତ୍ନୀ ରୂପେ ପାଇବାକୁ କାର୍ତ୍ତିକେୟଙ୍କର ଶରଣା ପନ୍ନ ହେଲେ। କାର୍ତ୍ତିକ ତାଙ୍କୁ ୩ଟି ସୁନାର ପଦ୍ମ ଦେଲେ ଓ ତାର ସାହାଯ୍ୟରେ ଉଷାକୁ ପରାସ୍ତ କରିହେବ ବୋଲି କହିଲେ। ପ୍ରତିଯୋଗିତା ହେଲା ଉଷା ଜୟନ୍ତଙ୍କ ଠାରୁ ତୀବ୍ର ବେଗରେ ଧାବମାନ ଥିଲେ। ମାତ୍ର ତିନୋଟି ସ୍ୱର୍ଣ୍ଣ କମଳର ଲୋଭ ତାଙ୍କୁ ପରାଜୟ କରିଥିଲା। ମାତ୍ର ଦୁହିଁଙ୍କର ବିବାହ ବେଦୀରେ ପ୍ରାଣବାୟୁ ଉଡିଗଲା । ଅଭିଶପ୍ତ ଗନ୍ଧର୍ବ ଥିଲେ ଦୁଇଜଣ ନିଜର ସମୟାନୁକ୍ରମେ ଅଭିଶପ୍ତ ଜୀବନ ବିତାଇବା ପରେ ମୁକ୍ତି ଲାଭକରି ସ୍ୱର୍ଗପୁରକୁ ପ୍ରତ୍ୟାବର୍ତ୍ତନ କଲେ।

ସେହିପରି ୧୮୯୦ରେ 'ପାର୍ବତୀ' କାବ୍ୟ ରଚନା କଲେ। ସେହି ଏକା ବର୍ଷରେ ତାଙ୍କର 'ଚିଲିକା' କାବ୍ୟ ଓଡିଆ ସାହିତ୍ୟକୁ ଥିଲା ଏକ ମହାନ ଦାନ। ଉତ୍କଳ ପ୍ରାକୃତିକ ଶୋଭାର ଗନ୍ତାଘର । ସେହି ପ୍ରକୃତି ପ୍ରତି ରାଧାନାଥଙ୍କର ଥିଲା ନିବିଡ ଆକର୍ଷଣ। ତାଙ୍କର 'ଚିଲିକା' କାବ୍ୟ ତାଙ୍କୁ ନୂତନ ଯୁଗର ପ୍ରବର୍ତ୍ତକ ଭାବେ ପ୍ରତିପାଦିତ କରିଛି। "ଚିଲିକା" ହେଉଛି ଉତ୍କଳ କମଳାଙ୍କ ବିଳାସ ସ୍ଥଳୀ। ଏହାର ତୀରରେ ଥିବା ବିଭିନ୍ନ ଫୁଲ, ଫଳ, ବୃକ୍ଷ ଲତା, ଗୁଳ୍ମ ଇତ୍ୟାଦିର ଚମତ୍କାର ବର୍ଣ୍ଣନା କରି ଲେଖିଛନ୍ତି "ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ"। ଚିଲିକା ବକ୍ଷରେ ଅନେକ ସନ୍ତରଣଶୀଳ ହଂସମାନଙ୍କୁ ଦେଖି ବିମୋହିତ ହେବାସହ ସେ ଲେଖିଛନ୍ତି,"ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତେ ଅଗୋଚର"। ଶେଷରେ ଉତ୍କଳ ଭାଷାର ଉନ୍ନତି ଯେ ନିଶ୍ଚୟ ହେବ ସେ ଆଶା ପୋଷଣ କରି ତାଙ୍କ କଲମରୁ ଝଙ୍କୃତ ହୋଇଛି" ପାହିଲାଣି ତୋର ତାମସୀ ରଜନୀ, ଫୁଟିବ ଉତ୍କଳ ଭାଷା କମଳିନୀ"।

ସେହିପରି 'ଦରବାର' ତାଙ୍କର ଏକ ବ୍ୟଙ୍ଗାତ୍ମକ କାବ୍ୟ। ୧୮୯୪ ମସିହା ଅଗଷ୍ଟ ମାସ ୨୯ ତାରିଖରେ କଟକର ବାରବାଟୀ ଦୁର୍ଗ ପ୍ରାଙ୍ଗଣରେ ଗୋଟିଏ ଦରବାର ଅନୁଷ୍ଠିତ ହୋଇଥିଲା। ଏହି ଦରବାରରେ ଜମିଦାର ଗୋବିନ୍ଦବଲ୍ଲଭ ରାୟ ଙ୍କୁ ରାୟବାହାଦୁର ଏବଂ ସାମନ୍ତ ଚନ୍ଦ୍ରଶେଖରଙ୍କୁ ମହାମହୋପାଧ୍ୟାୟ ଉପାଧି ଦେବାର ବ୍ୟବସ୍ଥା ହୋଇଥିଲା। କାଉପୁର ଜମିଦାର ଗୋବିନ୍ଦବଲ୍ଲଭ ରାଧାନାଥଙ୍କ ଭଗିନୀ ପତି ଥିଲେ । ତାଙ୍କୁ ଉପହାସ କରିବା ପାଇଁ ସେ ଏହା ରଚନା କରିଥିଲେ ବୋଲି କେହି କେହି ମତ ଦେଇଥାନ୍ତି। ଏଥିରେ କବି ସେ କାଳର ରାଜା, ଜମିଦାର ଓ କ୍ଷମତା ଭୋଗୀ ଶ୍ରେଣୀକୁ କଟୁ ସମାଲୋଚନା କରଛନ୍ତି। ତାଙ୍କ ମତରେ ରାଜା, ଜମିଦାର, ଧନୀ ମାନଙ୍କ ଅନୀତି ଓ ଅତ୍ୟାଚାରର ପ୍ରଦର୍ଶନ କ୍ଷେତ୍ରରେ ପରିଣତ ହୋଇଛି। ତେଣୁ ସେମାନଙ୍କୁ ତିରସ୍କାର କରି ସେ ଲେଖିଛନ୍ତି 'ଆହେ ମାନଶୌଣ୍ଡ ଭୂପାଳ ମଣ୍ଡଳୀ, ଦେଇଛକି କୁଳ ଧର୍ମେ ଜଳାଞ୍ଜଳି'। ସେମାନଙ୍କର ବଡପଣକୁ ସମାଲୋଚନା କରି ସେ ଲେଖିଛନ୍ତି 'ଧର୍ମ ଏକା ସିନା ମହତ ପଣିଆ - ଆଉ ବଡ ପଣ ଅଢେଇ ଦିନିଆ' ଏବଂ 'ବଡ ପଣ ସେହି, ଅନ୍ତେ ସୁଦ୍ଧା ଯାର, ସୌରଭେ ଚହଟୁ ଥାଏ ଏ ସଂସାର'।

ତାଙ୍କର ଏହି ମହନୀୟ ସାହିତ୍ୟ କୃତିକୁ ଦେଖି ବ୍ୟାସକବି ଫକୀର ମୋହନ କହିଥିଲେ ରାଧାନାଥଙ୍କ ଭଳି ସମକକ୍ଷ କବି ଓଡିଆ ସାହିତ୍ୟରେ ଦୁର୍ଲଭ। ସେ ତାଙ୍କର ଉତ୍କଳ ଭ୍ରମଣ କବିତାରେ ରାଧାନାଥ ଓ ତାଙ୍କର କାବ୍ୟଗୁଡିକୁ ଅମରତ୍ୱ ପ୍ରଦାନ କରି ଲେଖିଛନ୍ତି " ଧନ୍ୟ ରାଧାନାଥ, ତୁମ୍ଭ ଜନମ ସଫଳ –ବ୍ୟାପି ରହିଅଛି କୀର୍ତ୍ତି ଓଡିଶା ମଣ୍ଡଳ, କେତେତ ଅଛନ୍ତି ରାଜା କେତେ ଧନବନ୍ତ- କେଉଁ ଲୋକ ଅଛନ୍ତି ତୁମ ପରି କୀର୍ତ୍ତିମନ୍ତ ?

ସ୍ତମ୍ଭକାର,
ଖୋର୍ଦ୍ଧା (୮୮୯୫୫୪୭୪୯୦)



ଗୁପ୍ତ ଭାବରେ କୌଣସି କାର୍ଯ୍ୟ କରୁଛି ବୋଲି ବିଚାର କରିବା ଅର୍ଥ, ନିଜକୁ ନିଜେ ଠକିବା। - ଅଥର୍ବ ବେଦ ସୌରଭ

# ରୂପ ଓ ପ୍ରେମର ଦେବୀ ଉର୍ବଶୀ



ଡ. ପୂର୍ଣ୍ଣଚନ୍ଦ୍ର ଓଝା

କୌଣସି ନା କୌଣସି ଫଳପ୍ରାପ୍ତି ଉଦ୍ଦେଶ୍ୟରେ ବା ସିଦ୍ଧିପ୍ରାପ୍ତି ନିମିତ୍ତ ଦେବତାରାଧନା କରାଯାଇଥାଏ । ଦେବଙ୍କ ଅପେକ୍ଷା ଦେବୀଙ୍କଠାରୁ ସିଦ୍ଧିଲାଭ କରିବା ଅପେକ୍ଷାକୃତ ସହଜସାଧ୍ୟ । ସେଥିପାଇଁ ଦେବୀଦୁର୍ଗାଙ୍କ ଅନ୍ୟ ଏକ ନାମ ହେଉଛି ସିଦ୍ଧିଦାତ୍ରୀ । ଉତ୍ତମ ପତିପ୍ରାପ୍ତି ନିମନ୍ତେ ଗୌରୀଙ୍କ ଆରାଧନା କରାଯିବା ଭଳି ରୂପ ବା ସୌନ୍ଦର୍ଯ୍ୟ ପ୍ରାପ୍ତି ନିମନ୍ତେ ତଥା ପ୍ରେମର ସିଦ୍ଧତା ଲାଭ ପାଇଁ ନର ଦେବୀ ଉର୍ବଶୀଙ୍କର ଆରାଧନା କରି ସିଦ୍ଧକାମ ହୋଇଥାଏ ।

ଅସାମାନ୍ୟା ରୂପଲାବଣ୍ୟା ସ୍ୱର୍ଗାଙ୍ଗନା ଏହି ଉର୍ବଶୀ ବିଭିନ୍ନ ଭାବରେ ବିଭିନ୍ନ ସମୟରେ ଅଭିଶାପଗ୍ରସ୍ତା ହୋଇ 'ଉର୍ବୀ' ବା ପୃଥିବୀକୁ ଆସିଥିବାରୁ ଏହାଙ୍କ ନାମ ଉର୍ବଶୀ ହୋଇଛି ବୋଲି କେତେକ ପଣ୍ଡିତ ମତ ପ୍ରଦାନ କରିଥାଆନ୍ତି । ଅନ୍ୟ କେତେକଙ୍କ ମତରେ ଓ ଶାସ୍ତ୍ରାନୁସାରେ ନାରାୟଣଙ୍କ 'ଉରୁ'ରୁ ଜାତ ହୋଇଥିବାରୁ ତାଙ୍କ ନାମ ଉର୍ବଶୀ ହୋଇଛି । କଥିତ ଅଛି ଯେ ବିଷ୍ଣୁଙ୍କ ଅଂଶରେ ଜାତ ନର ଓ ନାରାୟଣ ଥିଲେ କଠୋର ତପସ୍ୱୀ । ତାଙ୍କର ତପସ୍ୟା ଭାଙ୍ଗିବାକୁ ଦେବରାଜ ଇନ୍ଦ୍ର ବଦ୍ଧ ପରିକର ହେଲେ । ଏଥିପାଇଁ ସ୍ୱର୍ଗର ଅପ୍‌ସରା ଓ ଗନ୍ଧର୍ବମାନଙ୍କୁ ଋଷିଙ୍କର ତପୋଭଗ୍ନ କରିବାକୁ ପଠାଇଲେ । ଏମାନେ ଶତଶତ ଚେଷ୍ଟା କଲେ ମଧ୍ୟ ଋଷିଙ୍କର ତପସ୍ୟାରେ କୌଣସି ପ୍ରକାରେ ବାଧା ସୃଷ୍ଟି କରିପାରିଲେ ନାହିଁ । ଅପରନ୍ତୁ ନାରାୟଣ ତାଙ୍କ ଉରୁ ଦେଶରୁ ଏକ ଅପୂର୍ବ ରୂପଲାବଣ୍ୟା କନ୍ୟା ଜାତ କରି ଇନ୍ଦ୍ରଙ୍କ ନିକଟକୁ ପଠାଇଲେ । ସେହି ସର୍ବସୌନ୍ଦର୍ଯ୍ୟର ଅଧିକାରିଣୀ ରୂପବତୀ କନ୍ୟାଟି ପରବର୍ତ୍ତୀ ସମୟରେ ଉର୍ବଶୀ ନାମରେ ଖ୍ୟାତି ଲାଭ କରିଥିଲା – ଉରୂନ୍ ମହତୋଽପି ଅଶ୍ନୁତେ ବ୍ୟାପ୍ନୋତି ବଶୀକରୋତି ଇତି 'ଉର୍ବଶୀ' (ଉରୁ + ଅଶ୍ + କ, ଗୈରା.ଙୀଷ୍-ତାରା) । ସ୍ୱର୍ଗାଙ୍ଗନା ବା ସ୍ୱର୍ବେଶ୍ୟା ବା ସ୍ୱର୍ଗଅପ୍‌ସରାମାନଙ୍କ ମଧ୍ୟରେ ଉର୍ବଶୀ ଅନ୍ୟତମା ଅଟନ୍ତି । ଅପ୍‌ସରାଗଣ ଦେବଯୋନି ବିଶେଷ ବୋଲି ଅମର କୋଷରେ ମଧ୍ୟ ବର୍ଣ୍ଣିତ ଅଛି । ଯଥା – ବିଦ୍ୟାଧରୋଽପ୍‌ସରୋ ... ଦେବଯୋନୟଃ (ଅମରକୋଷ, ସ୍ୱର୍ଗବର୍ଗ-୧୧) । ଅପ୍‌ସରାଗଣ 'ଅପ୍' ଅର୍ଥାତ୍ ଜଳରେ ବିହାର କରିବାକୁ ଭଲ ପାଆନ୍ତି ବୋଲି ତାଙ୍କୁ ଅପ୍‌ସରା କୁହାଯାଇଥାଏ – 'ଅଦ୍‌ଭ୍ୟଃ ସରନ୍ତି ଅପ୍‌ସରସଃ । ସରତେରସୁନ୍ (ଉ.୪-୨୩୭) – ଅପ୍‌ସରାସ୍ – (ଅପ୍ + ସୃ + ଅସି + ଟାପ୍) । ମୁଖ୍ୟତଃ ଛଅଜଣ ଅପ୍‌ସରା ଥିବାର କୁହାଯାଏ । ଯଥା – ଘୃତାଚୀ ମେନକା ରମ୍ଭା ଉର୍ବଶୀ ଚ ତିଲୋତ୍ତମା ।

ସୁକେଶୀ ମଞ୍ଜୁଘୋଷାଦ୍ୟାଃ କଥ୍ୟନ୍ତେଽପସରସୋ ବୁଧୈଃ ॥

ରାମାୟଣ ଓ ପୁରାଣାନୁସାରେ ଅପ୍‌ସରାଗଣ ସମୁଦ୍ର ମନ୍ଥନରୁ ଉଦ୍‌ଭୂତ ହୋଇଥିଲେ (ଭାଗବତ-୮/୮/୭) । ବାୟୁ ପୁରାଣାନୁସାରେ ଅପ୍‌ସରାମାନଙ୍କୁ ୧୪ ଏବଂ ହରିବଂଶାନୁସାରେ ୭ଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ଏମାନଙ୍କର ଦୈବିକ ଓ ଲୌକିକ ସଂଖ୍ୟାରେ ଏମାନେ ୩୪ଟି ଅଟନ୍ତି, ଯେଉଁମାନଙ୍କ ମଧ୍ୟରେ ଉର୍ବଶୀ, ରମ୍ଭା ଓ ମେନକା ପ୍ରଧାନ ଅଟନ୍ତି । କାଶୀଖଣ୍ଡ ଅନୁସାରେ ଏମାନଙ୍କ ମଧ୍ୟରେ ୧୦୬୦ ଜଣ ପ୍ରଧାନ ଅଟନ୍ତି । ଏମିତିକି ଏମାନଙ୍କ ସଂଖ୍ୟା- ୩୫,୦୦୦,୦୦୦ ବୋଲି କୁହାଯାଏ । ତେବେ ଉର୍ବଶୀ ସର୍ବଶ୍ରେଷ୍ଠା ଅଟନ୍ତି ।

'ସ୍ତ୍ରିୟାଂ ବହୁଷ୍ୱପରସଃ ସ୍ୱର୍ବେଶ୍ୟା ଉର୍ବଶୀ ମୁଖ୍ୟ ।' (ସ୍ୱର୍ଗବର୍ଗ-୧୧)

ପୂର୍ବରୁ ଉର୍ବଶୀଙ୍କ ଆବିର୍ଭାବ କଥା କୁହାଯାଇଛି । ତେବେ ହରିବଂଶରେ କୁହାଯାଇଛି ଯେ ବ୍ରହ୍ମାଙ୍କ ଅଭିଶାପରୁ ଉର୍ବଶୀ ମନୁଷ୍ୟ ଯୋନିରେ ଜନ୍ମଗ୍ରହଣ କରିଥିଲେ । କେତେକ ଶାସ୍ତ୍ରରେ ଅଛି ଯେ ବରୁଣଙ୍କ ଅଭିଶାପରୁ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲେ । ପୁଣି କୁହାଯାଏ ଉର୍ବଶୀ ଇନ୍ଦ୍ରଙ୍କ ଅଭିଶାପରେ ଚନ୍ଦ୍ରବଂଶୀୟ ରାଜା ପୁରୁରବାଙ୍କର ପତ୍ନୀରୂପରେ କିୟତ୍‌କାଳ ମର୍ତ୍ତ୍ୟରେ ଅତିବାହିତ କରିଥିଲେ । ଶାପାନ୍ତେ ସେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିଥିଲେ । କିନ୍ତୁ ଉର୍ବଶୀଙ୍କ ବିରହ ପୁରୁରବାଙ୍କୁ ବହୁ ବାଧିଥିଲା । ତେଣୁ ଉର୍ବଶୀ ପୁଣି ମର୍ତ୍ତ୍ୟକୁ ଆସିଥିଲେ । ତାଙ୍କ ଗର୍ଭରୁ 'ଆୟୁ' ନାମକ ପୁତ୍ର ଜାତ ହୋଇଥିଲା । ଏହାପରେ ଉର୍ବଶୀ ସବୁଦିନ ପାଇଁ ପୁରୁରବାଙ୍କୁ ଛାଡ଼ି ସ୍ୱର୍ଗକୁ ବାହୁଡ଼ିଯାଇଥିଲେ । ପୁଣି ବର୍ଣ୍ଣିତ ଅଛି ଉର୍ବଶୀଙ୍କଠାରୁ ଆୟୁ, ଅମାବାସୁ, ବିଶ୍ୱାୟୁ, ଶ୍ରୁତାୟୁ, ଦୃଢ଼ାୟୁ, ବନାୟୁ ଓ ଶତାୟୁ ନାମକ ସାତପୁତ୍ର ଜାତ ହୋଇଥିଲେ । ଅନ୍ୟ ବହୁ ପୁରାଣ ଯଥା ଭାଗବତ, ମତ୍ସ୍ୟ, ବାୟୁ, ବିଷ୍ଣୁ ପୁରାଣରେ ବର୍ଣ୍ଣିତ ଅଛି ଯେ ଉର୍ବଶୀ ପୁରୁରବାଙ୍କ ପତ୍ନୀ ଥିବା ସମୟରେ ତାଙ୍କ ଗର୍ଭରୁ ଛଅଜଣ ପୁତ୍ରଜନ୍ମ ହୋଇଥିଲେ । ମତ୍ସ୍ୟ ପୁରାଣର ଅନ୍ୟ ଏକ ସ୍ଥାନରେ ତାଙ୍କର ଆଠ ପୁତ୍ରଥିବା କଥା ବର୍ଣ୍ଣିତ ଅଛି ।

ଋଗ୍‌ବେଦର ଦଶମମଣ୍ଡଳରେ ଏବଂ ସେହିପରି ଶତପଥବ୍ରାହ୍ମଣ ଗ୍ରନ୍ଥରେ 'ପୁରୁରବା-ଉର୍ବଶୀ' ସମ୍ବାଦ ବିସ୍ତୃତଭାବରେ ଏବଂ ଅତିସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ବାଲ୍ମୀକି ରାମାୟଣର ବହୁସ୍ଥାନରେ ମଧ୍ୟ ଉର୍ବଶୀ ପ୍ରସଙ୍ଗ ଆସିଥାଏ । ବର୍ଣ୍ଣିତ ଅଛି ଯେ ପତ୍ନୀ ରୂପରେ ପାଇବାକୁ ପୁରୁରବା ଯେତେବେଳେ ଉର୍ବଶୀଙ୍କଠାରୁ ପ୍ରଣୟ ଯାଚନା କରିଥିଲେ ସେତେବେଳେ ଉର୍ବଶୀ ତିନୋଟି ସର୍ତ୍ତରେ ପୁରୁରବାଙ୍କ ପ୍ରାର୍ଥନାକୁ ସମ୍ମତି ପ୍ରଦାନ କରିଥିଲେ । ସର୍ତ୍ତଥିଲା- ଉର୍ବଶୀଙ୍କ ଶୟନ କକ୍ଷରେ ଏକ ମେଣ୍ଢା ସୁରକ୍ଷିତ ରହିବ । ସଙ୍ଗମସମୟ ବ୍ୟତିରେକେ ଅନ୍ୟ ସମୟରେ ସେ ପୁରୁରବାଙ୍କୁ କେବେ ନଗ୍ନାବସ୍ଥାରେ ଦେଖିବେନି । ଘିଅ ହିଁ ତାଙ୍କର ଆହାର ରହିବ । ଏକଥାରେ



ପୁରୁରବା ସମ୍ମତି ପ୍ରଦାନ କରିଥିଲେ । ଭାଗବତ ତଥା ବ୍ରହ୍ମାଣ୍ଡ ପୁରାଣରେ ବର୍ଣ୍ଣିତ ଅଛି ଯେ କିଛିବର୍ଷ ଉପରାନ୍ତେ ଗନ୍ଧର୍ବଙ୍କ ଷଡ଼ଯନ୍ତ୍ରରେ ଦିନେ ଉର୍ବଶୀ କୌଶସିକ୍ରମେ ପୁରୁରବାଙ୍କୁ ନଗ୍ନଭାବେ ଦେଖି ପକାଇଲେ, ଯାହାଫଳରେ ସେ ଶାପମୁକ୍ତ ହୋଇ ସ୍ୱର୍ଗ ଫେରି ଯାଇଥିଲେ ।

ସଂସ୍କୃତ ସାହିତ୍ୟର ପ୍ରଖ୍ୟାତ ମହାକବି କାଳିଦାସଙ୍କ 'ବିକ୍ରମୋର୍ବଶୀୟମ୍' ନାଟକରେ ବର୍ଣ୍ଣିତ ଏହି ବୃତ୍ତାନ୍ତ କେତେକ ଅଂଶରେ ଭିନ୍ନ ଅଟେ । କାଳିଦାସଙ୍କ ଏହି 'ବିକ୍ରମୋର୍ବଶୀୟମ୍' ନାଟକ ପାଞ୍ଚଟି ଅଙ୍କ, ଲୌକିକ ଓ ଅଲୌକିକ କଥା ସମାବେଶ ଇତ୍ୟାଦି ଲକ୍ଷଣାନୁସାରେ ଏକ 'ତ୍ରୋଟକ' ଶ୍ରେଣୀୟ ନାଟକ (ରୂପକ) ଅଟେ । 'ଅଭିଜ୍ଞାନଶାକୁନ୍ତଳମ୍' ପରି ଏହି ନାଟକଟି ମଧ୍ୟ କାଳିଦାସଙ୍କୁ ଖ୍ୟାତି ଆଣି ଦେଇଛି । କାଳିଦାସ ଅତି ସୁନ୍ଦରଭାବେ ପୁରୁରବା ଓ ଉର୍ବଶୀଙ୍କ ଚରିତକୁ ବର୍ଣ୍ଣନା କରିଛନ୍ତି । ଉର୍ବଶୀଙ୍କୁ ଏକ ଅସାମାନ୍ୟା ଅସାଧାରଣା ରୂପଲାବଣ୍ୟବତୀ ଅପ୍‌ସରା ଭାବେ କବି ବର୍ଣ୍ଣନା କରିଛନ୍ତି ଏଥିରେ । ଉର୍ବଶୀ ଏତେ ରୂପବତୀ ଥିଲେ ଯେ ପୁରୁରବାଙ୍କ ଭଳି ଅମିତ ପରାକ୍ରମଶାଳୀ ରୂପବାନ୍ ରାଜା ମଧ୍ୟ ଦାସପ୍ରଣୟୀ ଭାବେ ତାଙ୍କର ସଦା ମନୋରଞ୍ଜନ ତଥା ପଦସେବା କରିବାକୁ ବ୍ୟାକୁଳ ହୋଇପଡୁଥିଲେ ।

କାଳିଦାସଙ୍କ ଭାଷାରେ :

'ସାମନ୍ତମୌଳିମଣିରଞ୍ଜିତପାଦପୀଠମେକାତପତ୍ରମବନେର୍ଚ୍ଚ ତଥା
ପ୍ରଭୁତ୍ୱମ୍ । ଅସ୍ୟାଃ ସଖେ ! ଚରଣୟୋରହମଦ୍ୟ
କାନ୍ତମାଜ୍ଞାକରତ୍ୱମବଧିଗମ୍ୟ ଯଥା କୃତାର୍ଥଃ ।।'

(ବିକ୍ରମୋର୍ବଶୀୟମ୍ - ୩/୧୯)

ଦେବସଭାର ଶ୍ରେଷ୍ଠ ସୁନ୍ଦରୀ ତଥା ନର୍ତ୍ତକୀ ଇନ୍ଦ୍ରଙ୍କ ମନୋହାରିଣୀ ହୋଇଥିଲେ ମଧ୍ୟ ମିତ୍ରାବରୁଣ ଓ ଐଳ ଉର୍ବଶୀଙ୍କ ରୂପରେ ମୁଗ୍ଧ ହୋଇଥିଲେ। ଭାଗବତ, ମତ୍ସ୍ୟ ଓ ବାୟୁ ପୁରାଣରେ ବର୍ଣ୍ଣିତ ଅଛି ଯେ ବଦରିକାଶ୍ରମରେ ପୁଷ୍ପଚୟନ ଅବସରରେ ଉର୍ବଶୀଙ୍କ ମନୋହର ରୂପ ଦେଖି ମିତ୍ର ଓ ବରୁଣଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲା । ତାଙ୍କର ସ୍ଖଳିତ ରେତରୁ ଅଗସ୍ତ୍ୟ ଓ ବଶିଷ୍ଠ ଜନ୍ମଗ୍ରହଣ କରିଥିଲେ । ସେହିପରି ଭାଗବତପୁରାଣାନୁସାରେ ଲାବଣ୍ୟମୟୀ ଉର୍ବଶୀଙ୍କ ଦର୍ଶନରେ ସତ୍ୟଧୃତିଙ୍କ ପୁତ୍ର ଶରଦ୍ୱାନ୍‌ଙ୍କ ରେତ ଶରସ୍ତମ୍ବରେ ସ୍ଖଳିତ ହୋଇଥିଲା, ଯେଉଁଠାରୁ କି କୃପ (କୃପାଚାର୍ଯ୍ୟ) ଓ କୃପୀଙ୍କ ଜନ୍ମ ହୋଇଥିଲା ।

ମତ୍ସ୍ୟପୁରାଣାନୁସାରେ ଉର୍ବଶୀ ଅନ୍ୟାନ୍ୟ ଅପ୍‌ସରାଗଣଙ୍କ ସହ ହିରଣ୍ୟକଶିପୁଙ୍କ ସଭାରେ ଥିଲେ । ସେ ବ୍ରହ୍ମବାଦିନୀ ଥିବା କଥା ବ୍ରହ୍ମାଣ୍ଡପୁରାଣରେ ଉଲ୍ଲେଖ ଅଛି । ମାର୍ଗଶୀର୍ଷ ମାସରେ ଉର୍ବଶୀ ଅନ୍ୟଗଣଙ୍କ ସହ ସୂର୍ଯ୍ୟଙ୍କ ରଥରେ ଉପସ୍ଥିତ ଥାଆନ୍ତି ବୋଲି ଭାଗବତ, ବାୟୁ, ବ୍ରହ୍ମାଣ୍ଡ, ବିଷ୍ଣୁ ଓ ମତ୍ସ୍ୟପୁରାଣରେ କଥିତ ହୋଇଛି । ସେ ପୂର୍ବଜନ୍ମରେ ଏକ ଆଭୀରକନ୍ୟା ଥିଲେ, ଯେ କି 'ଭୀମଦ୍ୱାଦଶୀବ୍ରତ' କରିବା ଦ୍ୱାରା ଉର୍ବଶୀରେ ପରିଣତ ହୋଇଥିବା କଥା ମତ୍ସ୍ୟପୁରାଣରେ ବର୍ଣ୍ଣିତ ଅଛି ।

ବ୍ରହ୍ମାଣ୍ଡ ପୁରାଣରେ କୁହାଯାଇଛି କି ପ୍ରେମବାର୍ତ୍ତାର ସଫଳତା ନିମନ୍ତେ ଉର୍ବଶୀଙ୍କ ପୂଜା କରାଯାଇଥାଏ । ଦିବ୍ୟନାରୀପ୍ରାପ୍ତି ନିମନ୍ତେ ଉର୍ବଶୀଙ୍କ ପୂଜା କରାଯାଇଥାଏ ।

ତେଣୁ ଓଡ଼ିଆ ଭାଗବତରେ ଅଛି :

ଯେ ନର ଇଚ୍ଛେ ଦିବ୍ୟନାରୀ ।
ଭାବେ ଉର୍ବଶୀ ପୂଜା କରି ।।

(ଓ. ଭାଗବତ-୨/୩/୧୭)

**ସିଂହମାପୁର,**
**ବହୁଗ୍ରାମ, କଟକ**



ଖୋସାମତ ଠାରୁ ବଳି କଦର୍ଯ୍ୟ ଗାଳି ଆଉ କିଛି ନାହିଁ। - କୁପର୍

# କାମରେ ଫରକ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଏହା ଜଣେ ଭଦ୍ରବ୍ୟକ୍ତିଙ୍କର ଅଙ୍ଗେନିଭା କଥା। ହେଲେ ଏଥିରେ ନିହିତ ଅଛି ଏକ ମହତ୍ ଶିକ୍ଷା। ଶୁଣିବେ ତାଙ୍କ ଅନୁଭବର କାହାଣୀ ? ଶୁଣନ୍ତୁ ତେବେ ତାଙ୍କରୁ ତୁଣ୍ଡରୁ।

"ମୋ ଘର ନିକଟରେ ରହିଛି ପାର୍କଟିଏ। ସବୁ ରବିବାର ଦିନ ମୁଁ ପାର୍କଟିର ଚାରିପଟେ ଧୀରେ ଧୀରେ ଦୌଡ଼ିଥାଏ। ପାର୍କର କଣପଟିଆ ହୋଇରହିଛି ଏକ ହ୍ରଦ। ମୁଁ ଯେତେଥର ସେ ହ୍ରଦ ଧାରରେ ଦୌଡ଼ିଥାଏ ପ୍ରତ୍ୟେକ ଥର ଦେଖିଥାଏ ଜଣେ ବୃଦ୍ଧା ମହିଳାଙ୍କୁ। ସେ ହ୍ରଦ କୂଳରେ ବସିଥାନ୍ତି। ତାଙ୍କ ନିକଟରେ ରଖିଥାନ୍ତି ଲୁହାର ପଞ୍ଜୁରିଟିଏ।

ଏ ସଂପର୍କରେ ମୁଁ ପୂର୍ବରୁ କୌଣସି ଧ୍ୟାନ ଦେଇନଥିଲି। ସେ ମହିଳା ଜଣକ କିଏ, ହ୍ରଦ କୂଳରେ କାହିଁକି ବସିଛନ୍ତି, ପାଖରେ ପଞ୍ଜୁରିଟିଏ ରଖିଛନ୍ତି କାହିଁକି ଏବଂ ସେଠାରେ ବସି ସେ କରୁଛନ୍ତି କଅଣ – ଏ ସବୁ ବିଷୟ କେବେ ବି ମୋ ଭାବନାକୁ ଆସିନଥିଲା। କିନ୍ତୁ ଗତ ରବିବାର ଦିନ ମୁଁ ତାଙ୍କ ବିଷୟରେ ଖୁବ କୌତୂହଳୀ ହୋଇ ଉଠିଲି। ମୁଁ ଦୌଡ଼ିବା ବନ୍ଦ କରିଦେଇ ଚାଲିଗଲି ତାଙ୍କ ନିକଟକୁ। ମୁଁ ତାଙ୍କ ପାଖାପାଖି ହୋଇଗଲା ପରେ ଲକ୍ଷ୍ୟ କଲି ଯେ ସେହି ଲୁହା ପଞ୍ଜୁରିଟି ପ୍ରକୃତରେ ହେଉଛି ଏକ ଯନ୍ତା। ଯନ୍ତା ଭିତରେ ତିନୋଟି କଇଁଚ। କଇଁଚ ତିନୋଟି ଯନ୍ତା ଭିତରେ ଧୀରେଧୀରେ ଏପଟସେପଟ ହେଉଥାନ୍ତି। ଚତୁର୍ଥ କଇଁଚଟି ଥାଏ ସେହି ମହିଳାଙ୍କ କୋଳ ଉପରେ। ସେ ଗୋଟିଏ ସ୍ପଞ୍ଜର ବ୍ରସଧରି ବଡ଼ ଯତ୍ନ ସହକାରେ କଇଁଚଟିର ପିଠିକୁ ଘସି ସଫା କରୁଥାନ୍ତି।

ମୁଁ ତାଙ୍କ ପାଖରେ ପହଞ୍ଚି ବଡ଼ କୋମଳ କଣ୍ଠରେ ପଚାରିଲି,"ମାଆ, ମୁଁ ତୁମକୁ ସବୁ ରବିବାର ସକାଳ ଏଇଠି ଦେଖିବା ପାଇଁ ପାଇଥାଏ। ମୁଁ ପଚାରୁଛି ବୋଲି ଦୟାକରି କିଛି ଭାବିବନି। ଏଇ କଇଁଚ ଗୁଡ଼ିକୁ ନେଇ ତୁମେ କଅଣ କରୁଚ ଏହା ଜାଣିବା ପାଇଁ ମୋର ବହୁତ ଇଚ୍ଛା। ଏହା ମୋତେ କହିବାର ତୁମର କ'ଣ କିଛି ଆପତ୍ତି ଅଛି ?"

ବୃଦ୍ଧା ମହିଳା ଜଣକ ଟିକିଏ ମୁରୁକିହସା ଦେଲେ। କହିଲେ, "ମୁଁ କଅଣ କରିଥାଏ, ତାହା କହିବାରେ ମୋର ଜମା ଆପତ୍ତି ନାହିଁ। ବୁଝିଲ ପୁଅ, ମୁଁ କଇଁଚ ଗୁଡ଼ିକୁ ଧରି ସେମାନଙ୍କ ପିଠି ବା ଖୋଳାପାର ଉପରଟାକୁ ବ୍ରସରେ ଘଷି ସଫା କରିଥାଏ। ତୁମେ ହୁଏତ ଜାଣି ନଥାଇ ପାର, କିନ୍ତୁ କଇଁଚର ପିଠି ଉପରେ ଜମି ରହିଥାଏ ଶିଉଳି, ଲାଖି ରହିଥାଏ ମଇଳା। ଏହା ଫଳରେ ସେମାନେ ସୂର୍ଯ୍ୟର ତାପକୁ ଶୋଷଣ କରିବାରେ ବାଧା ଉପୁଜେ। ଏହି କାରଣରୁ ସେମାନେ ଜଳରେ ଭଲରେ ପହଁରିପାରନ୍ତିନି। ଶିଉଳି ଓ ମଇଳା ଜମି କଇଁଚର ଖୋଳପାକୁ ଖଣ୍ଡିଆ କରିପକାନ୍ତି। ତେଣୁ କାଳକ୍ରମେ ଖୋଳପା କ୍ରମେ କ୍ରମେ ଦୁର୍ବଳ ହୋଇଆସେ।

"ସତରେ ? ଏ ସବୁ ବିଷୟ ତ ମୁଁ ଜମା ଜାଣିନଥିଲି। ତାହାହେଲେ ତ ତୁମେ ଖୁବ ଭଲ କାମଟିଏ କରିଚାଲିଛ ମାଆ ?"– ମୁଁ କହିଲି।

ବୃଦ୍ଧାଜଣକ ପୁଣି ଆରମ୍ଭକଲେ : "ବୁଝିଲ ପୁଅ, ମୁଁ ସବୁ ରବିବାର ସକାଳବେଳା ଏହି ହ୍ରଦକୂଳରେ ଦୁଇ ତିନିଘଣ୍ଟା ବିତେଇଥାଏ। ମୋର ଆରାମକୁ ଆରାମ ହୁଏ ତାହା ସାଙ୍ଗକୁ ଏଇ ଛୋଟ ଛୋଟ କଇଁଚଙ୍କର କିଛି କିଛି ଉପକାର କରିବା ଓ ସାହାଯ୍ୟ କରିବା ବି ହୋଇଯାଏ। କିଛି ଏକ ଭିନ୍ନ ଢ଼ଙ୍ଗରେ କାମ କରିବା ପାଇଁ ମୁଁ ଏହି ବିଚିତ୍ର ପନ୍ଥାଟି ବାଛି ନେଇଛି।"

"ହେଲେ ମାଆ, ମଧୁର ଜଳରେ ରହୁଥିବା ଅଧିକାଂଶ କଇଁଚ ତ ସେମାନଙ୍କ ଜୀବନସାରା ନିଜ ପିଠି ଉପରେ ଶିଉଳି ଓ ଧୂଳିମଳି ଇତ୍ୟାଦିକୁ ଧରି ଚାଲିଥାନ୍ତି ?"

"ହଁ ବଡ଼ ଦୁଃଖର କଥା ଯେ ଏହା ସତ"– ସେ ଉତ୍ତର ଦେଲେ।

ମୁଁ ଟିକିଏ ମୋ ମୁଣ୍ଡକୁ କୁଣ୍ଡେଇ କୁଣ୍ଡେଇ କହିଲି, "ମାଆମ , ତୁମେ ଯଦି କିଛି ନଭାବିବ ତେବେ ତୁମକୁ ଗୋଟିଏ କଥା ପଚାରିବି ?

"ହଁ ପଚାରୁନ ପୁଅ, ପଚାର"

"ଏମିତି କଇଁଚ ମାନଙ୍କ ପିଠି ସଫା କରିବା କାମରେ ନଲାଗି, ତୁମେ ତୁମ ସମୟକୁ ଅନ୍ୟ କିଛି ଭଲ କାମରେ କଅଣ ଲଗେଇ ପାରନ୍ତନି। ମୋର କହିବାର କଥା ହେଲା, ତୁମେ ଯାହା କରୁଛ, ତାହା କିଛି ଖରାପ କାମ ନୁହଁ। କିନ୍ତୁ ଏଇ ମଧୁର ଜଳରେ ରହୁଥିବା କଇଁଚ ଗୁଡ଼ିକତ କୋଟି କୋଟି ସଂଖ୍ୟାରେ ପୃଥିବୀରେ ଚାରିଆଡ଼େ ରହିଛନ୍ତି। ସେମାନଙ୍କ ଭିତରୁ କାଁ ଭାଁ ସିନା ତୁମ ଭଳି ଦୟାଳୁ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ପାଇଁ ନିଜ ନିଜର ଖୋଳପା ସଫା କରେଇନେବାରେ ସୁଯୋଗ ପାଇପାରୁଛନ୍ତି। ହେଲେ ବାକିତକ କଇଁଚଙ୍କ ଦଶା ? ମାଆମ, ମୋତେ ଦୟାକରି ଜମା ଭୁଲ ବୁଝିବନି। ତୁମଭଳି ଜଣେ ଅଧେ ଏଠି ସେଠି କଇଁଚଙ୍କ ପିଠି ଖୋଳାପାକୁ ସଫା କରିଦେଲେ ଏଥିରେ କି ଫରକ ପଡ଼ିବ ଅବା ? ତୁମର ଏଭଳି ଭିନ୍ନ ଢ଼ଙ୍ଗର କାମ ଦ୍ୱାରା ସତରେ କଅଣ କିଛି ଫରକ ପଡ଼ିବ ? କିହିଲ ମାଆ ?"

ମୋ କଥା ଶୁଣି ବୃଦ୍ଧ ମହିଳା ଜଣକ ଖିଲିଖିଲି କରି ହସି ଉଠିଲେ। ତା'ପରେ ସେ ତାଙ୍କ କୋଳରେ ରହିଥିବା କଇଁଚଟିକୁ ଚାହିଲେ। ତା' ପିଠି ଉପରେ ଲାଖିଥିବା ଅବଶିଷ୍ଟ ଶିଉଳିତକ ସଫାକରିଦେଇ ମୋତେ କହିଲେ, "ପୁଅରେ, ତୁମେ ଯଦି ଏଇ କଇଁଚଟିକୁ ପଚାରିପାରନ୍ତ ଓ ସେ ତୁମ ବୁଝିବା ଭାଷାରେ ତୁମକୁ ଉତ୍ତର ଦେଇପାରୁଥାନ୍ତା, ତେବେ ସେ କହନ୍ତା, "ହଁ, ଏଇ ବୁଢ଼ୀ ମାଆ ଜଣକ ଯାହା କରିଚାଲିଛନ୍ତି, ତାହା ନିଶ୍ଚିତ ଭାବରେ ଏକ ବିରଳ କାମ ଓ ତାଙ୍କ କାମଦ୍ୱାରା ଆମର ଖୁବ୍ ମଙ୍ଗଳ ହୋଇପାରୁଛି।"

"ବୁଝିଲ ପୁଅ। ସଂସାରରେ ଭିନ୍ନଭିନ୍ନ କାମର ସଂଖ୍ୟା ଗଣି କହି ହେବନି। ମନେ ରଖ ଯେ କୌଣସି କାମ ଛୋଟ ନୁହେଁ। ଛୋଟ କାମ ବୋଲି ଯାହାକୁ ଭାବୁଛ ତାହା ମଧ୍ୟ କାହାରି ନା କାହାରି ଉପକାର କରିପାରେ।

"ଅଭୀପ୍ସା',
ସେକ୍ଟର -୬, ପ୍ଲଟ ନଂ -୧୧୩୧
ଅଭିନବ ବିଡ଼ାନାସୀ , କଟକ - ୭୫୩୦୧୪



ଖଳ ଲୋକଙ୍କ ସହିତ ତୁମେ ବହୁକାଳ ରହିଲେ, ଦିନେ ତୁମେ ହୁଏତ ତାଙ୍କ ଶିକାର ହେବ କିମ୍ବା ଗୁରୁ ବୋଲି ମାନିଯିବ। – ଆଗା ପେ

# "ସଞ୍ଚିତାର୍ଥଃ ବିନଶ୍ୟତି"



ରମାକାନ୍ତ ମିଶ୍ର

"ସଞ୍ଚିତାର୍ଥଃ ବିନଶ୍ୟତି" ଏହା ଏକ ସଂସ୍କୃତ ଶ୍ଳୋକର ଚତୁର୍ଥପାଦ ଅଟେ। ଉକ୍ତ ଶ୍ଳୋକଟିର ରଚନା ପଛରେ ଏକସୁନ୍ଦର କାହାଣୀ ରହିଅଛି। ତାହା ନିମ୍ନରେ ପ୍ରକାଶ କରୁଅଛି।

ଏକାଦଶ ଶତାବ୍ଦୀର ଇତିହାସ ପ୍ରସିଦ୍ଧ ରାଜା ଭୋଜ ଜଣେ ବିଚକ୍ଷଣ ପଣ୍ଡିତ, ପ୍ରଜାନୁରଞ୍ଜନ, ଦାନଶୀଳ, ଶାସ୍ତ୍ରପ୍ରିୟ ଓ ପଣ୍ଡିତ ପ୍ରିୟ ଶାସକ ଥିଲେ। ରାଜା ପ୍ରତିଦିନ ଦୁଃଖୀ, ଦରିଦ୍ର, ବ୍ରାହ୍ମଣ, ବୈଷ୍ଣବ, କବି ତଥା ବିଦୂଷକମାନଙ୍କୁ ପ୍ରଚୁର ଅର୍ଥ ଦାନ କରୁଥିଲେ। ଏପରି ଗୁଣ ତାଙ୍କର କଳା, ସଂସ୍କୃତି, ସାହିତ୍ୟ, ପୁରାଣ ଓ ଦର୍ଶନାଦିର ପୋଷକତା ତଥା ବଦାନ୍ୟତାର ପରିଚୟ ଦିଏ।

ଏକଦା ମହାରାଜ ଭୋଜଙ୍କର ମନ୍ତ୍ରୀ ବିଚାର କଲେ ରାଜାଙ୍କର ଏପରି ଅକୁଣ୍ଠ ଦାନରେ ସ୍ୱଳ୍ପକାଳ ମଧ୍ୟରେ ରାଜକୋଷ ଶୂନ୍ୟ ହୋଇଯିବ। ରାଜ୍ୟର ଭବିଷ୍ୟତ ବିପଦ ପାଇଁ ଅର୍ଥ ସଞ୍ଚୟକରି ରଖିବା ଉଚିତ୍। କିନ୍ତୁ ସେ ଏକଥା ରାଜାଙ୍କୁ କହିବେ କିପରି ? ହୁଏତ ରାଜା କ୍ରୋଧ ପ୍ରକାଶ କରିପାରନ୍ତି କାରଣ ଏହା ତାଙ୍କ ସୁଶାସକତ୍ୱର ବିରୁଦ୍ଧାଚରଣ କରିବ। ତା'ପରେ ରାଜାତ ଅର୍ଥର ଅପବ୍ୟୟ କରୁନାହାନ୍ତି। ମହତ୍ ଉଦ୍ଦେଶ୍ୟରେ ଦାନ ପୁଣ୍ୟରେ ବ୍ୟୟ କରୁଛନ୍ତି।

ଏପରି ନିଜମନକୁ ବହୁତ ବୁଝାଇ ମନ୍ତ୍ରୀ ଶାନ୍ତହୋଇ ରହିପାରିଲେ ନାହିଁ। ସୁତରାଂ ସେ ରାଜାଙ୍କୁ ମୌଖିକ ଭାବରେ ନକହି ପରୋକ୍ଷ ଭାବରେ ସର୍ତକ କରାଇ ଦେବାକୁ ଚିନ୍ତା କଲେ। ସେ ଗୋଟେ ତାଳପତ୍ର ଆଣି ସେଥିରେ ଲେଖିଦେଲେ ଯେ "ଆପଦାର୍ଥେ ଧନଂ ରକ୍ଷେତ୍" ଅର୍ଥାତ୍ ବିପଦ ପାଇଁ ଧନ ସଞ୍ଚୟକରି ରଖିବା ଉଚିତ। ଏହା ଲେଖି ରାଜାଙ୍କ ବିଶ୍ରାମ ପଲଙ୍କ ପାଖରେ ରଖି ଦେଇ ଆସିଲେ। କିଛିସମୟ ପରେ ରାଜା ବିଶ୍ରାମକକ୍ଷକୁ ଆସି ଦେଖିଲେ ଗୋଟିଏ ତାଳପତ୍ରରେ ଲେଖା ଅଛି "ଆପଦାର୍ଥେ ଧନଂ ରକ୍ଷେତ୍" ଏହା କିଏ ଲେଖିଛି, ପୁଣି ମୋ ପଲଙ୍କ ପାଖରେ ପକାଇଛି, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ତହୁଁ ରାଜା ସେ ଶ୍ଳୋକ ପାଦଟିର ତଳେ ଉତ୍ତର ପାଦଟିଏ ଲେଖିଦେଲେ। ତାହା ହେଲା "ଶ୍ରୀମତାମାପଦଃକୁତଃ" ଅର୍ଥାତ ଲକ୍ଷ୍ମୀମାନ ମନୁଷ୍ୟର ବିପଦ ସମ୍ଭବ କିପରି ? ଏହା ଲେଖି ସେ ପତ୍ରଟିକୁ ପୂର୍ବ ସ୍ଥାନରେ ରଖିଦେଲେ।

କିଛି ସମୟପରେ ରାଜା ନଥିବା ସମୟରେ ମନ୍ତ୍ରୀ ପୁଣି ସେ କକ୍ଷକୁ ଆସି ଦେଖିଲେ ତାଙ୍କ ଲିଖିତ ଶ୍ଳୋକ ପାଦଟିର ଦ୍ୱିତୀୟ ପାଦଟିଏ ଲିଖିତ ଅଛି ଯେ "ଶ୍ରୀମତାମାପଦଃକୁତଃ"। ଏହା ପାଠକରି ମନ୍ତ୍ରୀ ବିସ୍ମିତ ହେଲେ ଏବଂ ତାର ଉତ୍ତର ସ୍ୱରୂପ ପୁଣି ରାଜାଙ୍କୁ ସତର୍କ କରାଇବା ପାଇଁ ତୃତୀୟପାଦ ଲେଖିଦେଲେ ଯେ "ବିନିର୍ଯାତିଯଦା ଲକ୍ଷ୍ମୀଃ" ଅର୍ଥାତ ଯେତେବେଳେ ଲକ୍ଷ୍ମୀ ଛାଡି ଚାଲିଯିବେ ସେତେବେଳେ କ'ଣ ହେବ ? ସେହିସ୍ଥାନରେ ପୁଣି ତାଳପତ୍ରଟିକୁ ରଖି ଚାଲିଆସିଲେ। ରାଜା ଯେତେବେଳେ ପୁଣି ସେ କକ୍ଷକୁ ଆସିଲେ ଦେଖିଲେ ପତ୍ରଟିରେ ତାଙ୍କର ଉତ୍ତର ତଳକୁ ତୃତୀୟ ପାଦଟିଏ ପ୍ରଶ୍ନସ୍ୱରୂପ ଲେଖାଅଛି। ତାହାହେଲା "ବିନିର୍ଯାତି ଯଦା ଲକ୍ଷ୍ମୀଃ" ରାଜା ତାହା ପାଠକରି ଅଧିକ ବିସ୍ମିତ ହେଲେ ଯେ କିଏ ଏପରି ତାଙ୍କ ସହିତ ବିଚାର ବୁଦ୍ଧିର ପ୍ରଶ୍ନୋତ୍ତର ଖେଳ ଖେଳୁଛି। ତହୁଁ ସେ ତୃତୀୟ ପାଦ ପ୍ରଶ୍ନର ଉତ୍ତର ଏପରି ରଖିଲେ ଯେ "ସଞ୍ଚିତାର୍ଥଃ ବିନଶ୍ୟତି" ଅର୍ଥାତ ଲକ୍ଷ୍ମୀ ଛାଡ଼ିଗଲେ ସଞ୍ଚିତ ଥିବା ଧନ ମଧ୍ୟ ନଷ୍ଟ ହୋଇଯିବ। ରାଜାଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ଆସି ଚତୁର୍ଥ ପାଦଟି ପଢ଼ିଲେ ଓ ରାଜାଙ୍କ ବିଚାରକୁ ପ୍ରଶଂସା କରି ନୀରବ ରହିଲେ ।

ଚାରୋଟି ପାଦରେ ଶ୍ଳୋକଟି ଏପରି ରୂପାୟିତ ହେଲା ଯେ

(ମନ୍ତ୍ରୀ) ଆପଦାର୍ଥେ ଧନଂ ରକ୍ଷେତ୍
(ରାଜା) ଶ୍ରୀମତାମାପଦଃକୁତଃ
(ମନ୍ତ୍ରୀ) ବିନିର୍ଯାତିଯଦା ଲକ୍ଷ୍ମୀଃ
(ରାଜା) ସଞ୍ଚିତାର୍ଥଃ ବିନଶ୍ୟତି

ଉକ୍ତ ଶ୍ଳୋକଟିର ବହୁ ଯଥାର୍ଥତା ରହିଅଛି। କାରଣ ଧନ ପଳାଇବାର ତିନୋଟି ବାଟ ରହିଅଛି ଯଥା- ଦାନ, ଭୋଗ ଓ ନାଶ। ଯେଉଁ ଧନ ଦାନ ବା ଭୋଗରେ ବ୍ୟୟିତ ନହୁଏ ତାହା ନିଶ୍ଚୟ ଧ୍ୱଂସ ହୋଇଯାଏ। ଅଧିକ କୃପଣତାରେ ସଞ୍ଚିତ ଧନ ଜଳ, ଅନଳ, ଚୌର୍ଯ୍ୟ, ଶତ୍ରୁଆକ୍ରମଣ ବା ରାଜଦଣ୍ଡ ଇତ୍ୟାଦିରେ ଚାଲିଯାଏ। ପୁନଶ୍ଚ ଲକ୍ଷ୍ମୀଛଡା ମନୁଷ୍ୟର ମଦ୍ୟପାନ, ଦ୍ୟୂତକ୍ରୀଡା, ବେଶ୍ୟାସଙ୍ଗ ଆଦି ଗୁଣ ଉଦୟ ହୁଏ ଓ ସେଥିରେ ସଞ୍ଚିତଧନ ମଧ୍ୟ ନଷ୍ଟ ହୋଇଯାଏ। ଅତଏବ ଅତି କୃପଣ ହୋଇ ବହୁଧନ ସଞ୍ଚୟ ଅନାବଶ୍ୟକ।

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ
ଜଟଣୀ
ମୋ - ୯୭୭୮୬୮୨୪୮୭



ଖାଦ୍ୟ, ବିଶ୍ରାମ ଓ ଚିତ୍ତପ୍ରଫୁଲ୍ଲତା - ଏହି ତିନିବୈଦ୍ୟଙ୍କର ଅନୁଗ୍ରହ ହେଲେ ତୁମେ ସୁସ୍ଥ ରହିପାରିବ। - ଟିବେରି ଅସ୍

# ଦିଲିପ ତିର୍କୀ ଏବେ ହକି ଇଣ୍ଡିଆର ଅଧ୍ୟକ୍ଷ



**ଆଶିଷ କୁମାର ରାୟ**



ଦିଲିପ ତିର୍କୀ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ। ସେ ଯେ ଆମ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ହକିଜଗତର ଜଣେ ସୁନାମଧନ୍ୟ ରକ୍ଷଣଭାଗ ଖେଳାଳି ଭାବେ ତାଙ୍କର ପ୍ରସିଦ୍ଧି ସର୍ବଜନବିଦିତ। କେବଳ ହକି ଖେଳ କାହିଁକି, ଅନ୍ୟ ସମସ୍ତ ଖେଳର ଆନ୍ତର୍ଜାତିକ ସଫଳତାର ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଶାର ଅନ୍ୟ କୌଣସି ଖେଳାଳି ତାଙ୍କ ସମକକ୍ଷ ନୁହନ୍ତି। ନିଜ କ୍ରୀଡ଼ା ଜୀବନରେ ଅନେକ କୃତିତ୍ୱ ହାସଲ କରିଥିବା ଏହି ଦିଲିପ ତିର୍କୀ ଏବେ ନିକଟରେ ଆଉ ଏକ ସଫଳତା ଲାଭ କରି ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି। ଗତ ସେପ୍ଟେମ୍ବର ୨୩ ତାରିଖ ଦିନ ସେ ହକି ଇଣ୍ଡିଆର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଛନ୍ତି। ଆମ ଦେଶରେ ହକି ଖେଳକୁ ପରିଚାଳନା କରୁଥିବା ଏହି ସଂସ୍ଥାର ନିର୍ବାଚନରେ ଦିଲିପ ତିର୍କୀ ବିନା ପ୍ରତିଦ୍ୱନ୍ଦିତାରେ ଏହାର ଅଧ୍ୟକ୍ଷ ପଦ ପାଇଁ ମନୋନୀତ ହୋଇଛନ୍ତି।

୨୫ ନଭେମ୍ବର ୧୯୭୭ରେ ପିତା ଭିନସେଣ୍ଟ ତିର୍କୀ ଓ ମାତା ରେଜିନାଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିବା ଦିଲିପ ଥିଲେ ନୈସର୍ଗିକ ପ୍ରତିଭାର ଅଧିକାରୀ। ବଣପାହାଡ଼ ଘେରା ସୁନ୍ଦରଗଡ଼ ଜିଲ୍ଲାର ସଉନାମାରା ନାମକ ଏକ ଅଖ୍ୟାତ ପଲ୍ଲୀରେ ଜନ୍ମଗ୍ରହଣ କରିଥିବା ଏହି ପ୍ରତିଭାସମ୍ପନ୍ନ ବାଳକର ହକି ଖେଳ ପ୍ରତି ନିଷ୍ଠା ଓ କଠିନ ପରିଶ୍ରମ ତାଙ୍କୁ ପ୍ରସିଦ୍ଧିର ଶିଖରରେ ପହଁଚାଇ ଦେଲା। ସଉନାମାରରୁ ସୁନ୍ଦରଗଡ଼ର କ୍ରୀଡ଼ା ଛାତ୍ରାବାସ, ନେହେରୁ ହକି ପ୍ରତିଯୋଗିତା, ତା'ପରେ ଓଡ଼ିଶା ଜୁନିଅର ଦଳର ସଦସ୍ୟତା ଏସବୁ ଖୁବ କମ ସମୟ ମଧ୍ୟରେ ଘଟିଗଲା। ଏହାପରେ ୧୯୯୪ରେ ଭାରତୀୟ ଜୁନିଅର ଦଳରେ ସାମିଲ ହେବାପରେ ୧୯୯୫ରେ ଦିଲ୍ଲୀରେ ଅନୁଷ୍ଠିତ ଇନ୍ଦିରା ଗାନ୍ଧୀ ସ୍ୱର୍ଣ୍ଣକପ ହକି ପ୍ରତିଯୋଗିତା ଅବସରରେ ପ୍ରଥମଥର ସକାଶେ ଦିଲିପ ଜାତୀୟ ସିନିଅର ଦଳର ସଦସ୍ୟ ହେବାର ସୁଯୋଗ ପାଇଲେ। ରକ୍ଷଣ ଭାଗର ଖେଳାଳି ଭାବେ ତାଙ୍କର ଚମତ୍କାରିତା ଯୋଗୁଁ କ୍ରୀଡ଼ା ଜୀବନର ପ୍ରାରମ୍ଭରେ ହିଁ ଭାରତୀୟ ହକି ଦଳର ନିୟମିତ ସଦସ୍ୟ ବନିଗଲେ ସେ।

୧୯୯୬ର ଆଟଲାଣ୍ଟା ଅଲିମ୍ପିକ୍ ସକାଶେ ଦିଲିପଙ୍କୁ ଯେତେବେଳେ ଭାରତୀୟ ଦଳରେ ନିଆଗଲା ସେତେବେଳେ ତାଙ୍କ ବୟସ ଥିଲା ୧୮ବର୍ଷ ୮ମାସ। ବିଶ୍ୱର କ୍ରୀଡ଼ା ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିବା ଦିଗରେ ସେ ଥିଲେ ଓଡ଼ିଶାର ପ୍ରଥମ କ୍ରୀଡ଼ାବିତ। ଏହାପରେ ୧୯୯୭ରେ ଇଂଲାଣ୍ଡରେ ଅନୁଷ୍ଠିତ ଜୁନିଅର ବିଶ୍ୱକପରେ ସେ ଅନ୍ୟ ଜଣେ ଓଡ଼ିଆ ତାରକା ଲାଜରୁସ୍ ବାର୍ଲାଙ୍କ ସହିତ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ଭାରତ ରୌପ୍ୟପଦକ ବିଜୟୀ ହୋଇଥିଲା। ନେଦରଲାଣ୍ଡସ୍‌ର ୟୁଟ୍ରେକ୍ଟରେ ଆୟୋଜିତ ୧୯୯୮ର ସିନିଅର ହକି ବିଶ୍ୱକପ, ୧୯୯୮ର ବ୍ୟାଙ୍କକ ଏସିଆଡ୍ ତଥା ୨୦୦୦ ମସିହାର ସିଡନୀ ଅଲିମ୍ପିକ୍‌ରେ ମଧ୍ୟ ଦିଲିପ ଓ ଲାଜରୁସ୍‌ଙ୍କ ଯୋଡ଼ୀ ଦଳର ରକ୍ଷଣଭାଗକୁ ସମ୍ଭାଳିଥିଲେ। ଦିଲିପଙ୍କ ପଦାଙ୍କ ଅନୁସରଣ କରି ପରବର୍ତ୍ତୀ ସମୟରେ ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ, ୱିଲିୟମ ଖାଲକୋ, ରୋଷନ ମିଞ୍ଜ, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ, ଶିଲାନନ୍ଦ ଲାକ୍ରା, ନୀଲମ ସଂଜୀପ୍ ଖେସ୍ ଆଦି ମଧ୍ୟ ଭାରତ ପାଇଁ ଖେଳିବାର ଗୌରବ ହାସଲ କରିଛନ୍ତି। ସେହିଭଳି ଭାରତୀୟ ମହିଳା ଦଳ ପାଇଁ ଖେଳିଥିବା ସୁଭଦ୍ରା ପ୍ରଧାନ, ବିନୀତା ଟୋପ୍ପୋ, ନମିତା ଟୋପ୍ପୋ, ମୁକ୍ତାପ୍ରଭା ବାର୍ଲା, ଲିଲିମା ମିଞ୍ଜ, ଦୀପଗ୍ରେସ ଏକ୍କା, ସୁନିତା ଲାକ୍ରା ଆଦି ମଧ୍ୟ ଦିଲିପ ତିର୍କୀଙ୍କୁ ନିଜର ଆଦର୍ଶ ମାନନ୍ତି।

ଦିଲିପ ତିର୍କୀ ଯେ ଓଡ଼ିଶାର ପ୍ରଥମ ଅଲିମ୍ପିଆନ୍ ତାହା ନୁହେଁ, ଜାତୀୟ ସିନିଅର ଦଳର ଅଧିନାୟକତ୍ୱ କରିବାରେ ସେ ମଧ୍ୟ ପ୍ରଥମ ଓଡ଼ିଆ। ଏତଦ୍‌ବ୍ୟତୀତ ତିନିଟି ଅଲିମ୍ପିକ, ତିନିଟି ବିଶ୍ୱକପ୍ ତଥା ତିନିଟି ଏସିଆଡ୍‌ରେ ପ୍ରତିନିଧିତ୍ୱ କରିବାରେ ସେ ମଧ୍ୟ ହେଉଛନ୍ତି ଏକମାତ୍ର ଆଦିବାସୀ ଖେଳାଳି। ୧୯୯୮ର ଏସିଆଡ୍‌ରେ ସ୍ୱର୍ଣ୍ଣ, ୨୦୦୩ ଏବଂ ୨୦୦୭ର ଏସିଆ କପ ହକିରେ ସ୍ୱର୍ଣ୍ଣ ତଥା ୨୦୦୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଆଫ୍ରୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ହାସଲ କରିବା ଦିଲିପଙ୍କ ଖେଳାଳି ଜୀବନର ପ୍ରମୁଖ ସଫଳତା। ୨୦୦୩ର ଆଫ୍ରୋ ଏସୀୟ କ୍ରୀଡ଼ା ଓ ୨୦୦୨ର ବୁସାନ୍ ଏସିଆଡରେ ରୌପ୍ୟପଦକ ବିଜୟୀ ଦଳର ସେ ଥିଲେ ଅଧିନାୟକ।



ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ, ବହୁ ଝଡ଼ ଝଞ୍ଜା ପଥ ଦେଇ ଗତି କରିବାକୁ ହେବ। – ଷ୍ଟର୍ଣ୍ଣ

ଏତଦ୍‌ବ୍ୟତୀତ ୨୦୦୨ରେ ଜର୍ମାନୀର କୋଲୋନ୍‌ଠାରେ ଅନୁଷ୍ଠିତ ଚାମ୍ପିଆନ୍ସ ଟ୍ରଫି, ୨୦୦୪ରେ ପାକିସ୍ତାନର ଲାହୋରରେ ଅନୁଷ୍ଠିତ ଚାମ୍ପିଆନ୍ସ ଟ୍ରଫି ଏବଂ ୨୦୦୪ର ଏଥେନ୍ସ ଅଲିମ୍ପିକ୍ ତଥା ଅନ୍ୟ



କେତେକ ମ୍ୟାଚରେ ମଧ୍ୟ ଦିଲିପ ତିର୍କୀ ଅଧିନାୟକ ଦାୟିତ୍ୱ ବହନ କରିଥିଲେ। ୨ ମେ ୨୦୧୦ରେ ଜଣେ ଖେଳାଳି ଭାବେ କ୍ରୀଡ଼ାଜଗତରୁ ଅବସର ଘୋଷଣା ପୂର୍ବରୁ ଦିଲିପ ତିର୍କୀ ଦେଶ ପାଇଁ ୪୧୨ଟି ମ୍ୟାଚରେ ଅଂଶଗ୍ରହଣ କରିସାରିଥିଲେ, ଯାହାକି ସେ ସମୟରେ ଥିଲା ସର୍ବାଧିକ ଆନ୍ତର୍ଜାତିକ ମ୍ୟାଚର ବିଶ୍ୱରେକର୍ଡ। ପରବର୍ତ୍ତୀ ସମୟରେ ଏହି ରେକର୍ଡକୁ ନେଦରଲାଣ୍ଡର୍ ଟିଉନ୍ ଡି ନୁୟର ଏବଂ ଇଂଲାଣ୍ଡର ବ୍ୟାରୀ ମିଡିଲ୍‌ଟନ୍ ଅତିକ୍ରମ କରିଯାଇଥିଲେ ହେଁ ଏହା ଏବେବି ଭାରତୀୟ ରେକର୍ଡ ହୋଇରହିଛି। କ୍ରୀଡ଼ା କ୍ଷେତ୍ରରେ ନିଜର ଅସାଧାରଣ ଯୋଗଦାନ ସକାଶେ ଦିଲିପ ତିର୍କୀ ଅନେକ ପୁରସ୍କାର ଓ ସମ୍ମାନର ମଧ୍ୟ ଅଧିକାରୀ ହୋଇଛନ୍ତି। ଇମ୍ଫା ପକ୍ଷରୁ ୧୯୯୬ରେ ଏକଲବ୍ୟ ପୁରସ୍କାର ତଥା ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୦୪ରେ ତାଙ୍କୁ ବିଜୁ ପଟନାୟକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୨୦୦୨ରେ ଦେଶର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ଅର୍ଜୁନ ପୁରସ୍କାର ତଥା ୨୦୦୪ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନ ତାଙ୍କୁ ମିଳିଛି। ୨୦୧୧ରେ ମଧ୍ୟ ଦିଲିପଙ୍କୁ ମିଳିଛି ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ। ଏଥି ସହିତ ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ମଧ୍ୟ ରାଜ୍ୟସଭାର ସଦସ୍ୟ ପଦ ଅଳଙ୍କୃତ କରିଛନ୍ତି।

କିଛିବର୍ଷ ଧରି ଭାରତୀୟ ହକି ଦଳ ପ୍ରତି ଓଡ଼ିଶା ସରକାର ବହୁମୂଲ୍ୟ ଅବଦାନ ଦେଇଆସୁଛନ୍ତି। ଭୁବନେଶ୍ୱରରେ ବିଶ୍ୱକପ ସମେତ ଅନ୍ୟାନ୍ୟ ଆନ୍ତର୍ଜାତିକ ହକି ପ୍ରତିଯୋଗିତା ଆୟୋଜନ କରିବା ସହିତ ଭାରତୀୟ ଦଳର ପ୍ରୟୋଜକ ମଧ୍ୟ ରହିଛନ୍ତି। ଆଉ ଏବେ ୨୦୨୩ ଜାନୁଆରୀ-ଫେବ୍ରୁଆରୀରେ ଓଡ଼ିଶା ମାଟିରେ ପୁଣି ଏକ ବିଶ୍ୱକପ ଭୁବନେଶ୍ୱର ସହିତ ରାଉରକେଲାରେ ମଧ୍ୟ ଆୟୋଜିତ ହେବ। ଏ ସମସ୍ତ ଘଟଣାରେ ଦିଲିପ ତିର୍କୀଙ୍କର ପ୍ରଚ୍ଛନ୍ନ ଉଦ୍ୟମ ନିଶ୍ଚିତ ଭାବେ ରହିଛି। ତାହାର ପୁରସ୍କାର ସ୍ୱରୂପ ପ୍ରଥମ ପୂର୍ବତନ ଖେଳାଳି ଭାବେ ତାଙ୍କୁ ହକି ଇଣ୍ଡିଆର ଅଧ୍ୟକ୍ଷ ପଦ ମିଳିଛି। ଦେଖିବାକୁ ଗଲେ ଦୀର୍ଘ ୧୬/୧୭ ବର୍ଷ ଧରି ଖେଳାଳି ଭାବେ ଓଡ଼ିଶା ତଥା ଭାରତୀୟ ହକିର ନିଷ୍ପାପର ସେବା କରିଥିବା ଦିଲିପ ତିର୍କୀ ଏହି କିଛିବର୍ଷ ହେଲା ଓଡ଼ିଶା ହକି ପ୍ରମୋସନ୍ କାଉନସିଲ୍‌ର ଚେୟାରମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ। ଆଉ ଏବେ ଭାରତୀୟ ହକିକୁ ପୁନର୍ବାର ବିଶ୍ୱର ଅପ୍ରତିଦ୍ୱନ୍ଦୀ ଶକ୍ତିରେ ପରିଣତ କରିବାର ଗୁରୁଦାୟିତ୍ୱ ତାଙ୍କରି ଉପରେ ନ୍ୟସ୍ତ ହୋଇଛି।

ମୋ -୯୪୩୭୬୨୭୫୧୪

# ବାପା



ଭକ୍ତିଲତା ସାହୁ

ବାପା ତୁମେ କେତେ ଯେ ମହାନ...୨
ତୁମେ ପରା ମୋ ହୃଦୟର ଚଳନ୍ତି ଦେବତା
କେତେ କଷ୍ଟ ସହି ତୁମେ ମୋତେ କରିଛ ମଣିଷ
ତୁମରି ତ୍ୟାଗର କିଛି ରଖିପାରେ ମାନ
ତୁମେ ପରା ମୋ ଜୀବନର ପ୍ରଥମ ପରିଚୟ।
ବାପା ତୁମେ କେତେ ଯେ ମହାନ୍ ....୨
ତୁମରି ଆଶିଷ ଥିବାଯାଏ ମୋର ନଇଁବନି ମଥା
ତୁମେ ମୋର ପାଶେ ଥିଲେ ମିଳିଯାଏ ମୋତେ ଶତ ହସ୍ତୀର ବଳ।
ସାଥିରେ ରହି ମୋର ଠିକ୍ ରାସ୍ତାରେ ବାଟ ଦେଖାଅ।
ଯେଉଁଠି ଥିବ ଖାଲି ନ୍ୟାୟ ଆଉ ନ୍ୟାୟ।
ବାପା ତୁମେ କେତେ ଯେ ମହାନ୍ ....୨
ତୁମେ ଥାଉ ଥାଉ ମୋର ପାଦ ହୁଏକି ଟଳମଳ
ଆମରି ସୁଖ ପାଇଁ ତୁମେ କର କେତେ ଯେ ପରିଶ୍ରମ।
ଭୁଲିଯାଅ ନିଜ ଜୀବନର ସୁଖ ଆଉ ବିଶ୍ୱାସ
ତୁମ ସମ୍ମାନ ପାଇଁ ମୁଁ ନିଜକୁ କରିବି ଉତ୍ସର୍ଗ।
ବାପା ତୁମେ କେତେ ଯେ ମହାନ୍ ....୨

ରଘୁନାଥପୁର, ଭୁବନେଶ୍ୱର
ମୋ - ୭୦୦୮୪୭୫୬୫୯

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ବିଶ୍ୱ ହୃଦୟ ଦିବସ –** ଆଜି ସମଗ୍ର ବିଶ୍ୱରେ ମୃତ୍ୟୁସଂଖ୍ୟାର ଏକ ସିଂହଭାଗ ହୃଦରୋଗ, ହୃଦଘାତ ଯୋଗୁଁ ହେଉଛି । ତେଣୁ ଜନତାଙ୍କୁ ସଜାଗ ଓ ସଚେତନ ରଖିବାକୁ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟ ହେଉଛି ପ୍ରତ୍ୟେକ ହୃଦୟ ପାଇଁ ହୃତପିଣ୍ଡକୁ ବ୍ୟବହାର କର ।

ଜୀବନ ଓ ମୃତ୍ୟୁକୁ ସୂଚୀତ କରୁଥିବା ସୂକ୍ଷ୍ମ ଅଙ୍ଗଟି ହେଲା ଆମ ହୃତପିଣ୍ଡ । ଏହାର ସ୍ପନ୍ଦନ ଯେତିକି ଆନନ୍ଦ ଯୋଗାଏ ସେତିକି ଭୟଭୀତ କରେ । ଆସନ୍ତୁ ଏହାକୁ ସୁସ୍ଥ ଓ ନିରାପଦ ରଖିବାର କିଛି ଉପାୟ ସଂପର୍କରେ ଆଲୋଚନା କରିବା । ଯଦି ଛାତିରେ ଯନ୍ତ୍ରଣା ଅନୁଭୁତ ହୁଏ ଆମେ ଅନେକ ସମୟରେ ଭାବୁ ଏହା ଏସିଡ ଯୋଗୁଁ ହୋଇ ଥାଇପାରେ ଏବଂ କିଛି ସମୟ ପରେ ଏହା ପ୍ରଶମିତ ହୋଇଯିବ । କିନ୍ତୁ ସବୁ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ଯଦି ନିଃଶ୍ୱାସର ବେଗ କମିଯିବାବେଳେ ଯନ୍ତ୍ରଣା ବଢେ ଏବଂ ଏହା କିଛି ମିନିଟ ପାଇଁ ଲାଗି ରହେ, କି ଚାଲିଲେ କିମ୍ବା ପାହାଚ ଚଢିଲେ କିମ୍ବା ଅନ୍ୟ କୌଣସି ଦୈହିକ ପରିଶ୍ରମ ଦ୍ୱାରା ଯଦି ଏହି ଯନ୍ତ୍ରଣା ବଢିଚାଲେ ତେବେ ତତ୍‌କ୍ଷଣାତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ଅଟେ । ତେବେ ଏହା ହୁଏ କାହିଁକି ?




ଆମ ହୃତପିଣ୍ଡକୁ କରୋନାରୀ ଆର୍ଟେରୀ ନାମକ ରକ୍ତବାହୀ ନଳୀ ଦ୍ୱାରା ରକ୍ତ ଯୋଗାଣ ହୋଇଥାଏ । ଯଦି କୌଣସି କାରଣ ବଶତଃ ଏହା ମଧ୍ୟରେ ପ୍ଲେକ ସୃଷ୍ଟି ଯୋଗୁଁ ଅବରୁଦ୍ଧ ହୋଇଯାଏ ତେବେ ହୃତପିଣ୍ଡର ସେହି ଅଂଶ ସ୍ୱାଭାବିକ ରୂପେ କାର୍ଯ୍ୟ କରି ନପାରି ସ୍ଥାଣୁ ହୋଇଯାଏ । ବେଳେବେଳେ ଏହି ପ୍ଲେକ ଗୁଡିକ ଫାଟିଯାଇ ହୃତପିଣ୍ଡ ମଧ୍ୟରେ ଜମାଟ ବାନ୍ଧି ଯିବାରୁ ହାର୍ଟ ଏଟେକ୍ ହୋଇଥାଏ । ପ୍ଲେକ ଜମିଯାଇ ଅବରୋଧ ସୃଷ୍ଟି ହେବାକୁ କରୋନାରି ଆର୍ଟେରୀ ଡିଜିଜ ବୋଲି କୁହାଯାଏ । ଏଥିରୁ ମୁକ୍ତି ପାଇବା ଉପାୟକୁ ଥେରାପିଉଟିକ ଲାଇଫ ଷ୍ଟାଇଲ ଚେଞ୍ଜେସ ବା ଟିଏଲସି କୁହାଯାଏ । ଧୂମପାନ, ଅନ୍ୟ ନିଶା ସେବନ, ଶରୀରର ଓଜନ ବୃଦ୍ଧି, ମେଦବୃଦ୍ଧି, ଅସ୍ୱାସ୍ଥ୍ୟକର ଖାଦ୍ୟ ସେବନ, ଆଳସ୍ୟପର୍ଣ୍ଣ ଜୀବନଯାପନ, ଉଚ୍ଚ ରକ୍ତଚାପ ଓ ଡାଇବେଟିସକୁ ନିୟନ୍ତ୍ରଣରେ ନ ରଖାଯିବା ହୃଦଘାତ ସମ୍ଭାବନାକୁ ବଢାଇଥାଏ । କିନ୍ତୁ ହାର୍ଟ ଆଟାକ ସବୁବେଳେ ଯେ ଯନ୍ତ୍ରଣାଦାୟକ ତା ନୁହଁ, ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ମହିଳା, ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ବିନା ଯନ୍ତ୍ରଣାରେ ବି ହୃଦଘାତ ହୋଇଥାଏ । ଏପରି ରୋଗୀ ସାଧାରଣତଃ ଅଜ୍ଞତାବଶତଃ ହସପିଟାଲ ଯାଆନ୍ତି ନାହିଁ ।

କିନ୍ତୁ ଏଠାରେ ମନେ ରଖିବା ଉଚିତ ଯେ ଯଦି ଛାତିର ମଧ୍ୟଭାଗରେ ଯନ୍ତ୍ରଣା, ଚାପ କିମ୍ବା ଅସ୍ୱସ୍ତିକର ଅନୁଭୂତି ପାଆନ୍ତି କିମ୍ବା କାନ୍ଧ, ହାତ, ପିଠି, ବେକ, ଦାନ୍ତମାଢି ରେ ଦରଜ ଅନୁଭୂତ ହୁଏ, ନିଶ୍ୱାସର ବେଗ କମିଯାଏ, ବାନ୍ତି ଲାଗେ, ଛାତିରେ ଜ୍ୱଳନ ଅନୁଭବ ହୁଏ, ପ୍ରଚୁର ଝାଳ ବୁହେ କିମ୍ବା ଅଧିକ ଥଣ୍ଡା ଲାଗେ, ହୃତସ୍ପନ୍ଦନର ଗତି ଅସନ୍ତୁଳିତ ରହେ, ମୁଣ୍ଡ ବୁଲାଏ, ଭାରି ଭାରି ଲାଗେ କିମ୍ବା ଅଚେତ ହୋଇ ଯାଇଥିଲେ ବ୍ୟକ୍ତି ଜଣକ ହୃଦଘାତର ଶୀକାର ହୋଇଛନ୍ତି ବୋଲି ଜାଣିବେ । ଏହି ଲକ୍ଷଣ ଗୁଡିକ ଆସୁଥାଏ ଓ ଚାଲି ଯାଉଥାଏ । ଯଦି ଏପରି ହୁଏ ତେବେ ନିଜେ ହସପିଟାଲ ନଯାଇ ଆମ୍ବୁଲାନ୍ସର ସହାୟତା ନିଅନ୍ତୁ ।

ଏହାର ଚିକିତ୍ସା ପାଇଁ ଡାକ୍ତର ପ୍ରଥମେ ରକ୍ତକୁ ପତଳା କରୁଥିବା ଔଷଧ ଦିଅନ୍ତି ଯଦ୍ୱାରା ରକ୍ତ ଜମାଟ ବାନ୍ଧି ପାରେ ନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଟି ଉପାୟରେ ଔଷଧ ଦେଇ କିମ୍ବା ଆଞ୍ଜିଓଗ୍ରାଫୀ ଓ ଷ୍ଟେଂଟିଙ୍ଗ କରି ଅବରୁଦ୍ଧ ଆର୍ଟେରୀକୁ କାର୍ଯ୍ୟକ୍ଷମ କରାଯାଏ । ଏଥିପାଇଁ ୩ ରୁ ୫ ଦିନ ପର୍ଯ୍ୟନ୍ତ ହସପିଟାଲରେ ରହିବାକୁ ପଡିପାରେ ।

ଥରେ ହୃଦଘାତ ହେଲାପରେ ଏହାର ଯେପରି ପୁନରାବୃତି ନହୁଏ ସେଥିପାଇଁ ପ୍ରତ୍ୟେକ ଦିନ ଡାକ୍ତର ଦେଇଥିବା ଔଷଧକୁ ବ୍ୟବହାର କରନ୍ତୁ । ଯଦି ଅର୍ଥାଭାବ କିମ୍ବା ଔଷଧର ପାର୍ଶ୍ୱପ୍ରତିକ୍ରିୟା ଲକ୍ଷ୍ୟ କରନ୍ତି ତେବେ ଡାକ୍ତରଙ୍କୁ ପରାମର୍ଶ କରି ବିକଳ୍ପ ବ୍ୟବସ୍ଥା ଆପଣାନ୍ତୁ ।

ନିଜ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣି ଭଜା, ଅତ୍ୟଧିକ ତେଲ ମସଲା, ମଇଦାରେ ପ୍ରସ୍ତୁତ ଖାଦ୍ୟ କିମ୍ବା ଡବାବନ୍ଦ ଖାଦ୍ୟଠୁ



ଖାଲି ପେଟରେ କେହି ଜଣେ ଦେଶପ୍ରେମୀ କିମ୍ବା ଜନସେବକ ହୋଇ ନାହିଁ କି ହୋଇପାରିବ ନାହିଁ । – ବ୍ରାନ୍

ଦୂରରେ ରହନ୍ତୁ । ତନ୍ତୁଯୁକ୍ତ ଖାଦ୍ୟ ସହ ତଟକା ଫଳମୂଳ ଓ ପନିପରିବା ଖାଆନ୍ତୁ । ଶରୀରର ଓଜନ ବୃଦ୍ଧି ଜାରି ରହିଲେ ୨ୟ କିମ୍ବା ୩ୟ ଷ୍ଟ୍ରୋକର ସମ୍ଭାବନା ରହିଥାଏ । ସପ୍ତାହକୁ ଅତି କମରେ ୧୫୦ ମିନିଟର ଦୈହିକ ପରିଶ୍ରମ ଯଥା ଚାଲିବା, ବଗିଚା କାମ କରିବା ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ । ଅତ୍ୟଧିକ ଉତ୍କଂଠିତ, ଆବେଗପୂର୍ଣ କିମ୍ବା ଅବସାଦଠୁ ନିଜକୁ ବଂଚାଇ ରଖନ୍ତୁ । ଯଦି ନିଜେ ଏହାକୁ ନିୟନ୍ତ୍ରଣ କରି ପାରୁ ନାହାନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସାଧାରଣତଃ ହୃଦଘାତର ଶୀକାର ହେଲାପରେ ଆମେ ଯାନବାହାନ ଚଳାଇବା, ଅଫିସ ଯିବାପାଇଁ ବ୍ୟଗ୍ର ହୋଇଉଠୁ କିନ୍ତୁ ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତୁ । ଏହି କାର୍ଯ୍ୟାରମ୍ଭ ୨-୩ ସପ୍ତାହ ପରେ କଲେ ଭଲ । ହୃଦଘାତ ଭୋଗିଥିବା ସବୁ ରୋଗୀ ଜୀବନସାରା ଔଷଧ ନେବା ଦରକାର ତାସହିତ ହଠାତ ମୃତ୍ୟୁ ମୁଖରେ ନ ପଡିବାକୁ କେତେକ ଇମ୍ପ୍ଲାଂଟେସନ ଯଥା ଆଇସିଡି ବା ଇମ୍ପ୍ଲାଂଟେବୁଲ କାଡିଓଭର୍ଟର ଡିଫାଇବ୍ରିଲେଟର ଲଗାଇବାକୁ ପଡିଥାଏ ।

**ସେକୁକିନୁମାବ୍** (**Secukinumab**) — ଏହା ଏପରି ଏକ ଯାଦୁକରୀ ଶବ୍ଦ ଯାହାକୁ ଜଣେ ଶିଶୁରୋଗ ବିଶେଷଜ୍ଞ କୌଣସି ଶିଶୁର ଆଂଠୁଗଂଠି ଯନ୍ତ୍ରଣାର ଚିକିତ୍ସା ସମୟେ ଶପଥ ରୂପେ ଉଚ୍ଚାରଣ କରିଥାନ୍ତି । ଏପରି ଏକ ଯନ୍ତ୍ରଣା ରହିଛି ଯାହାକୁ ଅଟୋ ଇମ୍ୟୁନ ଡିଜଅର୍ଡର ଶ୍ରେଣୀଭୁକ୍ତ କରାଯାଏ ତାକୁ ଇଆରଏ ବା ଏନ୍ଥେସାଇଟିସ ରିଲେଟେଡ ଆର୍ଥ୍ରାଇଟିସ କୁହାଯାଏ । ଏହି ରୋଗରେ ନିଜ ଶରୀରର କୋଷଗୁଡିକ ହଠାତ ବାଉଳା ହେଲା ପରି ସେହି ସମାନ ଶରୀରର ସଂଯୋଜକ ତନ୍ତୁ, ସନ୍ଧି ସ୍ଥଳରେ ଥିବା ଟେଣ୍ଡନ ଓ ଏନ୍ଥସିସ ପରି ଅନ୍ୟ କୋଷିକା ଗୁଡିକୁ ଆକ୍ରମଣ କରିଥାନ୍ତି । ତଦ୍ଵାରା ପ୍ରଭାବିତ ସ୍ଥାନଟି ଲାଲ ପଡି ଫୁଲିଯାଏ ଓ ଯନ୍ତ୍ରଣା ଦେଇଥାଏ ।



କାଳକ୍ରମେ ଏହି ଅଂଶଟି ଟାଣ ହୋଇଯାଇ ଚଳାଚଳ କରି ପାରେ ନାହିଁ । ୨ ବର୍ଷରୁ ଅଧିକ ବୟସର ଶିଶୁଙ୍କ ପାଇଁ ଆମେରିକାର 'ଫୁଡ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ' ସେକୁକିନୁମାବ୍ ନାମକ ଔଷଧର ବ୍ୟବହାରକୁ ସ୍ଵୀକୃତି ପ୍ରଦାନ କରିଛନ୍ତି । ଏହା ଏକ ମନୋକ୍ଲୋନାଲ ଆଂଟିବଡି ଯାହାକୁ ମନୁଷ୍ୟ ଶରୀରର ଏକ ପ୍ରକାର ଶ୍ଵେତ ରକ୍ତ କଣିକାର କ୍ଲୋନିଙ୍ଗ ଦ୍ଵାରା ପ୍ରସ୍ତୁତ କରାଯାଏ । ଏହି ଔଷଧର ବ୍ୟବହାର କଲେ ଏହି ଆଂଟିବଡିଟି ବାଛିବାଛି ଜ୍ଵଳନକ୍ଷମ କୋଷ ଗୁଡିକୁ ପ୍ରଶମିତ କରିଦିଏ । ଏହାର ଉପକାରିତା ଏହି ଯେ ଏହା ନିର୍ଦ୍ଧିଷ୍ଟଭାବେ ପ୍ରଭାବିତ କୋଷମାନଙ୍କୁ ନଷ୍ଟ କରେ ଏବଂ ସୁସ୍ଥ କୋଷ ଗୁଡିକୁ ସତେଜ ରଖେ । ଏହାକୁ ଇଞ୍ଜେକ୍ସନ ଆକାରରେ ମାସକରେ ଥରେ ଦିଆଯାଏ ଯାହାକୁ ପିତାମାତା ନିଜେ ଦେଇ ପାରିବେ ।


ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସୋରିଆଟିକ ଆର୍ଥାଇଟିସ, ଆଙ୍କାଇଲୋଜିଙ୍ଗ ସ୍ପଣ୍ଡିଲାଇଟିସ ଏବଂ ଏନ୍ଥେଇସାଇଟିସ ଆର୍ଥ୍ରାଇଟିସ ମଧ୍ୟ ଅଟୋଇମ୍ୟୁନ ଡିଜର୍ଡର ଅଟେ ଯାହାକି ବୟସ୍କଙ୍କ କ୍ଷେତ୍ରରେ ଦେଖାଯାଏ କିନ୍ତୁ କେବଳ ୨୦% ଶିଶୁମାନେ ବି ଏଥିରେ ପୀଡିତ ହେବା ଜଣାଯାଏ । ଯଦି ଶିଶୁଟିଏ ଶରୀରର ସନ୍ଧି ସ୍ଥାନ ଯଥା ଅଂଟା, ଆଂଠୁ ,ପିଠି ଭଳି ସ୍ଥାନରେ ଲାଲ ପଡି ଫୁଲି ଯାଇ ତୀବ୍ର ଯନ୍ତ୍ରଣା ଅନୁଭବ କରେ ତେବେ ଶିଶୁଟି ଠିକଭାବେ ଚଳପ୍ରଚଳ ଅଭାବରୁ ବଢିପାରେ ନାହିଁ । ଏହାକୁ ଅଧିକାଂଶ ଅଭିଭାବକ ଜାଣି ପାରନ୍ତି ନାହିଁ ତେଣ ଚିକିତ୍ସା ଅଭାବରୁ ଶିଶୁଟି ବିକଳାଙ୍ଗ ହୋଇଯାଏ । ଆମ ଅସ୍ଥିରେ ଟେଣ୍ଡନ ଓ ଲିଗାମେଂଟକୁ ଯେଉଁ ସଂଯୋଜକ ତନ୍ତୁ ସଂଯୋଗ କରିଥାନ୍ତି ତାକୁ ଏନ୍ଥେସିସ କୁହାଯାଏ । ୮ ରୁ ୧୫ ବର୍ଷର ଶିଶୁଙ୍କଠାରେ ଯଦି ଏହି ଅଂଶରେ ଫୁଲା ,ଯନ୍ତ୍ରଣା ଏବଂ ବଧିରତା ଦେଖାଯାଏ ତାକୁ ଏନ୍ଥେସାଇଟିସ କୁହାଯାଏ । ସେହିପରି ସୋରିଆସିସ ନାମକ ଚର୍ମରୋଗରେ ପୀଡିତ ୧୦% ବ୍ୟକ୍ତି ଶରୀରର ଗଂଠିସ୍ଥାନ ଓ ମେରୁଦଣ୍ଡରେ ଫୁଲା ଓ ଯନ୍ତ୍ରଣା ଅନୁଭବ କରନ୍ତି ଏହାକୁ ସୋରିଆଟିକ ଆର୍ଥାଇଟିସ କୁହାଯାଏ । ଏହା ପରେ ପ୍ରଭାବିତ ଅଙ୍ଗକୁ ବିକଳାଙ୍ଗ କରି ଦେଇଥାଏ । ଏହି ରୋଗମାନଙ୍କର ଚିକିତ୍ସାରେ ମଧ୍ୟ ସେକୁକିନୁମାବ୍ କୁ ବ୍ୟବହାର କରା ଯାଇପାରିବ । ଯେତେବେଳେ କୌଣସି ବି ଔଷଧ ଉପରୋକ୍ତ ରୋଗ ଚିକିତ୍ସାରେ ସହାୟକ ହୁଅନ୍ତି ନାହିଁ ସେହି ସମୟରେ ସେକୁକିନୁମାବ୍ଚ କୌଣସି ପାର୍ଶ୍ଵ ପ୍ରତିକ୍ରିୟା ବିନା ଏକ ଅମୋଘ ଅସ୍ତ୍ରଭାବେ କାର୍ଯ୍ୟ କରିଥାଏ ।

**ପ୍ରଶ୍ଵାସ ଦ୍ଵାରା ମାଂସପେଶୀକୁ ବଳଶାଳୀ କରିବା** (**Inspiratory Muscle Strength Training**) - ଆମେରିକାର ୟୁନିଭର୍ସିଟି ଅଫ୍ କଲୋରାଡୋ, ବୋଲଡରର ଗବେଷକମାନେ ୫୦ ରୁ ୭୯ ବର୍ଷ ବୟସର ୩୮ ଜଣକୁ ନେଇ ପ୍ରତ୍ୟେକ ଦିନ ୫ ମିନିଟ ହିସାବରେ ୬ ଦିନ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

ପ୍ରକାଶ ଥାଉକି ଏମାନେ ସମସ୍ତେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ୬ ସପ୍ତାହ ପରେ ଯେତେବେଳେ ରକ୍ତଚାପ ମପାଗଲା ଦେଖାଗଲା ଯେ ଏମାନଙ୍କ ସିଷ୍ଟୋଲିକ ଚାପ ପ୍ରାୟ ୯ ମିମି କମି ଯାଇଥିଲା । ସାଧାରଣ ଭାବେ ଔଷଧ ଖାଇବା ସହିତ ଦିନକୁ ୩୦ ମିନିଟ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିଥିଲେ ଯାଇ ଏହି ଫଳ ମିଳି ପାରିଥାନ୍ତା ।ଏହି କୌଶଳର ମୂଳଭିତ୍ତି ହେଲା ଯେଉଁ ମାଂସପେଶୀଗୁଡିକ ଆମ ନିଃଶ୍ଵାସ ପ୍ରଶ୍ଵାସ ପାଇଁ ଦାୟୀ, ସେମାନଙ୍କୁ ଅଧିକ ବଳଶାଳୀ କରିବା । ଏହା ଏକ ଅତି ସରଳ ବ୍ୟାୟାମ ଯାହାକୁ କୌଣସି ସ୍ଵତନ୍ତ୍ର ଆୟୋଜନର ଆବଶ୍ୟକତା ନାହିଁ । ଏହା ଏକ ବାଧା ଦେବା ପ୍ରଣାଳୀ ଯାହା ପରୋକ୍ଷରେ ଆମ ଶ୍ଵାସକ୍ରିୟାରେ ସହାୟତା କରୁଥିବା ମାଂସପେଶୀଗୁଡିକୁ



ଖର୍ଚ୍ଚ ନହେବା ଅର୍ଥ, ତାହା ଦିନେ ନା ଦିନେ ରାଜା ହାତରେ କିମ୍ବା ଚୋର ହାତରେ ନିଶ୍ଚୟ ପଡ଼ିବ ଅଥବା ଅଗ୍ନିରେ ନାଶ ଯିବ । - ହ୍ୟୁ



ଶକ୍ତିଶାଳୀ କରେ। ଏଥିରେ ହାତରେ ଧରି ହେଉଥିବା ଏକ ଯନ୍ତ୍ରକୁ ନାକ ପାଖରେ ରଖି ନିଃଶ୍ୱାସ ନେବାକୁ ହୁଏ। ଏହା ସାଧାରଣ ଶ୍ୱାସକ୍ରିୟା ପାଇଁ ବାଧା ସୃଷ୍ଟି କରେ। ଏହାକୁ ଡାୟାଫ୍ରାଗମାଟିକ ଏକ୍ସରସାଇଜ କୁହାଯାଏ। ଏହି ଯନ୍ତ୍ର ସାହାଯ୍ୟରେ ପ୍ରଥମେ ଅଳ୍ପରୁ ମଧ୍ୟମ ଏବଂ ପରେ ଅଧିକ ବାଧା ସୃଷ୍ଟି କରାଯାଏ। ପ୍ରତ୍ୟେକ ଦିନ ୫ ମିନିଟ କରି ନିୟମିତ ରୂପେ ୬ ଦିନ ଏପରି କଲେ ଡାଇବେଟିସ, ରକ୍ତଚାପ, ମେଦ ବହୁଳତା ଓ ଅନ୍ୟାନ୍ୟ ରୋଗକୁ ନିୟନ୍ତ୍ରିତ କରିହେବ ବୋଲି ଦିଲ୍ଲୀ ର ସିନିଅର ପଲମୋନାରୀ କେୟାର ଓ ସ୍ଲିପ ମେଡିସିନର ଡାକ୍ତର ନୀତୁ ଜୈନ ଦାବୀ କରନ୍ତି। ସେ ଆହୁରି ଦାବୀ କରନ୍ତି ଯେ ଏହା ଏକ ସରଳ ଉପାୟ ଯାହା ଆମ ମାଂସପେଶୀରେ ନାଇଟ୍ରିକ ଅକ୍ସାଇଡ ର ସ୍ତର ବୃଦ୍ଧି କରି ଏଣ୍ଡୋଥେଲିଆଲ ଫଙ୍କସନକୁ ତ୍ୱରାନ୍ୱିତ କରେ। ଶରୀରରେ ଅକ୍ସିଡେଟିଭ ଷ୍ଟ୍ରେସ ଓ ଇନଫ୍ଲାମାଟରୀ ମାର୍କରକୁ କମ କରି ବାରମ୍ବାର ବେମାର ପଡିବା ପ୍ରକ୍ରିୟାକୁ କମ କରେ। ଏଥିରୁ ମିଳୁଥିବା ସୁଫଳ ଦୀର୍ଘସ୍ଥାୟୀ ଅଟେ। ହୃତପିଣ୍ଡ ତଥା ରକ୍ତବାହୀ ତନ୍ତ୍ରକୁ ଏହା ସୁସ୍ଥ ରଖିଥାଏ। ଯେଉଁମାନେ ପୂର୍ବରୁ ହୃଦଘାତର ଶୀକାର ହୋଇଥିବେ ସେମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ । ରକ୍ତରେ କୋଲେଷ୍ଟେରଲ ର ମାତ୍ରାକୁ ଏହା କମ କରେ। ପାର୍କିନସନ ଭଳି ନ୍ୟୁରୋମସ୍କୁଲାର ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ଖେଳାଳୀ ମାନଙ୍କ ପାଇଁ ଏହା ଆଶୀର୍ବାଦ ସଦୃଶ କାମ କରେ।

**ପିତାମାତା ଓ ସନ୍ତାନର ସଂପର୍କ ଓ ଦାୟିତ୍ୱ** – ଯୌଥ ପରିବାରର ସଂଜ୍ଞା ଲୋପ ପାଇଗଲାପରେ ଅଗତ୍ୟା ଆମକୁ ଏକକ ପରିବାରକୁ ଆପଣାଇବାକୁ ପଡୁଛି। ଅର୍ଥ ସର୍ବସ୍ୱ ଦୁନିଆରେ ପିତାମାତା ନିଜ ସନ୍ତାନସନ୍ତତିଙ୍କୁ ଅସୁମାରୀ ସୁଖ ବାଂଟିବା ପାଇଁ ଅର୍ଥ ଯୋଗାଡରେ ମାତି ଯାଉଛନ୍ତି। ମନୁଷ୍ୟ ଜୀବନରେ ଯେ କିଛି ସୂକ୍ଷ୍ମତା ରହିଛି ତାହା ଆମେ ଭୁଲି ଯାଉଛୁ। ଆମେ ଯାହାକୁ ଜନ୍ମ ଦେଇଛୁ ସେ ଏକ ଖେଳନା ବଦଳରେ ରକ୍ତ ମାଂସର ଶରୀର, ତାର ଭାବାବେଗ, ମନ ଓ ବୁଦ୍ଧିମତା ରହିଛି ତାହା ଆମେ ଭୁଲି ଯାଉଛୁ। ନିଜ ସନ୍ତାନକୁ ୯–୧୦ ବର୍ଷ ହୋଇଗଲେ ଆମେ ଭାବୁଛୁ ସେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ଗଲାଣି ତେଣୁ ତାକୁ ପରାମର୍ଶ ଦେବା ଆବଶ୍ୟକ ନାହିଁ। ଏଇଠୁ ଆରମ୍ଭ ହେଉଛି ନିଃସଙ୍ଗତା ବୋଧ। ଭଲ ପାଠ ପଢିବା ନାଁ ରେ ତାକୁ ସାମାଜିକ ସଂପର୍କଠାରୁ ଦୁରେଇ ରଖିଲୁ। ଫଳରେ ସନ୍ତାନଟିଏ ମୋବାଇଲ, କମ୍ପ୍ୟୁଟର କୁ ନିଜ ସାଥୀ ରୁପେ ବାଛି ନେଉଛି। ତାମଧ୍ୟରେ ଉତ୍କଂଠା, ମାନସିକ ଅବସାଦ, ଅପରିଣାମଦର୍ଶୀ ବିପଜ୍ଜନକ କାର୍ଯ୍ୟ କରିବା ମନୋବୃତ୍ତି, ସାମାଜିକ ଏକାକୀତ୍ୱ ବୋଧ ତାର ମନୋଭାବରେ ଯେଉଁ ପରିବର୍ତ୍ତନ ଆସୁଛି ତାକୁ ଆମେ ଲକ୍ଷ୍ୟ କରୁନାହୁଁ। ସନ୍ତାନଟିଏ ଗାଧୋଇବା ସମୟରେ ଘଣ୍ଟା ଘଣ୍ଟା କ'ଣ କରୁଛି, ରାତିରେ ନ ଶୋଇ ମୋବାଇଲରେ ଖେଳ ଖେଳୁଛି, ତା' ଶରୀରରୁ କି ପ୍ରକାର ଗନ୍ଧ ଆସୁଛି, କାହିଁକି ସେ ଚିଡିଚିଡା ଭାବ ଦେଖାଉଛି, ସର୍ବଦା ଚୁପ ରହୁଛି, ତା'ର ଶରୀର ଧିରେ ଧିରେ କ୍ଷୀଣ ହୋଇ ଯାଉଛି, ସୋସିଆଲ ମିଡିଆରେ ସେ ଅବାନ୍ତର ମେସେଜ ସବୁ ଛାଡୁଛି, ନିଜର ଅସୁମାରୀ ଆବଶ୍ୟକତାକୁ ପୁରା କରିବାକୁ ସେ ଚୋରି କରୁଛି କି ଏ ସଂପର୍କରେ ଆମେ ସାଧାରଣତଃ ଉଦାସୀନତା ଦେଖାଉ। ଏ ସଂପର୍କରେ ଜଣେ ମନସ୍ତତ୍ୱବିତ କହିଛନ୍ତି ଯେ, ଏପରି ପିଲାଙ୍କୁ କାଉନସେଲିଙ୍ଗ କଲାବେଳେ ସେମାନେ କାହା ସଙ୍ଗେ ବେଶୀ ସମ୍ପର୍କ ରଖିବାକୁ ଚାହୁଁଛନ୍ତି ପଚାରିଲେ କହନ୍ତି ଅନ୍ୟ ଏକ ପିତାମାତା ଯାହାଙ୍କ ଚାଲିଚଳନ ଏମାନଙ୍କଠୁଁ ଭିନ୍ନ ହୋଇଥିବ। ତେବେ ଏ ସବୁର ଶେଷ କେଉଁଠି ? ନିଜ ସନ୍ତାନଙ୍କ ପାଇଁ ସମୟ ବାହାର କରନ୍ତୁ,ଏକା ସାଥିରେ ଭୋଜନ କରନ୍ତୁ, ତାଙ୍କ ସାଙ୍ଗରେ ଟିଭି ମୋବାଇଲ ବନ୍ଦ କରି ଅଭିଜ୍ଞତାକୁ ସେଆର କରନ୍ତୁ,ତାଙ୍କୁ ଅପଦସ୍ତ କଲାଭଳି କଥା ନ କହି ପରାମର୍ଶ ଦିଅନ୍ତୁ, ମୋବାଇଲ ଜଗତରୁ ଟାଣି ଆଣି ପ୍ରକୃତି ସହ ସେମାନଙ୍କୁ ପରିଚିତ କରାନ୍ତୁ, ବର୍ଷାରେ ଭିଜିବା, ମାଟିର ବାସ୍ନାକୁ ଅନୁଭବ କରିବା, ପ୍ରଜାପତି ପଛରେ ବୁଲି ତାକୁ ଧରିବା ଭଳି ପ୍ରକୃତିର ସୁନ୍ଦରତା ସହିତ ତାକୁ ସଂଶ୍ଲିଷ୍ଟ କରାନ୍ତୁ। ଭଲ ବହି ପଢିବା ସହ ତା ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ତାକୁ ଲେଖାଲେଖି କରିବାକୁ ପ୍ରବର୍ତ୍ତାନ୍ତୁ। ସେମାନଙ୍କୁ ନିଜର ଭାବାବେଗ ଓ ପ୍ରତିକ୍ରିୟାକୁ ପ୍ରକାଶ କରିବାକୁ ଉତ୍ସାହିତ କରାନ୍ତୁ, ତା' ସହିତ ଜୀବନ ସଂଗ୍ରାମରେ କିପରି ସମସ୍ୟାର ସମାଧାନ କରାଯିବ ଉଦାହରଣ ସହିତ ବୁଝାନ୍ତୁ। ସାମାଜିକ ବନ୍ଧନ ଯେ ଜୀବନ ଧାରଣ ପାଇଁ କେତେ ଗୁରୁତ୍ୱ ବହନ କରେ ସେ ସଂପର୍କରେ ତାକୁ ଧାରଣା ଦିଅନ୍ତୁ। ଆଜିକାଲି ୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମିତ ଶିଶୁଙ୍କୁ ଜେନ–ଜେଡ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ୬୬% କେବଳ ମୋବାଇଲ ଓ ସୋସିଆଲ ମିଡିଆକୁ ନିଜର ଟାଇମ ପାସ ପାଇଁ ବ୍ୟବହାର କରୁଛନ୍ତି। ୨୦୧୦ ରୁ ୨୦୨୪ ମଧ୍ୟରେ ଜନ୍ମିତ ଶିଶୁଙ୍କୁ ମିଲେନିଆଲ୍ସ ବା ଜେନ ଆଲଫା କୁହାଯାଇଛି। କୋଭିଡ ମହାମାରୀ ମଧ୍ୟ ଦେଇ ଏମାନଙ୍କ ଜୀବନ ଅତିବାହିତ ହୋଇ ଥିବାରୁ ଇଣ୍ଟରନେଟ ଓ ସୋସିଆଲ ମିଡିଆ ସହିତ ଏମାନଙ୍କ ସଂପର୍କ ଅତି ନିବିଡ। ଏମାନେ ନିଜ ପିତାମାତାଙ୍କ ଅପେକ୍ଷା ନିଜ ଫେସବୁକ ଫ୍ରେଣ୍ଡକୁ ଅଧିକ ଭଲ ପାଆନ୍ତି। ଅନ୍ଧଭାବେ ଭଲ ପାଇ ଅନେକ କ୍ଷେତ୍ରରେ ନିଜର ସର୍ବସ୍ୱ ହରାଇ ବସୁଛନ୍ତି। ଆଜି ପ୍ରତିଦିନ ସକାଳୁ ଏମିତି ଖବର ସମ୍ବାଦପତ୍ର ମାନଙ୍କ ପୃଷ୍ଠା ମଣ୍ଡନ କରୁଛନ୍ତି। ଏପରି କାହିଁକି ହେଉଛି। କାରଣ ପିତାମାତା ଓ ସନ୍ତାନସନ୍ତତିଙ୍କ ଭିତରେ ବନ୍ଧନର ରଜ୍ଜୁ ହେଲା ଭଲ ପାଇବା ଯାହା ପାରସ୍ପରିକ ଅଟେ। ଏକତରଫା ଭଲ ପାଇବା ସର୍ବଦା ପ୍ରତାରଣା ସଦୃଶ ହୋଇଥାଏ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)
ଏନଏସି ମହାବିଦ୍ୟାଳୟ, ବୁର୍ଲା



କେବଳ ନିର୍ବୋଧମାନେ ହିଁ ମନେ କରନ୍ତି ଯେ, ମୂଲ୍ୟବାନ ପୋଷାକ ଏବଂ ସୁବର୍ଣ୍ଣ ଆଭରଣ ଦେଖି ଲୋକ ତାଙ୍କୁ ସମ୍ମାନ ଦେଖାନ୍ତି। – ମାଇକେଲ୍ ଫରେଡ

# ସମ୍ବାଦ ବିଚିତ୍ରା

୧. ଭାରତର ସବୁ ମହିଳା ବିବାହିତ ହୁଅନ୍ତୁ ବା ଅବିବାହିତ ସମସ୍ତଙ୍କ ସୁରକ୍ଷିତ ଓ ଆଇନଗତ ଗର୍ଭପାତର ଅଧିକାର ରହିଛି। ସୁପ୍ରିମ୍‌କୋର୍ଟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

୨. ଏବେ ହ୍ୱାଟସ୍‌ଆପ୍ ଭିଡିଓ କଲରେ ସର୍ବାଧିକ ୮ ଜଣ ଲୋକେ ଯୋଡି ହୋଇପାରୁଛନ୍ତି। ୩୨ ଜଣଙ୍କ ପର୍ଯ୍ୟନ୍ତ ସମୂହ ଲାଗି ହ୍ୱାଟସ୍‌ଆପରେ ଭିଡିଓ କଲରେ ଯୋଡି ହେବା ଭଳି ବ୍ୟବସ୍ଥା ହେଉଛି।

୩. ଆତଙ୍କବାଦୀ ସଂଗଠନକୁ ଅର୍ଥ ସହାୟତା କରିବା ତଥା ସେମାନଙ୍କୁ ତାଲିମ ଦେବା ଅଭିଯୋଗରେ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ) ସହ ଆହୁରି ୮ଟି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

୪. ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ୨୦୨୩ ବିଶ୍ୱକପ ହକିର ଉଦଘାଟନୀ ମ୍ୟାଚ୍ ତା ୧୩।୧।୨୩ ରେ କଳିଙ୍ଗ ହକି ଷ୍ଟାଡିଅମ୍‌ରେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧରେ ଖେଳାଯିବ।

୫. ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିମ ଜନଜାତିଙ୍କ ସଂବନ୍ଧୀୟ ୨୮୦୦ ପୃଷ୍ଠା ସଂବଳିତ ପାଞ୍ଚଟି ବହି ଉନ୍ମୋଚନ କରିଛନ୍ତି।

୬. ଆମ ଗ୍ରହରେ ପ୍ରାୟ ୨ ଲକ୍ଷ ଟ୍ରିଲିଅନ ବା ୨କୋଟି ବିଲିଅନ୍ ବା ୨ପରେ ୧୬ଟି ଶୁନ ପିମ୍ପୁଡ଼ି ଅଛନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

୭. ୨୦୨୩- ୨୪ ଶିକ୍ଷା ବର୍ଷରେ ୪୦ଟି ହାଇସ୍କୁଲ ରେ +୨ ଶ୍ରେଣୀ ଖୋଲିବ।

୮. ଭାରତରେ ଥିବା ୧୩୦ କୋଟି ଲୋକଙ୍କର ହାରାହାରି ବୟସ ୨୯ ବର୍ଷ କିନ୍ତୁ ଏକ ହିସାବ ଅନୁସାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଂଖ୍ୟାରେ କ୍ରମଶଃ ବୃଦ୍ଧି ଘଟୁଛି।

୯. ଭାରତର ତିରୁପତି ଦେବସ୍ଥାନର୨୮୫ ହଜାର ୭ଶହ ୫କୋଟି ଟଙ୍କାର ସଂପତ୍ତି ରହିଛି।

୧୦. ବର୍ତ୍ତମାନ ତିରୁମଲା ତିରୁପତି ଦେବସ୍ଥାନର ବିଭିନ୍ନ ବ୍ୟାଙ୍କରେ ୧୪ହଜାର କୋଟିରୁ ଅଧିକ ଟଙ୍କାର ସ୍ଥାୟୀ ଜମା ଏବଂ ପ୍ରାୟ ୧୪ଟନ୍ ସୁନା ଅଛି।

୧୧. ଭାରତରେ ଅକ୍ଟୋବର ୧ ଦିନ ୫ଜି ସେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଛନ୍ତି।

୧୨. ଫେବୃଆରୀ ୨୪ରେ ଋଷ ଇଉକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଯୁଦ୍ଧ ଏବେ ୭ମ ମାସରେ ପ୍ରବେଶ କରିଛି।

୧୩. ଉତ୍ପାଦନ ଓ ରକ୍ଷ ପାଇଁ ପ୍ରୋତ୍ସାହନ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୋଷକ ଅନାଜ ପୁରସ୍କାର ପାଇଛି।

୧୪. ୨୦୨୩ ମସିହା କୁ ଜାତିସଂଘ ଆନ୍ତର୍ଜାତିକ ମଲେଟ୍ ବର୍ଷ ଭାବରେ ଘୋଷଣା କରିଛି।

୧୫. ମୁମ୍ବାଇ ଅହମଦାବାଦ ବୁଲେଟ୍ ଟ୍ରେନ ପାଇଁ ସମୁଦ୍ର ତଳେ ୭କି.ମି. ସୁଡଙ୍ଗ ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଛି।

୧୬. ସିଗାରେଟ୍ ପ୍ୟାକେଟ ପରି ମଦବୋତଲ ରେ ଚେତାବନୀ ସୂଚକ ଲେଖା ପାଇଁ ଏକ ଆବେଦନକୁ ସୁପ୍ରମ୍ କୋର୍ଟ ଗ୍ରହଣ କରିନାହାଁନ୍ତି।

୧୭. ମହାକାଶ ଅଭିଜାନରେ ବ୍ୟବହୃତ ମାଇକ୍ରୋ ପ୍ରୋସେସରକୁ ବ୍ୟବହାର କରାଯାଇ ଇସ୍ରୋ ସ୍ମାର୍ଟ କୃତ୍ରିମ ଗୋଡ ତିଆରି କରିଛି।

୧୮. ଯାଜପୁର ଜିଲ୍ଲାରେ କେଚଳୀ ନଦୀ ଓ ବୈତରଣୀ ନଦୀରେ ଦୁଇଟି ବ୍ୟାରେଜ ନିର୍ମାଣ ପାଇଁ ୨୦୦ କୋଟି ଟଙ୍କାର ଟେଣ୍ଡରକୁ ଓଡ଼ିଶା ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

୧୯. ଜଟଣୀ ତହସିଲର ଜାମୁକୋଲି ଗ୍ରାମରେ କେନ୍ଦ୍ରୀୟ ହୋମିଓ ପାଥିକ ଗବେଷଣା ପରିଷଦ ୫ ଏକର ଜମିର ନିର୍ମାଣ କରାଯିବ।

୨୦. ବ୍ରହ୍ମୋଶ୍ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ମୂଳରୁ ୨୯୦ କି.ମି. ଥିବା ବେଳେ ଏହାକୁ ବର୍ତ୍ତମାନ ୩୫୦ ରୁ ୪୦୦ କି.ମି କୁ ବଢାଯାଇଛି।

୨୧. ପି.ଏମ- କେଆର ପାଣ୍ଠିର ଟ୍ରଷ୍ଟି ଭାବରେ ଶିଳ୍ପପତି ରତନ ଟାଟାଙ୍କୁ ସାମିଲ କରାଯାଇଛି।

୨୨. ଚେନ୍ନାଇ ଦଂପତ୍ତି ସୁବିନା ବାନୋ ଏବଂ ଅବ୍‌ଦୁଲ ଘାନୀ ତିରୁମାଲା ତିରୁପତି ଦେବସ୍ଥାନକୁ ୧ କୋଟି ଟଙ୍କା ଦାନ କରିଛନ୍ତି।

୨୩. ଆର୍‌ବିଆଇ ସୁଧ ହାର ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିବା ଫଳରେ ରେପୋ ରେଟ୍ ୫.୯% ଛୁଇଁଛି। ତତ୍କାଳିନ ଏହି ବର୍ଦ୍ଧିତ ନିଷ୍ପତ୍ତି ଲାଗୁ ହେବ ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

୨୪.ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ଆସିଥିବା ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଣିକି ୨ଟି ନୁହେଁ ପରୀକ୍ଷାରେ ଗୋଟିଏ ଅପସନାଲ ସବଜେକ୍ଟ ରହିବ।

୨୫. ଏଣିକି ୟୁପିଏସ୍‌ସି ଢାଞ୍ଚାରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ ପୂର୍ବରୁ ଏହି ପରୀକ୍ଷା ପାଇଁ ୨୨୫୦ ନମ୍ବର ରହୁଥିବାବେଳେ ଏବେ ଏହାକୁ ସଂଶୋଧନ କରାଯାଇ ୨୦୦୦ ମାର୍କ କରାଯାଇଛି । ଏଣିକି ଗୋଟିଏ ସବଜେକ୍ଟ ନେଇ ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେଇପାରିବେ। ସେହିପରି ସବ୍‌ଜେକ୍ଟିଭ୍ ଉତ୍ତର ଓଡ଼ିଆ କିମ୍ବା ଇଂରାଜୀରେ ପରୀକ୍ଷାର୍ଥୀ ଦେଇପାରିବେ।

୨୬.ଓଡ଼ିଶାରେ ରାଜ୍ୟ କିମ୍ବା ଜିଲ୍ଲାସ୍ତରୀୟ ପରୀକ୍ଷା ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ କରାଯିବ। ପୂର୍ବରୁ ଓଡ଼ିଆ କିମ୍ବା ଇଂରାଜୀରେ ପ୍ରଶ୍ନ ଆସୁଥିଲେ ଛାତ୍ରଛାତ୍ରୀମାନେ ଇଂରାଜୀରେ ଉତ୍ତର ଦେଉଥିଲେ। ପରୀକ୍ଷାର୍ଥୀମାନେ ଲିଖିତ ଓ ମୌଖିକ ପରୀକ୍ଷା ଓଡ଼ିଆରେ କିମ୍ବା ଇଂରାଜୀରେ ଦେବାକୁ ଚାହିଁଲେ ଦେଇପାରିବେ।

୨୭. ଓଡ଼ିଶାରେ ଖରିଫ ଏବଂ ରବି ଋତୁ ପାଇଁ ଧାନ ସଂଗ୍ରହ ନୀତି ଘୋଷଣା କରାଯାଇଛି। ଧାନରସହାୟକ ମୂଲ୍ୟ ସର୍ବନିମ୍ନ ୨୦୪୦ ଏବଂ ସର୍ବାଧିକ ୨୦୮୦ ଟଙ୍କା ରଖାଯାଇଛି। ମୋଟ୍ ୭୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର।

୨୮.ଚଳିତ ବର୍ଷ ମେଡିସିନ୍ ପାଇଁ ଘୋଷଣା ହୋଇଛି ନୋବେଲ ପୁରସ୍କାର। ସ୍ୱିଡେନ୍‌ର ସାନ୍ତେ ପାବୋଙ୍କୁ ପିଜିଓଲଜି ତଥା ମେଡିସିନ୍‌ରେ ନୋବଲ୍ ପୁରସ୍କାର ପ୍ରଦାନ କରାଯାଇଛି।

୨୯. ବିଶ୍ୱସ୍ତରରେ ପ୍ରାୟ ୨୩୦ କୋଟି ଲୋକ ପ୍ରତ୍ୟେକ ବ୍ୟକ୍ତି ୨୪ଘଣ୍ଟାରୁ ୧ ଘଣ୍ଟା ଫେସ୍‌ବୁକ୍‌ରେ ବିତାଇଥାନ୍ତି।ତାହା ସହ ଅନ୍ୟ ସୋସିଆଲ୍‌ପ୍ଲାଟଫର୍ମର ବ୍ୟବହାର ଆରମ୍ଭ କରିଦିଅନ୍ତି। ଫଳରେ ସେମାନଙ୍କ ନିଦ୍ରା ପ୍ରଭାବିତ ହେବା ସହ ମାନସିକ ଏବଂ ଶାରୀରିକସନ୍ତୁଳନ ଉପରେ ଖରାପ ପ୍ରଭାବ ପଡ଼ିଥାଏ।

୩୦. ଭାରତୀୟ ବାୟୁସେନାରେ ସାମିଲ ହୋଇଛି ହାଲୁକା ଲଢୁଆ ବିମାନ। ଯାହାର ନାଁ ରଖା ଯାଇଛି ପ୍ରଚଣ୍ଡ।ଗୋଟିଏ ମିନିଟରେ ୭୫୦ ଗୁଳି ବର୍ଷା କରୁଛି।

୩୧.ପଶ୍ଚିମବଙ୍ଗରେ ଦୁର୍ଗାପୂଜାର ମେଢ଼ଠାରୁ ଆରମ୍ଭ କରି ମା'ଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟାନ୍ୟ ସାଜସଜ୍ଜା ପାଇଁ ପ୍ରତିବର୍ଷ ୪୦ହଜାର କୋଟି ଟଙ୍କାର ବ୍ୟବସାୟ ହେଉଛି। ଏହି ଦୁର୍ଗାପୂଜା କାମ ଯୋଗୁ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ନିଯୁକ୍ତିସୁଯୋଗ ମଧ ମିଳୁଛି।

୩୨. କେନ୍ଦ୍ର ସରକାର ୨୦୨୩ ମସିହା ସୁଦ୍ଧା ସବୁ ମୋବାଇଲ କମ୍ପାନୀଙ୍କୁ ନିଜର ଲୋକେସନ୍ ସିଷ୍ଟମ ନାଭିଗେସନ୍ ଉଇଥ୍ ଇଣ୍ଡିଆନ୍ ଇନଷ୍ଟାଲେସନ୍ ଡେଭଲପ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



କୌଣସି ଦାନ ବୃଥା ଯାଏ ନାହିଁ। ଆଉ କିଛି କରୁ ବା ନକରୁ, ଦାନ ନିଶ୍ଚୟ ଦାତାର ଅନ୍ତରକୁ ପବିତ୍ର କରିଦିଏ। - ମିକଲ୍‌ଟକ

# ସାଧାରଣ ଜ୍ଞାନ

## (1) ABBREVIATION

1. APEC Asia-Pacific Economic Cooperation
2. CABE Central Advisory Board of Education
3. CAG Controller and Auditor General of India
4. DDS Data Dissemination Standards
5. ESMA Essential Services Maintenance Act
6. GDP Gross Domestic Product
7. IPR Intellectual Property Right
8. MSME Micro Small and Medium Enterprises
9. NHRC National Human Rights Commission
10. UNHRC United Nations Human Rights Commission

## (୨) ପୁସ୍ତକ ଓ ଲେଖକ

୧. ପରଜା - ଗୋପିନାଥ ମହାନ୍ତି
୨. ବଧୂନିରୁପମା - ବିଭୁତି ପଟ୍ଟନାୟକ
୩. ଅଣାକାର ସଂହିତା - ନନ୍ଦ ଦାସ
୪. ହରିବଂଶ - ଅଚ୍ୟୁତାନନ୍ଦ ଦାସ
୫. ପ୍ରେମଶୀଳା - କୁଞ୍ଜବିହାରୀ ଭ୍ରମରବର
6. Will Power - Sjord Marijne
7. Crimson Spring - Novtej Sarna
8. Rajani's Mantras - P. C. Balasubramanian
9. Science Behind Surya Namaskar-Dr. Manjpara Kalubhai
10. Every Time It Rains - Nikitha Singh

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ହିଲାରୀ ମଣ୍ଟେଲ | ଉଲଫ୍ ହଲର ଲେଖିକା | ୭୦ ବର୍ଷ |
| ୨. ରାଜୁ ଶ୍ରୀବାସ୍ତବ | ହାସ୍ୟ ଅଭିନେତା | ୫୮ବର୍ଷ |
| ୩. ଜୟନ୍ତୀ ପଟ୍ଟନାୟକ | ପୁର୍ବତନ ସାଂସଦ | ୯୦ ବର୍ଷ |
| ୪. ପରାସ କାନସରା | ହାସ୍ୟ ଅଭିନେତା | ୫୧ବର୍ଷ |

## (୪) ପୁରସ୍କାର

୧. ଦାଦା ସାହେବ ଫାଲକେ ପୁରସ୍କାର, ୨୦୨୨ - ଆଶା ପାରେଖ
୨. ସାରଳା ପୁରସ୍କାର,୨୦୨୨ - ଡ.ଗୌରହରି ଦାସ
୩. ନୋବେଲ ପୁରସ୍କାର,୨୦୨୨
- ପଦାର୍ଥ ବିଜ୍ଞାନ - ଆଲେନ ଆସଫେକ୍ଟ, ଜନ ଏଫ କ୍ଲାଉଜର ଏବଂ ଆଣ୍ଟନ ଜେଲିଙ୍ଗର
- ରସାୟନ ବିଜ୍ଞାନ - କାରୋଲିନ ଆର ବଂଟାର୍ଜି, ମୋଟେନ ମେଲଲଡାଲ ଏବଂ କେ ବାରି ସରପ୍ଲେସ
- ମେଡିସିନ୍ - ସାଫେଟେ ପାବେ
- ସାହିତ୍ୟ - ଆନି ଅର୍ନକ୍ସ

## (୫) ରାଜ୍ୟ

୧. ରାଜ୍ୟର ନାମ - ମେଘାଳୟ
୨. ରାଜ୍ୟପାଳ - ବ୍ରିଗେଡିଅର ଡ. ବି ଡି. ମିଶ୍ର
୩. ମୁଖ୍ୟମନ୍ତ୍ରୀ - କନରାଡ୍ କେ ସାଙ୍ଗ୍ମା
୪. ଗଠନ - ୨ ଏପ୍ରିଲ, ୧୯୭୦
୫. କ୍ଷେତ୍ରଫଳ - ୨୨,୪୨୯ ବର୍ଗ କି.ମି.
୬. ରାଜଧାନୀ - ଶିଲଂ
୭. ଲୋକସଭା ସଭ୍ୟ ସଂଖ୍ୟା - ୨
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୧
୯. ବିଧାନ ସଭା ସଭ୍ୟସଂଖ୍ୟା - ୬୦
୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ଖାସି, ଗାରୋ ଓ ଇଂରାଜୀ
୧୨. ଜନସଂଖ୍ୟା ସମୁଦାୟ - ୨, ୯୬୪, ୦୦୭
ପୁରୁଷ - ୧,୪୯୨,୬୬୮
ମହିଳା - ୧,୪୭, ୩୩୯
୧୩.ଜନସଂଖ୍ୟା ବୃଦ୍ଧିହାର - ୨୭,୮୨%
୧୪.ଜନସଂଖ୍ୟା ଘନତ୍ୱ - ୩୪୨/ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୯୭୦ ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୮୬ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୫.୪୮ %
ପୁରୁଷ- ୭୭.୧୭%
ମହିଳା- ୭୩.୭୮%
୧୮. ଜିଲ୍ଲା - ୭
୧୯. ଗ୍ରାମ - ୫,୭୮୨
୨୦.ସହର - ୧୬
୨୧.ଜଙ୍ଗଲ ଜମି - ୯,୪୯୬ ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ଲେଡ଼ି ହାଇବ୍ରିଡ଼ି ପାର୍କ, ପୋଲଗ୍ରାଉଣ୍ଡ, ମିନି ଚିଡ଼ିଆଖାନା

## (୬) ନିଯୁକ୍ତି

୧. ଏମ ଶ୍ରୀନିବାସ - ନିର୍ଦ୍ଦେଶକ , ଦିଲ୍ଲୀ ଏ ଆଇ ଏମ ଏସ
୨. ଦିଲ୍ଲିପ ତିର୍କୀ - ସଭାପତି, ହକି ଇଣ୍ଡିଆ
୩. ପ୍ରଫେସର ଶ୍ରୀପଦ କରମଲକର - ନିର୍ଦ୍ଦେଶକ, ଆଇ ଆଇ ଟି, ଭୁବନେଶ୍ୱର
୪. ଲେଫ୍ଟନାଣ୍ଟ ଜେନେରାଲ ଅନି ଚୌହାନ - ଚିଫ ଅଫ ଡିଫେନ୍ସ ଷ୍ଟାଫ୍
୫. ଆର ଭେଙ୍କଟ ରମାନି - ଆଟର୍ଣ୍ଣି ଜେନେରାଲ

## (୭)ଲୋକପ୍ରିୟ ବ୍ୟକ୍ତିତ୍ୱ ଏବଂ ଉପାଧି

୧.ସାରଳା ଦାସ - ଆଦି କବି
୨.ଉପେନ୍ଦ୍ର ଭଞ୍ଜ - କବି ସମ୍ରାଟ
୩.ବଳଦେବ ରଥ - କବିସୂର୍ଯ୍ୟ
୪.ଫକୀର ମୋହନ ସେନାପତି - ବ୍ୟାସ କବି
୫.ଗଙ୍ଗାଧର ମେହେର - ସ୍ୱଭାବ କବି



କେତେ ଦୂରେ ଚାନ୍ଦ କେତେ ଦୂରେ କୁମୁଦୁନ, ପ୍ରୀତି ଅଭେଦ ତାଙ୍କର; ଯେତେ ଦୂରେ ଥିଲେ, ଯେ ଯାହାର ସେ ତାହାର । - ଉପେନ୍ଦ୍ର ଭଞ୍ଜ

## (୮) ଓଡ଼ିଶା

୧. କେତୋଟି ହାଇସ୍କୁଲରେ ୨୦୨୩-୨୪ରେ ଏକାଦଶ ଶ୍ରେଣୀ ଖୋଲାଯିବ ?

(କ)୩୫ଟି (ଖ)୪୦ଟି (ଗ)୪୨ଟି (ଘ)୪୩ଟି

୨. ଓଡିଶାର କେତେଜଣ ସ୍ୱେଚ୍ଛାସେବୀ ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଜାତୀୟ ସେବା ଯୋଜନା ପୁରସ୍କାର ଲାଭ କରିଛନ୍ତି ?

(କ)୧ (ଖ)୨ (ଗ)୩ (ଘ)୪

୩. ବିଜୁପଟ୍ଟନାୟକଙ୍କ କଳିଙ୍ଗ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟଦ୍ୱାରା କେବେ ଆରମ୍ଭ ହୋଇଥିଲା ?

(କ)୧୯୬୨(ଖ)୧୯୬୪ (ଗ)୧୯୯୧ (ଘ)୧୯୯୩

୪. କଳିଙ୍ଗ ପୁରସ୍କାର କେଉଁ ସଂସ୍ଥା ଦେଇଥାଏ ?

(କ)ଉତ୍କଳ ସାହିତ୍ୟ ସମାଜ (ଖ)ୟୁନେସ୍କୋ

(ଗ)କେକେ ବିରଳା ଫାଉଣ୍ଡେସନ୍ (ଘ)ପ୍ରଜାତନ୍ତ୍ର ପ୍ରଚାର ସମିତି

୫. ସରସ୍ୱତୀ ସମ୍ମାନ କେଉଁ ସଂସ୍ଥା ଦେଇଥାଏ ?

(କ)ଉତ୍କଳ ସାହିତ୍ୟ ସମାଜ (ଖ)ୟୁନେସ୍କୋ

(ଗ)କେକେ ବିରଳା ଫାଉଣ୍ଡେସନ୍ (ଘ)ପ୍ରଜାତନ୍ତ୍ର ପ୍ରଚାର ସମିତି

୬. ଯଦୁମଣୀ ମହାପାତ୍ର ଙ୍କୁ କେଉଁ କବିଭାବେ ଉପାଧି ପ୍ରାପ୍ତ କରାଯାଇଛି ?

(କ)କାନ୍ତକବି (ଖ)ଆର୍ଯ୍ୟ କବି (ଗ)ଆଶୁ କବି (ଘ)ବିଦଗ୍ଧ କବି

୭. ଉତ୍କଳଭାରତୀ ନାମରେ କିଏ ପରିଚିତ ?

(କ)ମନୋରମା ମହାପାତ୍ର (ଖ)କୁନ୍ତଳା କୁମାରୀ

(ଗ)ରମାଦେବୀ (ଘ)ବ୍ରହ୍ମୋତ୍ରୀ ମହାନ୍ତି

୮. ପ୍ରଥମ ଓଡିଆ, ହିନ୍ଦୀ ଚଳଚ୍ଚିତ୍ରର ନିର୍ଦ୍ଦେଶକ କିଏ ?

(କ)ନନ୍ଦିତା ଦାସ (ଖ)ଅନୁ ଚଉଧୁରୀ

(ଗ)ପ୍ରଶାନ୍ତ ନନ୍ଦ (ଘ)ଧିର ବିଶ୍ୱାଳ

୯. ସବାଇ ଶିଳ୍ପ ପାଇଁ ପ୍ରସିଦ୍ଧ ଖୁଣ୍ଟା ଖୁଣ୍ଟା କେଉଁ ଜିଲ୍ଲାରେ ଅଛି ?

(କ)ବାଲେଶ୍ୱର (ଖ)ଗଜପତି (ଗ)ମୟୁରଭଞ୍ଜ (ଘ)ନୟାଗଡ଼

୧୦. ପୁରୀ କେଉଁ ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ ?

(କ)କପଡା ଫୁଲମାଳ (ଖ)କାଠ କଣ୍ଢେଇ

(ଗ)[illegible] (ଘ)[illegible]

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ନିମ୍ନଲିଖିତ ସିରିଜକୁ ସମ୍ପୂର୍ଣ୍ଣ କର ।

**H___JH___IJHHI___HH___JH**

(କ) **IHJI** (ଖ) **HIHI** (ଗ) **IHIJ** (ଘ) **HJHJ**

୨. ଯଦି **RED**କୁ **6720**ରେ କୋଡ଼ିଂ କରାଯାଏ, ତେବେ **GREEN**କୁ କିପରି କୋଡ୍ ଦ୍ୱାରା ଲେଖାଯିବ

(କ) **9207716** (ଖ) **1677199**

(ଗ) **1677209** (ଘ) **16717209**

୩. ଯଦି ଦକ୍ଷିଣ-ପୂର୍ବ-ଉତ୍ତର ହୁଏ, ତେବେ ଦକ୍ଷିଣ-ପଶ୍ଚିମକୁ କ'ଣ କୁହାଯିବ ?

(କ) ଉତ୍ତର (ଖ) ପଶ୍ଚିମ (ଗ) ପୂର୍ବ (ଘ) ଉତ୍ତର ପଶ୍ଚିମ

୪. କ୍ରମାନୁସାରେ ସଜାଇ ଲେଖ ।

**A - Publish** **B - Imagine** **C - Write**

**D - Profread** **E - Print**

(କ) **BDCAE** (ଖ) **DBACE** (ଗ) **BCADE** (ଘ) **BCEDA**

୫. ଶୂନ୍ୟସ୍ଥାନଟି କେତେ ?

**5760, 960, ___, 48, 8**

(କ) **120** (ଖ) **240** (ଗ) **160** (ଘ) **192**

୬. କେଉଁଟି ନିମ୍ନ ସିରିଜ୍‌ରେ ମେଳ ଖାଉ ନାହିଁ ?

**6, 12, 21, 32, 45, 60**

(କ) **6** ଖ) **12** (ଗ) **21** (ଘ) **32**


୭. ଯଦି **'A' 'B'** ଠାରୁ ବଡ଼ ଏବଂ **'C'** ଠାରୁ ସାନ ହୁଏ ଏବଂ **'D' 'E'** ଠାରୁ ସାନ **'A'** ଠାରୁ ବଡ଼ । **'C' 'D'** ଠାରୁ ସାନ ତେବେ ଏମାନଙ୍କ ମଧ୍ୟରେ କିଏ ସବୁଠାରୁ ବଡ଼ ?

(କ) **A** (ଖ) **C** (ଗ) **D** (ଘ) **E**

୮. **'B' 'D'** ର ମାଆ । **'C' 'D'** ର ଭାଇ । **'H' 'E'** ର ଝିଅ ଯାହାର ସ୍ତ୍ରୀ ହେଉଛି **'D'**. ତେବେ **'E'** ଏବଂ **'C'** ସମ୍ପର୍କ କ'ଣ ?

(କ) ଶଳା (ଖ) ଶ୍ୱଶୁର (ଗ) ଭାଇ (ଘ) ମାମୁଁ

୯. ଦତ୍ତ ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?



(କ) **11** (ଖ) **12** (ଗ) **13** (ଘ) **14**

୧୦. ନିମ୍ନରେ ଦତ୍ତଥିବା ଶବ୍ଦର ଅକ୍ଷରକୁ ନେଇ କେଉଁ ଶବ୍ଦଟି ଗଠନ କରିହେବ । **Immediately**

(କ) **Iimited** (ଖ) **Dialect** (ଗ) **Diameter** (ଘ) **Dicta**

### ଉତ୍ତର

**୧.(ଖ)୪୦ଟି, ୨.(ଗ)୩, ୩.(କ)୧୯୬୨, ୪.(ଖ)ୟୁନେସ୍କୋ, ୫.(ଗ)କେକେ ବିରଳା ଫାଉଣ୍ଡେସନ୍, ୬.(ଗ)ଆଶୁ କବ. ୭.(ଖ)କୁନ୍ତଳା କୁମାରୀ, ୮.(ଗ)ପ୍ରଶାନ୍ତ ନନ୍ଦ, ୯.(ଗ)ମୟୁରଭଞ୍ଜ, ୧୦.(ଖ)କାଠ କଣ୍ଢେଇ**

**୧.**(କ)**IHJI** , **୨.**(ଗ)**1677209**, **୩.**(ଗ)ପୂର୍ବ, **୪.**(ଘ)**BCEDA**, **୫.**(ଘ)**192**, **୬.**(କ)**6** , **୭.**(ଘ)**E** , **୮.**(କ)ଶଳା, **୯.**(ଗ) **13**, **୧୦.**(କ)**Iimited**



କାମ କଲେ ହିଁ ଭୁଲ୍ ହେବ, କିଛି ନକରି ମୁଁ ଭୁଲ୍ କରୁନାହିଁ କହିବାର କୌଣସି ଅର୍ଥ ନାହିଁ । - ମୋର୍

## (୧୦) ଇତିହାସ

୧. ଯୁଦ୍ଧ ବିରତି ପୁସ୍ତକର ରଚୟିତା କିଏ ?

(କ)ବାଣଭଟ୍ଟ (ଖ)ଅଶ୍ୱଘୋଷ

(ଗ)ରାଣୀଲକ୍ଷ୍ମୀ ବାଇ (ଘ)ଚୈତନ୍ୟ ଦେବ

୨. ଶିଖ ଧର୍ମର ପ୍ରବର୍ତ୍ତକ କିଏ ?

(କ)ଯୀଶୁଖ୍ରୀଷ୍ଟ (ଖ)ବୁଦ୍ଧଦେବ

(ଗ)ଗୁରୁ ନାନକ (ଘ)ଶଙ୍କରାଚାର୍ଯ୍ୟ

୩. ଐତିହାସିକ ବାରବାଟୀ ଦୁର୍ଗ କାହା ରାଜତ୍ୱକାଳରେ ନିର୍ମିତ ହୋଇଥିଲା ?

(କ)ଅନଙ୍ଗଭୀମ ଦେବ (ଖ)ଗଙ୍ଗେଳଗଙ୍ଗଦେବ

(ଗ)ମୁକୁନ୍ଦ ଦେବ (ଘ) ଲାଙ୍ଗୁଳା ନରସିଂହ ଦେବ

୪. ଇଣ୍ଡୋନେସିଆର ସର୍ବୋଚ୍ଚ ଉପାଧିର ନାମ କ'ଣ ?

(କ)ଭିକ୍ଟୋରିଆ କ୍ରସ୍ (ଖ)ଭୂମିପୁତ୍ର

(ଗ)ଭିକ୍ଟୋରିଆ ମେଡାଲ (ଘ)ସୁପୁତ୍ର

୫. କେଉଁ ଧର୍ମାବଲମ୍ବୀମାନେ ପୁର୍ନଜନ୍ମରେ ବିଶ୍ୱାସ କରୁଥିଲେ ?

(କ)ବୌଦ୍ଧ (ଖ)ଜୈନ

(ଗ)ହିନ୍ଦୁ (ଘ)ମୁସଲମାନ

୬. ଇତିହାସର ଜନକ କିଏ ?

(କ)ପେରିକ୍ଲିସ୍ (ଖ)କ୍ଲାଇସ୍‌ଥେନିସ

(ଗ)ହେରୋଡଟସ୍ (ଘ)କୌଣସିଟି ନୁହେଁ

୭. ବୁଦ୍ଧଦେବ ପ୍ରଥମେ କେଉଁଠାରେ ତାଙ୍କର ଧର୍ମ ପ୍ରଚାର ଆରମ୍ଭ କରିଥିଲେ ?

(କ)ମଗଧ (ଖ)ସାରନାଥ (ଗ)ଗୟା (ଘ)ଓଡ଼ିଶା

୮. ରୋମନଗରୀ ଜଳୁଥିବା ବେଳେ କେଉଁ ସମ୍ରାଟ ବୀଣା ବାଦନ କରୁଥିଲେ ?

(କ)ନୀରୋ (ଖ)ଆଲେକ୍ସାଣ୍ଡର (ଗ)ବିସମାର୍କ (ଘ)ଜୁଲିଆସ ସିଜର

୯. ହିଟଲର କେଉଁ ରାଷ୍ଟ୍ରରେ ଜନ୍ମ ଗ୍ରହଣ କରିଥିଲେ ?

(କ)ପଶ୍ଚିମ ଜର୍ମାନୀ (ଖ)ଅଷ୍ଟ୍ରିଆ (ଗ)ହଲାଣ୍ଡ (ଘ)ଗ୍ରୀସ୍

୧୦. ଇଟାଲୀର ପିସାଟାୱାର ରେ କେତୋଟି ପାହାଚ ଅଛି ?

(କ)୨୦୦ (ଖ)୩୦୦ (ଗ) ୪୦୦ (ଘ)୫୦୦

## (୧୧) ବାଣିଜ୍ୟ

୧. ଓଡିଶାର ଭୁବନେଶ୍ୱର ଜନତା ମଇଦାନରେ ୭ମ ଆନ୍ତର୍ଜାତିକ ବାଣିଜ୍ୟ ମେଳା କେବେଠାରୁ ଆରମ୍ଭ ହେଉଛି ?

(କ)୭ଅକ୍ଟୋବର (ଖ) ୫ଅକ୍ଟୋବର

(ଗ) ୧୦ଅକ୍ଟୋବର (ଘ) ୧୫ଅକ୍ଟୋବର

୨. ବିଶ୍ୱର ପ୍ରଥମ ଉଡ଼ନ୍ତା ବାଇକ୍ ଲଞ୍ଚ ହୋଇଛି– ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୬କୋଟି ୧୮ଲକ୍ଷ ଟଙ୍କା। ଏହାର ଘଣ୍ଟାପ୍ରତି ଅଧିକତମ ବେଗ କେତେ କି.ମି ?

(କ)୫୦କି.ମି (ଖ)୧୦୦କି.ମି (ଗ)୭୦କି.ମି (ଘ)୮୦କି.ମି

୩. ପ୍ରାକୃତିକ ଗ୍ୟାସ ମୂଲ୍ୟରେ କେତେ ପ୍ରତିଶତ ବୃଦ୍ଧି ଘୋଷଣା କରାଯାଇଛି ?

(କ)୪୦% (ଖ) ୫୦% (ଗ) ୩୦% (ଘ)୭୦%

୪. ୫ଜି ସେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବେ ଶୁଭାରମ୍ଭ କରିଛନ୍ତି ?

(କ) ସେପ୍ଟେମ୍ବର ୨ (ଖ)ଅଗଷ୍ଟ୧ (ଗ)ଅକ୍ଟୋବର୧ (ଘ) ଜୁଲାଇ୧୦

୫. କାରରେ ୬ଟି ଏଆର ବେଗ୍ ବ୍ୟବହାର କରିବାର ନିୟମ ଅକ୍ଟୋବର ୧ତାରିଖ୨୦୨୨ ଥିଲା – ଏହାକୁ କେଉଁ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ?

(କ)୨୦୨୩ ପର୍ଯ୍ୟନ୍ତ (ଖ)୨୦୨୫ ବର୍ଷ

(ଗ)୨୦୨୬ବର୍ଷ (ଘ)୨୦୩୦ବର୍ଷ

୬. ଘରେ ବସି କାମ କରୁଥିବା କର୍ମଚାରିମାନଙ୍କ ପାଇଁ ୱିପ୍ରୋ କମ୍ପାନୀ ନୂଆ ନିୟମ ଅନୁସାରେ ସପ୍ତାହକୁ କେତେ ଦିନ ଅଫିସ ଆସିବାକୁ ପଡ଼ିବ ?

(କ) ୨(ଖ) ୩ (ଗ) ୪(ଘ)୫

୭. ଜିଓ କମ୍ପାନୀ କେବେଠାରୁ ତା'ର ୫ଜି ସେବା ପ୍ରାରମ୍ଭିକ ପରୀକ୍ଷଣ ୪ଟି ସହରରେ ଆରମ୍ଭ କରିଛି ?

(କ)୧ଅକ୍ଟୋବର (ଖ) ୩ଅକ୍ଟୋବର (ଗ) ୪ଅକ୍ଟୋବର (ଘ)୫ଅକ୍ଟୋବର

୮. ୨୦୨୨ରେ ଭାରତ ସଂଚରର ନିଗମ କେଉଁ ମାସରୁ ତାର ୪ଜି ସେବା ଆରମ୍ଭ କରିବାକୁ ଯାଉଛି ?

(କ)ଅଗଷ୍ଟ (ଖ)ସେପ୍ଟେମ୍ବର (ଗ) ଅକ୍ଟୋବର (ଘ)ନଭେମ୍ବର

୯. ବିଶ୍ୱ ବ୍ୟାଙ୍କ ଭାରତର ବିକାଶ ଅନୁମାନ ହାର ୨୦୨୨-୨୩ କେତେ ପ୍ରତିଶତ ଆକଳନ କରିଛି ?

(କ)୬.୫ (ଖ) ୬.୯ (ଗ) ୭.୦ (ଘ)୬.୮

୧୦. କେଉଁ ସୋସିଆଲ ମିଡ଼ିଆ ମେସେଜ ଚ୍ୟାଟକୁ ସ୍କ୍ରିନଶଟ୍ ସେବାକୁ ବନ୍ଦ କରିଛି ?

(କ)ଟେଲିଗ୍ରାମ (ଖ) ଟ୍ୱିଟର (ଗ) ହ୍ୱାଟସଆପ(ଘ)ଇନ୍‌ଷ୍ଟାଗ୍ରାମ

**ଉତ୍ତର**

**୧.(ଖ)ଅଶ୍ୱଘୋଷ, ୨.(ଗ)ଗୁରୁ ନାନକ, ୩.(କ)ଅନଙ୍ଗଭୀମ ଦେବ, ୪.(ଖ)ଭୂମିପୁତ୍ର, ୫.(ଗ)ହିନ୍ଦୁ, ୬.(ଗ)ହେରୋଡଟସ୍, ୭.(ଖ)ସାରନାଥ, ୮.(କ)ନୀରୋ, ୯.(ଖ)ଅଷ୍ଟ୍ରିଆ, ୧୦.(ଘ)୫୦୦**

**୧.(କ)୭ଅକ୍ଟୋବର, ୨.(ଖ)୧୦୦କି.ମି, ୩.(କ)୪୦%, ୪.(ଗ)ଅକ୍ଟୋବର୧, ୫.(କ)୨୦୨୩ ପର୍ଯ୍ୟନ୍ତ, ୬.(ଖ)୩ ୭.(ଘ)୫ଅକ୍ଟୋବର, ୮.(ଘ)ନଭେମ୍ବର, ୯.(କ)୬.୫, ୧୦.(ଗ)ହ୍ୱାଟସଆପ**



କଠିନ ପରିଶ୍ରମ କୌଣସି କାର୍ଯ୍ୟକୁ ହାସଲ କରିପାରିବ ନାହିଁ, ଏଭଳି ଖୁବ୍ କମ୍ କଥା ଏ ଜଗତରେ ଅଛି। – ରେନ୍‌ଲୋର୍ଡ୍

## (୧୨) ଅର୍ଥନୀତି

୧. କେନ୍ଦ୍ର ସରକାରଙ୍କର ମହଙ୍ଗା ଭତ୍ତା ୩୪% ପ୍ରତିଶତରୁ କେତେ ପ୍ରତିଶତ ପୂଜାଭେଟି ଭଳି ବୃଦ୍ଧି ପାଇଛି ?
(କ)୩୬% (ଖ)୩୭% (ଗ)୩୮% (ଘ)୪୦%

୨. ଗତ ଆର୍ଥିକ ବର୍ଷ ତୁଳନାରେ ଏ ବର୍ଷ ଅଗଷ୍ଟ ସୁଦ୍ଧା ଓଡ଼ିଶାର ରାଜସ୍ୱ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୧୫.୫୫% (ଖ)୧୪.୫୫% (ଗ)୧୩.୫୫% (ଘ)୧୫.୫୪%

୩. ଦ୍ରବ୍ୟ ଏବଂ ସେବାକର ବା ଜି.ଏସ.ଟି. ଆଦାୟରେ ସେପ୍ଟେମ୍ବର-୨୦୨୨ ରେ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୨୦% (ଖ) ୨୨% (ଗ)୨୩% (ଘ)୨୬%

୪. ୟୁପିଆଇରେ ଓ ନେଟ୍ ବ୍ୟାଙ୍କିଙ୍ଗ୍ ରେ ଯଦି କାହା ଆକାଉଣ୍ଟ କୁ ଭୁଲରେ ପଇସା ଚାଲିଯାଏ - କେତେ ଘଣ୍ଟା ମଧ୍ୟରେ ରିଫଣ୍ଡ କରାଯାଇ ପାରିବ ?
(କ)୫୦ଘ. (ଖ)୪୮ଘ. (ଗ)୪୨ଘ. (ଘ)୬୦ଘ.

୫. ରେପୋରେଟ୍ ହେଉଛି ଆଇ ବି ଆଇ କମର୍ସିଆଲ ବ୍ୟାଙ୍କ କୁ ଦେଉଥିବା ଋଣ ଉପରେ ସୁଧ। ଏବେ ରିଜର୍ଭ ବ୍ୟାଙ୍କ ୫୦ ବେସିସ୍ ପଏଣ୍ଟରେ ବଢ଼ାଇବା ପରେ ରେପୋରେଟ୍ କେତେ ପ୍ରତିଶତ ହୋଇଛି ?
(କ)୪.୫% (ଖ)୫.୯% (ଗ)୬.୨% (ଘ)୭.୩%

୬. ନୂଆ ନିୟମ ଅନୁସାରେ ଜଣେ ଗ୍ରାହକ ବର୍ଷକୁ କେତୋଟି ଗ୍ୟାସ ସିଲିଣ୍ଡରରୁ ଅଧିକ ପାଇବେ ନାହିଁ?
(କ)୧୫ଟି (ଖ)୨୦ଟି (ଗ)୧୨ଟି (ଘ)୧୪ଟି

୭. ଆମେରୀକୀୟ ଡଲାର ତୁଳନାରେ ଘରୋଇ ଟଙ୍କାର ବିନିମୟ ମୂଲ୍ୟ ସେପ୍ଟେମ୍ବର ସୁଦ୍ଧା ୨୦ବର୍ଷର ସର୍ବୋଚ୍ଚ ସ୍ତରରେ କେତେ ଟଙ୍କାରେ ରହିଛି ?
(କ)୮୦.୫ (ଖ)୮୧.୬୩ (ଗ)୮୦.୭୯ (ଘ) ୭୯.୫୪

୮. ପ୍ରତିଷ୍ଠିତ "ୱିପ୍ରୋ" କମ୍ପାନୀ ମୁନ୍‌ଲାଇଟିଂ ଅର୍ଥାତ ପ୍ରତିଦ୍ୱନ୍ଦୀ କମ୍ପାନୀମାନଙ୍କ ପାଇଁ କାମ କରୁଥିବା କେତେଜଣ କର୍ମଚାରୀଙ୍କୁ ଚାକିରୀ ରୁ ବହିଷ୍କାର କରିଛି ?
(କ)୪୦୦ଜଣ (ଖ) ୩୦୦ଜଣ (ଗ)୧୦୦ଜଣ (ଘ)୫୦ଜଣ

୯. ଟାଟା ସନସ୍ ର ଅଧ୍ୟକ୍ଷ ରତନଟାଟା କେଉଁ ଫଣ୍ଡର ନୂତନ ଟ୍ରଷ୍ଟିଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ?
(କ)ପ୍ରଧାନମନ୍ତ୍ରୀ କେୟାର ଫଣ୍ଡ (ଖ)ସେକ୍ରେସ ଫଣ୍ଡ
(ଗ)ପ୍ରାକୃତିକ ବିପର୍ଯ୍ୟୟ ଫଣ୍ଡ (ଘ)କୌଣସିଟି ନୁହେଁ

୧୦. ଚଳିତ ଆର୍ଥିକ ବର୍ଷର ତୃତୀୟ ତୈମାସିକ (ଅକ୍ଟୋବର-ଡିସେମ୍ବର) ପାଇଁ ସରକାର ସ୍ୱଳ୍ପ ସଞ୍ଚୟ ସ୍କିମ୍ ସୁଧରେ ୦.୧% ରୁ କେତେ ଶତକଡା ବୃଦ୍ଧି କରିଛନ୍ତି ?
(କ)୦.୩% (ଖ)୦.୪% (ଗ)୦.୫% (ଘ) ୦.୬%

## (୧୩) କ୍ରୀଡ଼ା

୧. ଡାଇମଣ୍ଡ ଲିଗ୍ ଆଥଲେଟିକ୍ସରେ ନୀରଜ ଚୋପ୍ରାଙ୍କ ପୂର୍ବରୁ ଆଉ କେଉଁ ଭାରତୀୟ ଆଥଲେଟ୍ ସ୍ୱର୍ଣ୍ଣପଦକ ଜିତିଛନ୍ତି ?
(କ) ବିକାଶ ଗୌଡ଼ା (ଖ) ଅଞ୍ଜୁ ବବି ଜର୍ଜ
(ଗ) କ୍ରିଷ୍ଣା ପୁନିଆ (ଘ) କେହି ଜିତି ନାହାନ୍ତି

୨. ଏବେ ଚେସ୍ ଖେଳରେ ବିଶ୍ୱ ଚାମ୍ପିଆନ ରହିଥିବା ମ୍ୟାଗନସ୍ କାର୍ଲସେନ୍ କେଉଁ ଦେଶର ନାଗରିକ ?
(କ) ସ୍ୱିଡେନ୍ (ଖ) ନରୱେ (ଗ) ଡେନ୍‌ମାର୍କ (ଘ) ଜର୍ମାନୀ

୩. ୨୦୨୨ର ଜୁଲିଅସ ବେଅର୍ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତାର ଫାଇନାଲରେ ମ୍ୟାଗନସ୍ କାର୍ଲସେନ୍‌ଙ୍କଠାରୁ ପରାଜିତ ହୋଇ ରନର୍ସ ଅପ୍ ହୋଇଥିବା ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ ନାମ କ'ଣ ?
(କ) ଅର୍ଜୁନ ଏରିଗେସି (ଖ) ଆର୍ ପ୍ରଜ୍ଞାନାନନ୍ଦ
(ଗ) ପି ହରିକ୍ରିଷ୍ଣା (ଘ) ନିହାଲ ସରୀନ୍

୪. ଗତ ଅଗଷ୍ଟ ମାସରେ ଭାରତର ୭୫ତମ ଚେସ୍ ଗ୍ରାଣ୍ଡମାଷ୍ଟର ବନିଥିବା ଖେଳାଳିଙ୍କ ନାମ କ'ଣ ?
(କ) ପ୍ରଣବ ଆନନ୍ଦ (ଖ) ରାହୁଲ ଶ୍ରୀବାସ୍ତବ
(ଗ) ପ୍ରଣବ ଭେଙ୍କଟେଶ (ଘ) ଭରତ ସୁବ୍ରମଣ୍ୟମ

୫. ୨୦୨୨ର ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପର କେତେତମ ସଂସ୍କରଣ ଆୟୋଜିତ ହେଉଛି ?
(କ) ସପ୍ତମ (ଖ) ଅଷ୍ଟମ (ଗ) ନବମ (ଘ) ଦଶମ

୬. ୨୦୨୨ର ଟି-ଟ୍ୱେଣ୍ଟି ବିଶ୍ୱ କପରେ ଏମାନଙ୍କ ମଧ୍ୟରୁ କେଉଁ ଦେଶ ଅଂଶଗ୍ରହଣ କରୁଛି ?
(କ) ନେପାଳ (ଖ) ଓମାନ୍ (ଗ) ନାମ୍ବିଆ (ଘ) ହଂକଂ

୭. ୟୁ.ଏ.ଇ.ରେ ଆୟୋଜିତ ୨୦୨୨ର ଏସିଆ କପ କ୍ରିକେଟ ପ୍ରତିଯୋଗିତାରେ କେଉଁ ଦେଶ ଚାମ୍ପିଆନ ହୋଇଛି ?
(କ) ପାକିସ୍ତାନ (ଖ) ଭାରତ (ଗ) ବାଂଲାଦେଶ (ଘ) ଶ୍ରୀଲଙ୍କା

୮. କେଉଁ ପ୍ରତିଯୋଗିତାରେ ଖେଳିବା ପରେ ମହାନ ତାରକା ରୋଜର ଫେଡେରର୍ ଟେନିସ ଖେଳରୁ ଅବସର ନେଇଯାଇଛନ୍ତି ?
(କ) ୱିମ୍ବଲଡନ୍ (ଖ) ୟୁ.ଏସ. ଓପନ୍
(ଗ) ସ୍ୱିସ୍ ଓପନ୍ (ଘ) ଲେଭର୍ କପ୍

୯. ଏବେ ଅବସର ନେଇଥିବା ଟେନିସ ତାରକା ସେରେନା ୱିଲିୟମ୍ସ ମୋଟ କେତୋଟି ଗ୍ରାଣ୍ଡ ସ୍ଲାମ୍ ମହିଳା ସିଂଗଲ୍ସ ଟାଇଟେଲ ଜିତିଛନ୍ତି ?
(କ) ୨୧ଟି (ଖ) ୨୨ଟି (ଗ) ୨୩ଟି (ଘ) ୨୪ଟି

୧୦. ଜାନୁଆରୀ-୨୦୨୩ରେ ଆରମ୍ଭ ହେଉଥିବା ବିଶ୍ୱକପ୍ ହକି ପ୍ରତିଯୋଗିତା ଭୁବନେଶ୍ୱର ସହିତ ଆଉ କେଉଁ ସ୍ଥାନରେ ଖେଳାଯିବ ?
(କ) ରାଉରକେଲା (ଖ) କଟକ (ଗ) ରାଞ୍ଚି (ଘ) ଦିଲ୍ଲୀ

**ଉତ୍ତର**

**୧.(ଗ)୩୮%, ୨.(କ)୧୫.୫୫%, ୩.(ଘ)୨୬%, ୪.(ଖ)୪୮ଘ., ୫.(ଖ)୫.୯%, ୬.(କ)୧୫ଟି, ୭.(ଖ)୮୧.୬୩ (ସେପ୍ଟେମ୍ବର ମାସରେ), ୮.(ଖ) ୩୦୦ଜଣ ୯.(କ)ପ୍ରଧାନମନ୍ତ୍ରୀ କେୟାର ଫଣ୍ଡ, ୧୦.(କ)୦.୩%**

**୧.(ଘ) କେହି ଜିତି ନାହାନ୍ତି, ୨.(ଖ) ନରୱେ, ୩.(କ) ଅର୍ଜୁନ ଏରିଗେସି, ୪.(ଗ) ପ୍ରଣବ ଭେଙ୍କଟେଶ, ୫.(ଖ) ଅଷ୍ଟମ, ୬.(ଗ) ନାମ୍ବିଆ, ୭.(ଘ) ଶ୍ରୀଲଙ୍କା, ୮.(ଘ) ଲେଭର୍ କପ, ୯.(ଗ) ୨୩ଟି, ୧୦.(କ) ରାଉରକେଲା**



କଥା ଓ କାର୍ଯ୍ୟ ଭିତରେ ଦୂରତା ଯେତିକି ବଢ଼ି ଯାଉଥାଏ; ମନୁଷ୍ୟ ପଶୁ ସ୍ତରକୁ ସେତିକି ଖସି ଖସି ଯାଉଥାଏ। - ମେର୍

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ମାର୍କଣ୍ଡେୟ ପୁରାଣରେ ସ୍ଥାନିତ ଦେବୀ ମହାତ୍ମ୍ୟର ସାତଶହ ଶ୍ଳୋକ ଦୁର୍ଗା ସପ୍ତଶତୀ ନାମରେ ପରିଚିତ । ଏହାର ରଚୟିତା କିଏ ?
(କ) ମହର୍ଷି ମାର୍କଣ୍ଡେୟ (ଖ) ମହର୍ଷି ବାଲ୍ମୀକି
(ଗ) ମହର୍ଷି ବ୍ୟାସ (ଘ) ମହର୍ଷି ଅଗସ୍ତ୍ୟ

୨. ସମ୍ରାଟ ହର୍ଷବର୍ଦ୍ଧନଙ୍କ ଜୀବନୀ ସମ୍ବନ୍ଧରେ ସଂସ୍କୃତରେ ଲିଖିତ 'ହର୍ଷଚରିତ'ର ରଚୟିତା କିଏ ?
(କ) ଭାସ (ଖ) କାଳିଦାସ (ଗ) ଶୁଦ୍ରକ (ଘ) ବାଣଭଟ୍ଟ

୩. ମହାକବି ଜୟଦେବଙ୍କ ଗୀତଗୋବିନ୍ଦକୁ କେଉଁ ଭାଷାରେ ଅନୁବାଦ କରି ଦମୟନ୍ତୀ ବେସ୍ରା କେନ୍ଦ୍ର ସାହିତ୍ୟ ଅକାଦେମୀର ଅନୁବାଦ ପୁରସ୍କାର ଲାଭ କରିଛନ୍ତି ?
(କ) କୁଇ (ଖ) ସାନ୍ତାଳୀ (ଗ) ମୈଥିଳୀ (ଘ) ଡୋଗ୍ରୀ

୪. ଓଡ଼ିଆ ଭାଷା ନିମନ୍ତେ ବର୍ଷ ୨୦୨୧ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମିର ଅନୁବାଦ ପୁରସ୍କାର ସାହିତ୍ୟ ପୁରସ୍କାର କିଏ ପାଇଛନ୍ତି ?
(କ) ଅଜୟ ପଟ୍ଟନାୟକ (ଖ) ଗୌରହରି ଦାସ
(ଗ) ଶ୍ରଦ୍ଧାଞ୍ଜଳି କାନୁନଗୋ (ଘ) ନରେନ୍ଦ୍ରପ୍ରସାଦ ଦାସ

୫. ଭଦ୍ରବାହୁଙ୍କ ଦ୍ୱାରା ରଚିତ 'କଳ୍ପସୂତ୍ର' ଗ୍ରନ୍ଥ କେଉଁ ଧର୍ମ ସହିତ ସମ୍ବନ୍ଧିତ ଏକ ଅନନ୍ୟ ସାହିତ୍ୟ କୃତି ଅଟେ ?
(କ) ହିନ୍ଦୁ ଧର୍ମ (ଖ) ବୌଦ୍ଧ ଧର୍ମ
(ଗ) ଜୈନ ଧର୍ମ (ଘ) ଶିଖ ଧର୍ମ

୬. ଗତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ବର୍ଷ ୨୦୨୦ପାଇଁ ଦାଦାସାହେବ ଫାଲକେ ପୁରସ୍କାର ପାଇଥିବା ଅଭିନେତ୍ରୀ କିଏ ?
(କ) ଓ୍ୱହିଦା ରହମାନ (ଖ) ବୈଜୟନ୍ତୀମାଳା ବାଲି
(ଗ) ଆଶା ପାରେଖ (ଘ) ହେମା ମାଲିନୀ

୭. ସୁନ୍ଦର ଚିତ୍ରକଳା ପାଇଁ ପ୍ରସିଦ୍ଧ ମୀନାକ୍ଷୀ ମନ୍ଦିର ତାମିଲନାଡୁ ରାଜ୍ୟର କେଉଁ ସ୍ଥାନରେ ଅବସ୍ଥିତ ?
(କ) ତିରୁଚିରାପଲ୍ଲୀ (ଖ) ସୁଚୀନ୍ଦ୍ରମ (ଗ) ତାଞ୍ଜାବୁର୍ (ଘ) ମଦୁରାଇ

୮. ଏବେ ଦୂରଦର୍ଶନରେ ପ୍ରସାରିତ ହେଉଥିବା କେଉଁ ଧାରାବାହିକରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସମଗ୍ର ଗାଥା ବର୍ଣ୍ଣିତ ହେଉଛି ?
(କ) ପୋରସ୍ (ଖ) ସ୍ୱରାଜ (ଗ) ଆଜାଦୀ (ଘ) ଶହୀଦ

୯. ଶାରଦୀୟ ଦୁର୍ଗାପୂଜାର ଅୟମାରମ୍ଭ କିଏ କରିଥିଲେ ବୋଲି ବିଶ୍ୱାସ କରାଯାଏ ?
(କ) ରାବଣ (ଖ) ଶ୍ରୀରାମ (ଗ) ପର୍ଶୁରାମ (ଘ) ବିଭୀଷଣ

୧୦. କୋଲକାତାର ଦକ୍ଷିଣେଶ୍ୱର କାଳୀ ମନ୍ଦିର କିଏ ନିର୍ମାଣ କରାଇଥିଲେ ?
(କ) ରାଜଚନ୍ଦ୍ର ଦାସ (ଖ) ଈଶ୍ୱରଚନ୍ଦ୍ର ବିଦ୍ୟାସାଗର
(ଗ) ରାନୀ ରାସମୋନି (ଘ) ରାମକୃଷ୍ଣ ପରମହଂସ

## (୧୫) ଭୂଗୋଳ

୧. ଏସିଆର ଉଚ୍ଚତମ ସ୍ଥାନ କିଏ ?
(କ)ମାଉଣ୍ଟ ଏଭରେଷ୍ଟ (ଖ)କାଞ୍ଚନଜଙ୍ଘା (ଗ)ବିନ୍ଧ୍ୟ (ଘ)ହିନ୍ଦୁକୁଶ

୨. ଯେଉଁ ଭୂମିକୁଦର ଶିଖର ତଳ ଅପେକ୍ଷା ଛୋଟ ଏବଂ ଉଚ୍ଚତା ତିନିଶହ ମିଟର ବା ୧୦୦୦ ଫୁଟର କମ୍ ତାକୁ କ'ଣ କୁହାଯାଏ ?
(କ)ପର୍ବତ (ଖ) ପାହାଡ (ଗ)ପର୍ବତମାଳା (ଘ)ଶୃଙ୍ଗ

୩. କେଉଁଟି ବୃହତ୍ତ ମହାସାଗର ଅଟେ ?
(କ)ପ୍ରଶାନ୍ତ ମହାସାଗର (ଖ)ଆଣ୍ଟାର୍କାଟିକା ମହାସାଗର
(ଗ)ଦକ୍ଷିଣ ମହାସାଗର (ଘ)ଭାରତ ମହାସାଗର

୪. ସମୁଦ୍ରର ଗଭୀରତା ମାପିବା ପାଇଁ କେଉଁ ଏକକ ବ୍ୟବାହାର ହୁଏ ?
(କ)ମିଟର (ଖ)ଫୁଟ (ଗ)ଫାଦମ (ଘ) ଫର୍ଲଙ୍ଗ

୫. ସମୁଦ୍ରପଥର ଗଭୀରତା ଦୂରତ ମାପ କରିବା ପାଇଁ କେଉଁ ଏକକ ବ୍ୟବାହାର କରାଯାଏ ?
(କ)ମାଇଲ (ଖ)ଫାଦମ (ଗ)ନଟିକାଲ ମାଇଲ (ଘ) କିଲୋମିଟର

୬. ସବୁଠାରୁ ବୃହତ୍ତମ ସାଗର ନାମ କ'ଣ ?
(କ)ଦକ୍ଷିଣ ଚୀନ ସାଗର (ଖ)ମାଳୟ ସାଗର
(ଗ)ଆଣ୍ଡାମାନ ସାଗର (ଘ)କାଷ୍ପିଆନ ସାଗର

୭. ପୃଥିବୀର ଦୀର୍ଘତମ ନଦୀ କିଏ ?
(କ)ନୀଳ ନଦୀ (ଖ)ଆମାଜନ ନଦୀ (ଗ)ପୀତ ନଦୀ (ଘ)ମହାନଦୀ

୮. ପୃଥିବୀର ବୃହତ୍ତମ ମାଳଭୂମି କିଏ ?
(କ)ପାମିର ମାଳଭୂମି (ଖ)କିଂଘାଲ ତିବ୍ବତ ମାଳଭୂମି
(ଗ)ଦେଓସାଇ (ଘ)ଡେକାନ

୯. କେଉଁ ଦେଶରେ ସର୍ବାଧିକ ନଦୀ ଅଛି ?
(କ)ପାକିସ୍ଥାନ (ଖ)ଚୀନ (ଗ)ବ୍ରହ୍ମଦେଶ (ଘ)ଭାରତ

୧୦. ପୃଥିବୀର ବୃହତ୍ତମ ମରୁଭୂମିର ନାମ କ'ଣ ?
(କ)ଥର ମରୁଭୂମି (ଖ)ସାହାର ମରୁଭୂମି
(ଗ)ଗୋବି ମରୁଭୂମି (ଘ)ପାରସ୍ୟ ମରୁଭୂମି

**ଉତ୍ତର**

**୧.(କ)ମହର୍ଷି ମାର୍କଣ୍ଡେୟ, ୨.(ଘ)ବାଣଭଟ୍ଟ, ୩.(ଖ)ସାନ୍ତାଳୀ, ୪.(ଖ)ଗୌରହରି ଦାସ, ୫.(ଗ)ଜୈନ ଧର୍ମ, ୬.(ଗ)ଆଶା ପାରେଖ, ୭.(ଘ)ମଦୁରାଇ, ୮.(ଖ)ସ୍ୱରାଜ, ୯.(ଖ) ଶ୍ରୀରାମ, ୧୦.(ଗ)ରାନୀ ରାସମୋନି**

**୧.(କ)ମାଉଣ୍ଟ ଏଭରେଷ୍ଟ, ୨.(ଖ)ପାହାଡ, ୩.(କ)ପ୍ରଶାନ୍ତ ମହାସାଗର, ୪.(ଗ)ଫାଦମ, ୫.(ଗ)ନଟିକାଲ ମାଇଲ, ୬.(କ)ଦକ୍ଷିଣ ଚୀନ ସାଗର, ୭.(କ)ନୀଳ ନଦୀ, ୮.(ଖ)କିଂଘାଲ ତିବ୍ବତ ମାଳଭୂମି, ୯.(ଖ)ଚୀନ, ୧୦.(ଖ)ସାହାର ମରୁଭୂମି**



କର୍ମରତ ରହିବା କଳାକୁ ଯିଏ ଆୟତ୍ତ କରିପାରିଛି, ସେ ଜୀବନରେ ଖୁବ୍ ଶକ୍ତିଶାଳୀ ହୋଇ ଉଠିଛି । - ପାର୍କର୍

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ମିଳିତ ଜାତିସଂଘରେ ଅସ୍ଥାୟୀ ସଦସ୍ୟଙ୍କର ସଂଖ୍ୟା କେତେ ?

(କ) ୫ (ଖ) ୧୦ (ଗ) ୧୫ (ଘ) ୨୦

୨. ବିଶ୍ୱବାଣିଜ୍ୟ ସଂଗଠନ କେବେ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୯୧ (ଖ) ୧୯୯୪ (ଗ) ୧୯୯୫ (ଘ) ୧୯୯୬

୩. ଭାରତ ସମେତ କେତୋଟି ଦେଶ ମିଳିତ ଜାତିସଂଘର ପ୍ରତିଷ୍ଠାତା ସଦସ୍ୟ ଅଟନ୍ତି ?

(କ) ୬୦ଟି (ଖ) ୫୦ଟି (ଗ) ୪୫ଟି (ଘ) ୪୦ଟି

୪. ଆନ୍ତର୍ଜାତିକ ନ୍ୟାୟାଳୟର ମୁଖ୍ୟ ଦପ୍ତର କେଉଁ ସହରରେ ଅବସ୍ଥିତ ଅଟେ ?

(କ) ୱାଶିଂଟନ (ଖ) ଦିହେଗ (ଗ) ଇଂଲଣ୍ଡ (ଘ) ସିଙ୍ଗାପୁର

୫. ସମ୍ବିଧାନ ପ୍ରସ୍ତାବନାରେ ସମାଜବାଦୀ, ଧର୍ମନିରପେକ୍ଷତା ଏବଂ ଅଖଣ୍ଡତା ଶବ୍ଦ ନୂଆକରି କେତେତମ ସମ୍ବିଧାନ ସଂଶୋଧନ ଯୋଗ କରାଯାଇଛି ?

(କ) ୪୧ (ଖ) ୪୨ (ଗ) ୪୫ (ଘ) ୬୬

୬. କେଉଁ ଦେଶର ସଂସଦ ସର୍ବପୁରାତନ ଅଟେ ?

(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ଇଂଲଣ୍ଡ (ଗ) ସୁଇଜରଲ୍ୟାଣ୍ଡ

୭. ଜଣେ ଲୋକ ସଭାସଦସ୍ୟଙ୍କର ବୟସ ୨୫ ହେବା ବେଳେ ରାଜ୍ୟସଭାର ସଦସ୍ୟ ହେବାପାଇଁ ସର୍ବନିମ୍ନ ବୟସ କେତେ ?

(କ) ୨୫ (ଖ)୨୮ (ଗ) ୩୦ (ଘ) ୩୫

୮. ବର୍ତ୍ତମାନ ଲୋକସଭାର ସଦସ୍ୟଙ୍କର ସଂଖ୍ୟା କେତେ ?

(କ) ୫୫୨ (ଖ) ୫୪୫ (ଗ) ୫୨୫ (ଘ)୫୧୫

୯. ମତଦାତା ପାଇଁ ସର୍ବନିମ୍ନ ବୟସ କେତେ ?

(କ) ୧୮ (ଖ) ୨୧ (ଗ) ୨୫ (ଘ) ୩୦

୧୦. ରାଜ୍ୟସଭା ଅର୍ଥ ବିଧେୟକକୁ କେତେ ଦିନ ବିଳମ୍ବ କରିପାରିବ ?

(କ) ୧୦ (ଖ)୧୪ (ଗ) ୧୬ (ଘ) ୨୦

## (୧୭) କମ୍ପ୍ୟୁଟର ଶିକ୍ଷା

୧. କିଏ ଆଧୁନିକ ତଥ୍ୟ ସଂଶୋଧନର ପିତା ରୂପେ ପରିଚିତ ?

(କ)ଭାନ୍ ନେଭର୍ ବୁସ୍ (ଖ)କ୍ଲଉଡ଼ି ସେନନ୍
(ଗ)ଡ. ହରମ୍ୟାନ୍ ହୋଲେରିଥ୍ (ଘ)ଜନ୍ ମଚଲେ

୨. ୧୯୫୨ ମସିହାରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ସଠିକ୍ ଭବିଷ୍ୟବାଣୀ ଶୁଣାଇଥିବା କମ୍ପ୍ୟୁଟରଟିର ନାମ କ'ଣ ଥିଲା ?

(କ) ଆଇ.ବି.ଏମ୍.-୭୦୧ (ଖ)ୟୁନିଭାକ୍-୧
(ଗ)ଆଇ.ବି.ଏମ୍.-୬୫୦ (ଘ)ଏନିଆକ୍

୩. କମ୍ପ୍ୟୁଟରର ଟି.ଭି. ପରଦାପରି ଅଂଶକୁ ମନିଟର ବା ଦୃଶ୍ୟ ପ୍ରଦର୍ଶକ ବା ଭି.ଡ଼ି.ୟୁ. କୁହାଯାଇଥାଏ। ଏହି ଭି.ଡ଼ି.ୟୁ. ର ସମ୍ପୂର୍ଣ୍ଣ ନାମ କ'ଣ ?

(କ)ଭର୍ଚୁଆଲ୍ ଡିସ୍‌ପ୍ଲେ ୟୁନିଟ୍ (ଖ)ଭେରି ଡାର୍ଟି ୟୁନିଟ୍
(ଗ)ଭିଜୁଆଲ୍ ଡିସ୍‌ପ୍ଲେ ୟୁନିଟ୍ (ଘ)ଭିଡ଼ିଓ ଡାଟା ୟୁନିଟ୍

୪. ବ୍ୟବସାୟ, ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ କେଉଁ କମ୍ପ୍ୟୁଟର ଭାଷାର ବହୁଳ ପ୍ରଚଳନ ହେଉଅଛି ?

(କ)ପାସ୍କାଲ (ଖ)ବେସିକ (ଗ) କୋବଲ୍ (ଘ) ଆଲଗୋଲ

୫. ଉଚ୍ଚମାନର କମ୍ପ୍ୟୁଟର ଭାଷା 'ପାସ୍କାଲ' କୁ ପ୍ରଥମେ କିଏ ରୂପ ଦେଇଥିଲେ ?

(କ)ପ୍ରଫେସର ଜନ୍ ମାକାର୍ଥି (ଖ)ଫ୍ରେଡ୍ କୋହେନ୍
(ଗ)ନିକୋଲାସ୍ ୱିର୍ଥ (ଘ) ସିମର କ୍ରେ

୬. ପ୍ରଥମେ କେବେ 'ରୋବଟ୍' କାରଖାନାରେ ସଫଳତାର ସହିତ କାର୍ଯ୍ୟ କରିଥିଲା ?

(କ) ୧୯୪୬ (ଖ) ୧୯୫୨ (ଗ) ୧୯୫୬ (ଘ)୧୯୬୧

୭. କମ୍ପ୍ୟୁଟର ଭାଇରସ୍ ଶବ୍ଦ କିଏ ପ୍ରଚଳନ କରିଥିଲେ ?

(କ)ଜନ୍ ମାକାର୍ଥି (ଖ)ଫ୍ରେଡ୍ କୋହେନ୍
(ଗ) ହାୱାର୍ଡ଼ ଆକେନ (ଘ)ଜେ.ଏସ୍.କିଲ୍‌ବି

୮. ପ୍ରଥମେ କେଉଁ ମସିହାରେ ଭାରତକୁ କମ୍ପ୍ୟୁଟର ଆସିଥିଲା ?

(କ)୧୯୪୫ (ଖ)୧୯୪୬ (ଗ)୧୯୫୮ (ଘ)୧୯୬୪

୯. ପ୍ରଥମେ କେବେଠାରୁ ମାଇକ୍ରୋସଫ୍‌ଟ ୱିଣ୍ଡୋଜ୍ ପ୍ରଚଳିତ ହୋଇଥିଲା ?

(କ)୧୯୭୯ (ଖ)୧୯୮୫ (ଗ) ୧୯୮୮ (ଘ) ୧୯୯୧

୧୦. ପ୍ରଥମେ ଭାରତର କେଉଁଠାରେ କମ୍ପ୍ୟୁଟର ସ୍ଥାପିତ ହୋଇଥିଲା ?

(କ)ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋର
(ଖ)ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, କାନପୁର
(ଗ)ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍, କୋଲକତା
(ଖ)ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକାଲ୍ ସାଇନ୍‌ସ, ଚେନ୍ନାଇ

**ଉତ୍ତର**

**୧.(ଗ)୧୫, ୨.(ଗ)୧୯୯୫, ୩.(ଖ)୫୦ଟି, ୪.(ଖ)ଦିହେଗ, ୫.(ଖ)୪୨, ୬.(ଖ)ଇଂଲଣ୍ଡ, ୭.(ଗ)୩୦, ୮.(ଖ)୫୪୫, ୯.(କ)୧୮, ୧୦.(ଖ)୧୪**

**୧.(ଗ)ଡ. ହରମ୍ୟାନ୍ ହୋଲେରିଥ୍, ୨.(ଖ)ୟୁନିଭାକ୍-୧, ୩.(ଗ)ଭିଜୁଆଲ୍ ଡିସ୍‌ପ୍ଲେ ୟୁନିଟ୍, ୪.(କ)ପାସ୍କାଲ, ୫.(ଗ)ନିକୋଲାସ୍ ୱିର୍ଥ, ୬.(ଘ)୧୯୬୧, ୭.(ଖ)ଫ୍ରେଡ୍ କୋହେନ୍, ୮.(ଖ)୧୯୪୬, ୯.(ଖ)୧୯୮୫, ୧୦.(ଗ)ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍, କୋଲକତା**



କୁସଙ୍ଗରୁ ଦିନେ ତୁମେ ହୁଏତ ନିଜକୁ ଉଦ୍ଧାର କରିପାରିବ, କିନ୍ତୁ କୁ-ପୁସ୍ତକର ପ୍ରଭାବରୁ କେବେ ମୁକ୍ତି ନାହିଁ। - ଫିଲ୍‌ଡଙ୍ଗ୍

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏଫ.ପି.ସ. ଏକକ ପଦ୍ଧତିରେ ଲମ୍ବର ମାପର ମାନକ ଏକକ କ'ଣ ?
(କ)ଫୁଟ (ଖ)ଗଜ (ଗ)ମିଟର (ଘ)ମାଇଲ୍

୨. ଗଜ ମାପ ପ୍ରଥମେ କେଉଁ ଦେଶରେ ପ୍ରଚଳିତ ହୋଇଥିଲା ?
(କ)ଇଂଲଣ୍ଡ (ଖ)ଫ୍ରାନ୍ସ (ଗ)ଚୀନ (ଘ) ଜର୍ମାନ

୩. କେତେ ଗଜରେ ଏକ ମାଇଲ ହୁଏ ?
(କ)୧୬୭୦ ଗଜ (ଖ)୧୭୨୦ ଗଜ
(ଗ)୧୫୭୫ ଗଜ (ଘ)୧୭୬୦ ଗଜ

୪.ଏକ ଫର୍ଲଙ୍ଗ ମାନେ କେତେ ମିଟର ?
(କ)୨୦୧ ମି. (ଖ)୧୬୦ ମି.
(ଗ)୨୬୭ ମି. (ଘ)୩୨୦ ମି.

୫.ବୀଜଗଣିତର ସ୍ରଷ୍ଟା ରୂପେ କିଏ ଖ୍ୟାତ ?
(କ)ଡାୟାଫାଣ୍ଟସ୍ (ଖ)ହିରୋନ୍
(ଗ)ପାଇଥାଗୋରାସ୍ (ଘ)ୟୁକ୍ଲିଡ୍

୬. ବୀଜଗଣିତରେ ପ୍ରଥମ ଇଂରାଜୀ ବର୍ଣ୍ଣମାଳାର ସ୍ୱର୍ଣ୍ଣବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ବ୍ୟବହାର କରିଥିଲେ ?
(କ)ଅୟଲର (ଖ)ରେନେ ଡେକାର୍ଟେ
(ଗ)ଫ୍ରାଙ୍କୋଏସ୍ ଭିଏତେ (ଘ)ଡାୟାଫାଣ୍ଟସ୍

୭.ପ୍ରଥମେ କିଏ ବୀଜଗଣିତରେ ସମୀକରଣ ଶବ୍ଦ ପ୍ରଚଳନ କରିଥିଲେ ?
(କ)ବ୍ରହ୍ମଗୁପ୍ତ (ଖ)ଆର୍ଯ୍ୟଭଟ୍ଟ (ଗ)ଭାସ୍କର (ଘ)ମାଧବ

୮.ଦୁଇ ଅଜ୍ଞାତ ରାଶି ବିଶିଷ୍ଟ ଏକଘାତୀ ସହସମୀକରଣଦ୍ୱୟ ସଙ୍ଗତ ଓ ସ୍ୱତନ୍ତ୍ର ହୋଇଥିଲେ, ଏମାନଙ୍କର କେତୋଟି ସମାଧାନ ଥାଏ ?
(କ)ଆଦୌ ନ ଥାଏ (ଖ)ଗୋଟିଏ (ଗ)ଦୁଇଟି (ଘ)ଅସଂଖ୍ୟ

୯. ଆଧୁନିକ ବୀଜଗଣିତର ସ୍ରଷ୍ଟା ରୂପେ କିଏ ପରିଚିତ ?
(କ)ରେନେ ଡେକାର୍ଟେର୍ଜ (ଖ)ଲେଇବନିତ୍ସ
(ଗ)ଅୟଲର (ଘ)ଫ୍ରାଙ୍କୋଏସ୍ ଭିଏତେ

୧୦.ସମୁଦ୍ର ଜଳର ଗଭୀରତା କେଉଁ ଏକକରେ ମାପ କରାଯାଇଥାଏ ?
(କ) ମିଟର (ଖ) ଫୁଟ (ଗ)ଫାଦମ୍ (ଖ)ଫର୍ଲଙ୍ଗ

## (୧୯) ସାଧାରଣ ବିଜ୍ଞାନ

୧. ସୌରଶକ୍ତିରୁ ସିଧାସଳଖ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ଉପକରଣଟି କ'ଣ ?
(କ)ସୌରପାତକ (ଖ)ସୌର ସେଲ୍
(ଗ)ସୌର ତାପକ (ଘ)ସୌର ରନ୍ଧକ

୨. ମହାକାଶଯାନ ପାଇଁ ଆବଶ୍ୟକ ବିଦ୍ୟୁତ୍ ଶକ୍ତି କେଉଥିରୁ ମିଳିଥାଏ ?
(କ)ଡାନିଏଲ୍ କୋଷ (ଖ)ଆଲୋକ-ବିଦ୍ୟୁତ୍ କୋଷ
(ଗ)ଶୁଷ୍କ କୋଷ (ଘ) ସୌର କୋଷ

୩. କେଉଁ ଉପକରଣରେ ବିଦ୍ୟୁତ୍‌ଶକ୍ତି ରାସାୟନିକ ଶକ୍ତିକୁ ରୂପାନ୍ତରିତ ହୋଇଥାଏ ?
(କ)ଭୋଲଟ ମିଟର (ଖ)ଭୋଲାଟା ମିଟର
(ଗ)ସରଳ ଭୋଲଟୀୟ ସେଲ୍ (ଘ)ବିଦ୍ୟୁତ୍ ସଂଚାୟକ ସେଲ

୪. ପୃଥିବୀର ପ୍ରଥମ ଜଳବିଦ୍ୟୁତ୍ କେନ୍ଦ୍ର କେଉଁଠାରେ ସ୍ଥାପିତ ହୋଇଥିଲା ?
(କ)ଜର୍ମାନୀ (ଖ)ସୁଇଜରଲ୍ୟାଣ୍ଡ (ଗ) ଇଂଲଣ୍ଡ (ଘ)ଇଟାଲି

୫. ନିମ୍ନଲିଖିତ କେଉଁ ମାପର ଏକକ ନଥାଏ ?
(କ) ସାନ୍ଦ୍ରତା (ଖ)ପୃଷ୍ଠତାନ (ଗ)ଆପେକ୍ଷିକ ସାନ୍ଦ୍ରତା (ଘ)ସ୍ପର୍ଶ କୋଣ

୬. ନିମ୍ନଲିଖିତ କେଉଁ ତରଳ ସାନ୍ଦ୍ରତା ସର୍ବାଧିକ ?
(କ)ଜଳ (ଖ)କିରୋସିନି (ଗ) ଗ୍ଲିସେରିନ୍ (ଘ)ପାରଦ

୭. ଲୁହା ଗୋଲିଟିଏ ପାଣିରେ ବୁଡ଼ିଯାଏ ମାତ୍ର ପାରଦରେ ଭାସେ । କାରଣ-
(କ)ପାରଦର ପୃଷ୍ଠତାନ ଅଧିକ
(ଖ)ପାରଦର ଆପେକ୍ଷିକ ସାନ୍ଦ୍ରତା ଲୁହାଠାରୁ ଅଧିକ
(ଗ)ପାରଦ ଲୁହାକୁ ବିକର୍ଷଣ କରେ
(ଘ)ଲୁହା ଓ ପାରଦ ମଧ୍ୟରେ ଆସଂଜକ ବଳ୍ କମଥାଏ ।

୮. ଧ୍ୱନି ତରଙ୍ଗ ବାୟୁ ମାଧ୍ୟମରୁ ଜଳ ମାଧ୍ୟମକୁ ପ୍ରବେଶ କଲେ ନିମ୍ନଲିଖିତ କେଉଁଥିରେ କୌଣସି ପରିବର୍ତ୍ତନ ଘଟେ ନାହିଁ ।
(କ)ପରିବେଗ (ଖ)ତରଙ୍ଗ ଦୈର୍ଘ୍ୟ (ଗ)ଆୟାମ୍ (ଘ)ଆବୃତ୍ତି

୯. ଜଣେ ମଧ୍ୟବୟସ୍କ ମଣିଷର ଶ୍ରବଣଯୋଗ୍ୟ ଧ୍ୱନିର ଆବୃତ୍ତି ବିସ୍ତାର କେତେ ?
(କ)୨୦ହର୍ସରୁ କମ୍ (ଖ)୨୦ରୁ୨୦,୦୦୦ହର୍ସ
(ଗ)୨୦,୦୦୦ହର୍ସରୁ ଅଧିକ (ଘ)କୌଣସିଟି ନୁହେଁ

୧୦. ତାପମାତ୍ରା ବୃଦ୍ଧି ସହିତ ଧ୍ୱନିର ବେଗ କିପରି ପ୍ରଭାବିତ ହୋଇଥାଏ ?
(କ)ହ୍ରାସ ପାଏ (ଖ)ପରିବର୍ତ୍ତିତ ହୁଏନାହିଁ
(ଗ)ବୃଦ୍ଧି ପାଏ (ଘ)ପ୍ରଥମେ ବୃଦ୍ଧି ପାଏ ପରେ ହ୍ରାସ ପାଏ

### ଉତ୍ତର

**୧.(କ)ଫୁଟ, ୨.(କ)ଇଂଲଣ୍ଡ, ୩.(ଘ)୧୭୬୦ଗଜ, ୪.(କ)୨୦୧ ମି., ୫.(କ)ଡାୟାଫାଣ୍ଟସ୍, ୬.(ଗ)ଫ୍ରାଙ୍କୋଏସ୍ ଭିଏତେ, ୭.(କ)ବ୍ରହ୍ମଗୁପ୍ତ, ୮.(ଖ)ଗୋଟିଏ, ୯.(ଘ)ଫ୍ରାଙ୍କୋଏସ୍ ଭିଏତେ, ୧୦.(ଗ)ଫାଦମ୍**

**୧.(ଖ)ସୌର ସେଲ୍, ୨.(ଘ)ସୌର କୋଷ, ୩.(ଖ) ଭୋଲାଟା ମିଟର, ୪.(ଗ)ଇଂଲଣ୍ଡ, ୫.(ଗ)ଆପେକ୍ଷିକ ସାନ୍ଦ୍ରତା, ୬.(ଗ)ପାରଦ, ୭.(ଖ)ପାରଦର ଆପେକ୍ଷିକ ସାନ୍ଦ୍ରତା ଲୁହାଠାରୁ ଅଧିକ, ୮.(ଘ)ଆବୃତ୍ତି, ୯.(ଖ)୨୦ରୁ୨୦,୦୦୦ହର୍ସ, ୧୦.(ଗ)ବୃଦ୍ଧି ପାଏ**



କର୍ମରତ ରହିବା ଭିତରେ ଯେଉଁ ଅପୂର୍ବ ସୁଖ ରହିଛି, ତା'ର ସ୍ୱାଦ ଆଳସ୍ୟ ପରାୟଣ ବ୍ୟକ୍ତି କଦାପି ଅନୁଭବ କରିପାରିବ ନାହିଁ ।- ଡେଭିଡ୍ ଥମାସ୍

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ବରଗଡ଼

୨. ଗଠନ - ତା.୧.୪.୧୯୯୩

୩. କ୍ଷେତ୍ରଫଳ - ୫୮୩୭ ବର୍ଗ.କି.ମି

୪. ଜନସଂଖ୍ୟା - ୧୪୭୮୮୩୩

(କ) ପୁରୁଷ - ୭୪୮୩୩୨

(ଖ) ମହିଳା - ୭୩୦୫୦୧

୫. ଉପଖଣ୍ଡ - ୦୨

୬. ତହସିଲ -୧୨(ବରଗଡ଼ ସଦର, ବରପାଲି, ଭେଡ଼େନ୍, ଅତାବିରା,ଭଟ୍‌ଲି, ଆମ୍ବଭୋନା, ବିଜେପୁର, ସୋହେଲା, ପାଇକମାଳ, ଝାରବନ୍ଧ, ଗାଇସିଲେଟ୍, ପଦ୍ମପୁର)

୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍)- ୧୨(ବରଗଡ଼ ସଦର, ବରପାଲି, ଭେଡ଼େନ୍, ଅତାବିରା, ଭଟ୍‌ଲି, ଆମ୍ବଭୋନା, ବିଜେପୁର, ସୋହେଲା, ପାଇକମାଳ, ଝାରବନ୍ଧ, ଗାଇସିଲେଟ୍, ପଦ୍ମପୁର)

୮. ଗ୍ରାମ ପଞ୍ଚାୟତ - ୨୪୮

୯. ଗ୍ରାମ - ୧୨୦୬

୧୦. ଥାନା - ୧୬

୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୧

୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୨

୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୫

(୧. ପଦ୍ମପୁର, ୨. ବିଜେପୁର, ୩. ବରଗଡ଼, ୪. ଆତାବିରା, ୫. ଭଟ୍‌ଲି)

୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୫୬୧୮୫(୯୪୬)

୧୫. ସାକ୍ଷରତା ହାର - ୭୫.୧୬%

୧୬.ପୁରୁଷ ସାକ୍ଷରତା ହାର - ୮୪.୨୮%

୧୭. ମହିଳା ସାକ୍ଷରତା ହାର - ୬୫.୮୪%

୧୮.ଜନସଂଖ୍ୟା ବୃଦ୍ଧି ହାର - ୯.୮୪ %

୧୯.ଜନସଂଖ୍ୟା ଘନତ୍ୱ - ୨୫୩ / ବର୍ଗ କି.ମି

୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୭୬

୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୮୪

୨୨. ନିଆଁଲିଭା କେନ୍ଦ୍ର - ୦୩

୨୩.ଲୋକସଭା ଆସନ ସଂଖ୍ୟା - ୦୧

୨୪ ଜଙ୍ଗଲ ଜମି - ୨୭୧୬.୮୨ ବର୍ଗ କି.ମି

୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୦°- ସର୍ବୋଚ୍ଚ ୪୪.୨°

୨୬. ସାଧାରଣ ବୃଷ୍ଟିପାତ - ୧୫୨୭.୦ ମି.ମି.

୨୭. ମୋଟର ଯାନ ପଞ୍ଜିକୃତ କୋଡ୍ - ଓ.ଡି.- ୧୭

୨୮.ପର୍ଯ୍ୟଟନସ୍ଥଳୀ - ଦେବୀଗଡ଼, ଗଇସୀମା, ଗଣିଆପଲ୍ଲୀ, ନୃସିଂହନାଥ, ବରପାଲି, ଚିଖିଲି

## ପର୍ବପର୍ବାଣୀ ଓ ମୁଖ୍ୟ ଦିବସ

### ଅକ୍ଟୋବର ୨୦୨୨

ତା୦୧ - ତପଷଷ୍ଠୀ, ପୀଠେ ଷଷ୍ଠ୍ୟାଦିକଳ୍ପାରମ୍ଭ, ପୀଠ ଦେବୀଙ୍କ ମହାସପ୍ତମୀ ପୂଜା

ତା୦୨ - ପୀଠଦେବୀଙ୍କ ମହାଷ୍ଟମୀ, ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାସପ୍ତମୀ ଭାଇଜିଉନ୍ତିଆ ଓଷା, ଫଳଥୁଆ

ତା୦୩ - ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ, ପୀଠଦେବୀଙ୍କ ମହାନବମୀ

ତା୦୪ - ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାନବମୀ ପୀଠଦେବୀଙ୍କ ଦଶହରା, ସୋମନାଥ ବ୍ରତ ଉଦ୍‌ଯାପନ, ଶରଣ ଆରମ୍ଭ

ତା୦୫ - ମୃଣ୍ମୟୀ ଦୁର୍ଗାଦେବୀଙ୍କ ଦଶହରା, ବିଜୟା ଦଶମୀ

ତା୦୬ - ପାପାଙ୍କୁଶା ଏକାଦଶୀ ଭଷାଣୀ ଲକ୍ଷ୍ମୀନାରାୟଣ ବ୍ରତ, ଶ୍ରୀରାଧା ଦାମୋଦର, ବେଶାରମ୍ଭ

ତା୦୮ - ଶରଣ ଶେଷ, ବେଢା

ତା୦୯ - ଚନ୍ଦ୍ରୋପବାସ କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା

ତା୧୦ - କାର୍ତ୍ତିକ ବ୍ରତୋପବାସ ଆରମ୍ଭ

ତା୧୬ - ମାସାନ୍ତ

ତା୧୭ - ତୁଳା(ଗର୍ଭଣା) ସଂକ୍ରାନ୍ତି

ତା୨୧ - ରମା ଏକାଦଶୀ

ତା୨୨ - ଗୋବତ୍ସା ଦ୍ୱାଦଶୀ

ତା୨୩ - ବେଢା ପୂଜା

ତା୨୪ - ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା

ତା୨୫ - ଖଣ୍ଡଗ୍ରାସ ସୂର୍ଯ୍ୟପରାଗ

ତା୨୬ - ଗୋବର୍ଦ୍ଧନ ମହୋତ୍ସବ

ତା୨୮ - ନାଗ ଚତୁର୍ଥୀ ବ୍ରତ

ତା୩୧ - ଶରଣ ଆରମ୍ଭ

ତା୦୧ - ବିଶ୍ୱ ପ୍ରୌଢ଼ ଦିବସ

ତା୦୨ - ଗାନ୍ଧି ଜୟନ୍ତୀ, ଅନ୍ତର୍ଜାତିକ ଅହିଂସା ଦିବସ ବିଶ୍ୱ ଅଧିକାର ଦିବସ

ତା୦୩ - (ପ୍ରଥମ ସୋମବାର) ବିଶ୍ୱ ବାସସ୍ଥାନ ଦିବସ ବିଶ୍ୱ ପ୍ରକୃତି ଦିବସ

ତା୦୪ - ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ

ତା୦୫ - ବିଶ୍ୱ ଶିକ୍ଷକ ଦିବସ

ତା୦୬ - ବିଶ୍ୱ ବନ୍ୟପ୍ରାଣୀ ଦିବସ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ

ତା୦୮ - ଭାରତୀୟ ବାୟୁସେନା ଦିବସ

ତା୦୯ - ବିଶ୍ୱ ପୋଷ୍ଟ ଅଫିସ୍ ଦିବସ ଉତ୍କଳମଣି ଗୋପବନ୍ଧୁ ଜନ୍ମ ଦିବସ

ତା୧୦ - ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଜାତୀୟ ଡାକ ଦିବସ

ତା୧୧ - ଜୟପ୍ରକାଶ ନାରାୟଣ ଜୟନ୍ତୀ ସହୀଦ୍ ବାଜିରାଉତ ଶ୍ରାଦ୍ଧ ଦିବସ ଜାତୀୟ ଧୂମପାନ ନିଷେଧ ଦିବସ ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ଅନ୍ତର୍ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ

ତା୧୩ - ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ତା୧୪ - ବିଶ୍ୱ ମାନକ ଦିବସ

ତା୧୫ - ବିଶ୍ୱ ହ୍ୱାଇଟ୍ କେନ୍ ଦିବସ (ଅନ୍ଧମାନଙ୍କୁ ମାର୍ଗଦର୍ଶନ) ବିଶ୍ୱ ଛାତ୍ର ଦିବସ

ତା୧୬ - ବିଶ୍ୱ ଖାଦ୍ୟ ଦିବସ

ତା୧୭ - ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ

ତା୨୦ - ସୀମାସୁରକ୍ଷାକର୍ମୀ ଦିବସ ରାଷ୍ଟ୍ରୀୟ ସୌହାର୍ଦ୍ଦ ଦିବସ ବିଶ୍ୱ ପରିସଂଖ୍ୟାନ ଦିବସ

ତା୨୨ - ଆଜାଦ ହିନ୍ଦ ଫୌଜ ଦିବସ

ତା୨୪ - ଜାତିସଂଘ ଦିବସ ବିଶ୍ୱ ବିକାଶ ସୂଚନା ଦିବସ

ତା୨୯ - ଜାତୀୟ ବିପର୍ଯ୍ୟୟ ଦିବସ

ତା୩୦ - ବିଶ୍ୱ ସଂଚୟ ଦିବସ

ତା୩୧ - ଜାତୀୟ ସଂହତି ଦିବସ ରାଷ୍ଟ୍ରିୟ ଏକତା ଦିବସ (ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ) ଜାତୀୟ ଏକୀକରଣ ଦିବସ (ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିରେ)



କାହାରି ପରାମର୍ଶ ନ ନେଇ ଯଦି କେହି କାମ କରେ, ସେ ସାଧାରଣତଃ ଶତକଡା ନବେ ଭୁଲ କରିବସେ। -ବେନ୍

# √ କୁସୁମ କୁମାରୀଙ୍କ ସ୍ମୃତିରେ...

ବ୍ୟକ୍ତିର ମୃତ୍ୟୁ ହୁଏ ମାତ୍ର ବ୍ୟକ୍ତିତ୍ୱର ନୁହେଁ। ଯଶ ଓ କୀର୍ତ୍ତି ସବୁଦିନ ପାଇଁ ବଞ୍ଚି ରହିଥାଏ। ମନୁଷ୍ୟ ମରଣଶୀଳ। କେହି ଭବରଙ୍ଗ ଭୂମିତଳେ ଅମର ହୋଇ ରହିପାରେ ନାହିଁ। ସମସ୍ତେ ନିଜ ନିଜର ଅଭିନୟ ଶେଷ କରି କାଳ କବଳରେ କବଳିତ ହୋଇଥାଆନ୍ତି। ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳାକୁ ମହମହ ବାସ୍ନାରେ ବାସ୍ନାୟିତ କରିଥିବା ମାହାଙ୍ଗା ବ୍ଲକର କେଉଟଖଣ୍ଡି ଗ୍ରାମରେ √ କୁସୁମ କୁମାରୀ ସାହୁଙ୍କର ତା ୧୫।୧୨।୧୯୫୭ ମସିହାରେ ବୃଷ ରାଶିରେ ଜନ୍ମ। ତାଙ୍କର ପିତାଙ୍କ ନାମ √ ଦୁର୍ଯ୍ୟୋଧନ ସାହୁ। ମାହାଙ୍ଗାରେ ଜନ୍ମ ଗ୍ରହଣ କରି √ ସାହୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଶିକ୍ଷା, ସାହିତ୍ୟ, ସଂସ୍କୃତି, ସମାଜସେବା କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଶହ ଶହ ଜନସାଧାରଣ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର, ଛାତ୍ରୀ, ବୁଦ୍ଧିଜୀବିମାନେ ଯେଭଳି ହତବାକ୍ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି ତାହା ତାଙ୍କ ଜୀବନର ସଫଳତାକୁ ପ୍ରମାଣ କରୁଛି।



√ ସାହୁ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ସେ ତାଙ୍କର ମାତାଙ୍କୁ ହରାଇଥିଲେ। ନାନା ଘାତ ପ୍ରତିଘାତ ମଧ୍ୟରେ ଲାଳିତପାଳିତ ହୋଇଥିଲେ। ତାଙ୍କର ପିତା ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ୩ଜଣ ଭଉଣୀ ଓ ୩ଜଣ ଭ୍ରାତା ଅଛନ୍ତି।

ସେ ବ୍ରହ୍ମଣମଣିଯୋରୀ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ସମାପ୍ତ କରିଥିଲେ ଏବଂ ୪ର୍ଥରୁ ୫ମ ଶ୍ରେଣୀ ପାଇକରାପୁର ପ୍ରାଥମିକଶିକ୍ଷା ବିଦ୍ୟାଳୟରେ ସମାପନ କରିଥିଲେ।

ସେ ରାମଚଣ୍ଡୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମେଧାବୀ ଛାତ୍ରୀଭାବେ ମେଧାବୃତ୍ତି ପାଇଥିଲେ। ସେ ବକ୍ତୃତା, ପ୍ରବନ୍ଧ, ସଂଗୀତରେ ପାରଦର୍ଶିତା ଲାଭ କରି ପୁରସ୍କୃତ ମଧ୍ୟ ହୋଇଥିଲେ। ରାମଚଣ୍ଡୀ ଉଚ୍ଚବିଦ୍ୟାଳୟରୁ ସେ କୃତିତ୍ୱ ହାସଲ କରି ସାଲେପୁର କଲେଜରୁ ରାଜନୀତି ବିଜ୍ଞାନ ସମ୍ମାନରେ ୧ମ ଶ୍ରେଣୀରେ ଡିଷ୍ଟିଙ୍କସନ ସହ ଉତ୍ତୀର୍ଣ୍ଣ ହୋଇଥିଲେ। ତା'ପରେ ଘରୋଇ ଭାବେ ବି.ଇ.ଡି ପରୀକ୍ଷା ଦେଇ କୃତିତ୍ୱ ହାସଲ କରିଥିଲେ।

ଚାକିରି କରିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ସେ ପ୍ରଥମେ ଟାଉନ୍ ତାରା ଉଚ୍ଚବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ତା୦୧।୦୧।୧୯୮୨ ରେ ଯୋଗଦେଇଥିଲେ। ତାପରେ ସେ ଯାଜପୁର ଜିଲ୍ଲାର ବ୍ରହ୍ମବରଦା ବାଳିକା ଉଚ୍ଚବିଦ୍ୟାଳୟ,ମଝିପଡ଼ା ଉଚ୍ଚବିଦ୍ୟାଳୟ,ମଧୁକେଶ୍ୱର ବିଦ୍ୟାପୀଠ, ଉତ୍ତାଙ୍ଗରା ଉଚ୍ଚବିଦ୍ୟାଳୟ, ଚାକିରି କରି ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟଠାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ।

√ ସାହୁ ୧୯୮୪ ମସିହା ମାର୍ଚ୍ଚ୧୨ ତାରିଖରେ ସିନ୍ଧୁପୁର ଗ୍ରାମରେ √ପରମାନନ୍ଦ ଖଟୁଆଙ୍କ ଜ୍ୟେଷ୍ଠପୁତ୍ର ଅଧ୍ୟାପକ ଯୁଧିଷ୍ଠିର ଖଟୁଆଙ୍କୁ ବୈଦିକ ମତେ ବିବାହ କରିଥିଲେ। ସେ ସ୍ୱାମୀଙ୍କୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ। ତାଙ୍କର ତିନୋଟି କନ୍ୟା ଯଥା-ଇଂ ମଧୁସ୍ମିତା ପ୍ରିୟଦର୍ଶୀନୀ ଖଟୁଆ, ଇଂ ପ୍ରତୀକ୍ଷା ପ୍ରିୟଦର୍ଶୀନୀ ଖଟୁଆ, ଇଂ ଇପସିତା ପ୍ରିୟଦର୍ଶୀନୀ ଖଟୁଆ, ପୁତ୍ର ବିଶ୍ୱକେଶନ ଖଟୁଆ ଅଛନ୍ତି। ଅଧ୍ୟାପକ ଡ.ରଶ୍ମିରଞ୍ଜନ ନାଥ ତାଙ୍କର ଧର୍ମପୁତ୍ର।

ସେ ତାଙ୍କର ସ୍ୱାମୀ ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କୁ ଶିକ୍ଷକ ସଂଗଠନ, ସାଂସ୍କୃତିକ, ସାମାଜିକ କାର୍ଯ୍ୟରେ ସହଯୋଗ କରିଥିଲେ। ସେ ସର୍ବଗୁଣ ସଂପନ୍ନା ଥିଲେ। ଶିକ୍ଷକନେତା ପ୍ରଫେସର ଖଟୁଆଙ୍କ ସମସ୍ତ ସଂଗଠନ ତଥା ସମାଜସେବା କ୍ଷେତ୍ରରେ ତାଙ୍କର ସଂପୂର୍ଣ୍ଣ ସମର୍ଥନ ଥିଲା।

ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଦକ୍ଷ ପ୍ରଧାନ ଶିକ୍ଷୟିତ୍ରୀ, ଛାତ୍ର ବତ୍ସଳ ଶିକ୍ଷୟିତ୍ରୀ, ସୁ ସାହିତ୍ୟକା ଥିଲେ। ମଧୁକେଶ୍ୱର ବିଦ୍ୟାପୀଠରେ ଉନ୍ନତି କରଣରେ ତାଙ୍କର ବିଶେଷ ଅବଦାନ ଥିଲା। ଅବସର ଗ୍ରହଣ କରିଥିବା ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ତାଙ୍କ ଚାକିରୀ କାଳରେ ନୂତନ ପକ୍କାଗୃହ, ବଗିଚା, ଗାନ୍ଧି ଓ ଗୋପବନ୍ଧୁ ମୂର୍ତ୍ତୀ ସ୍ଥାପନ, 'ପ୍ରତିଭା' ପତ୍ରିକା ପ୍ରକାଶନ କରିଥିଲେ। ଦୂରତ୍ୱ ମାପକାଠିରେ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟ ସହିତ ବାଳିକା ଉଚ୍ଚ ବିଦ୍ୟାଳୟର ମିଶ୍ରଣ ନହେବା ଥିଲା ତାଙ୍କର ବିଶେଷ ଅବଦାନ।

√ସାହୁ ତା ୩୧।୧୨।୨୦୧୭ ରେ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ୨୦୨୧ ମସିହା ଡିସେମ୍ବର ୨୫ ତାରିଖରେ ସେ ହଠାତ୍ ଅସୁସ୍ଥ ହୋଇପଡି ହାଇଟେକ୍ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ଡ଼ାଇବେଟିସ, ଉଚ୍ଚରକ୍ତଚାପ ପ୍ରଭୃତି ରୋଗରେ ଆକ୍ରାନ୍ତ ହୋଇଥିଲେ।ତା ୦୨।୦୧।୨୦୨୨ ରିଖରେ ସେ ଚିକିତ୍ସାଳୟରୁ ଆସି ନଖରାସ୍ଥିତ ବାସଗୃହରେ ଚିକିତ୍ସିତ ହେଉଥିଲେ। ସେ ପୁଣି ଅସୁସ୍ଥ ହେବାରୁ ୨୧ ସେପ୍ଟେମ୍ବର ରେ ହାଇଟେକ ଆଡ୍‌ମିଶନ ହେଲେ। ସୁସ୍ଥ ହୋଇ ସେହିଦିନ ନଖରା ବାସଗୃହକୁ ଫେରି ଚିକିତ୍ସିତ ହେଲେ। ୨୪ ସେପ୍ଟେମ୍ବରରେ ଅପରାହ୍ନ ୫ଟାରେ ପ୍ରବଳ ବର୍ଷା ସାଙ୍ଗକୁ ୩୦ମିନିଟ୍ ଉର୍ଦ୍ଧ୍ୱ ସମୟ ଘଡ଼ଘଡ଼ି ମାରିଲା। √ ସାହୁ ତାଙ୍କ ସ୍ୱାମୀଙ୍କୁ ଇନଭରଟରର ବନ୍ଦ ପାଇଁ କହିଲେ। ଇନଭରଟର ବନ୍ଦ ହେବାପରେ ପୁନରାୟ ଘଡ଼ଘଡ଼ି ମାରିଲା। √ ସାହୁ ଛାତିରେ ଯନ୍ତ୍ରଣା ଅନୁଭବ କରି ସନ୍ଧ୍ୟା ୫ଟା୩୦ମିନିଟ୍ ରେ ଇହଲୀଳା ସମ୍ବରଣ କଲେ।

ସେହି ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛି।

**ଡ. ରଶ୍ମିରଞ୍ଜନ ନାଥ**



କହି ନକରିବା ଅପେକ୍ଷା, ନକହି କରିଯିବାଟା ହିଁ ପ୍ରକୃତ ମନୁଷ୍ୟର କର୍ତ୍ତବ୍ୟ। - ଡ୍ୱାରଉଇନ୍

# ଆମରି ସତ୍ୟ

## ଦ୍ୱାଦଶତମ ବାର୍ଷିକ ଉତ୍ସବ - ୨୦୨୨

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା - ତା୧୮.୯.୨୦୨୨ରିଖ







## ଶ୍ରଦ୍ଧାଞ୍ଜଳି












✓ କୁସୁମ କୁମାରୀ ସାହୁ
ଜନ୍ମ - ୧୫.୧୨.୧୯୫୭
ଦେହାନ୍ତ -୨୪.୦୯.୨୦୨୨

**ଶୋକାକୁଳ ପରିବାରବର୍ଗ** : **ସ୍ୱାମୀ** - ଡ. ଯୁଧିଷ୍ଠିର ଖଟୁଆ, **ପୁତ୍ର** - ବିଶ୍ୱକେଶନ ଖଟୁଆ, ଡ. ରଶ୍ମିରଞ୍ଜନ ନାଥ, **କନ୍ୟା** - ଇଂ. ମଧୁସ୍ମିତା ପ୍ରୟଦର୍ଶିନୀ ଖଟୁଆ, ଇଂ. ପ୍ରତୀକ୍ଷା ପ୍ରୟଦର୍ଶିନୀ ଖଟୁଆ ଏବଂ ଇଂ. ଇପସିତା ପ୍ରୟଦର୍ଶିନୀ ଖଟୁଆ, **ବୋହୂ** - ସନ୍ଧ୍ୟାରାଣୀ ନାଥ, **ଜ୍ୱାଇଁ** - ବିକାଶ ଖଟୁଆ, ସନ୍ଦୀପ ବିଶ୍ୱାଳ,

Volume - 13 • Issue No. 04 • Monthly • October 2022 • Pages - 36 • RNI Regn. No. ODI/ODI/2010/350521 • Postal Regd. No. PURI-33/2022-24

KHORDHA

# Introducing First ever in Odisha

*Special Coaching for*

# NDA ASPIRANTS

*Collaboration With*

**Senior Ex-Defence Officers from Indian Army**
**Indian Airforce & Indian Navy**

## Coaching Commencement from 3rd October 2022



# ARYAVART ANCIENT ACADEMY

*Knowledge is Eternal*

**For Inquiry Call : 9124652776**

Visit us : www.aaaschool.in


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From To.

AMARISATYA

M-1/5, M.P.H.B. Colony
Post- P.N. College,
Dist-Khurda, Pin-752057